# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# e-ପତ୍ରିକା

ଅଷ୍ଟମ ସଂଖ୍ୟା ୧ ଫେବୃୟାରୀ ୨୦୨୩



Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com

Email : cspursahityasansad@gmail.com

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଅଷ୍ଟମ ସଂଖ୍ୟା
୧ ଫେବୃୟାରୀ ୨୦୨୩

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ପ୍ରଫେସର ଅଶୋକ କୁମାର ମହାନ୍ତି
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
ବିଦ୍ୟାଧର ଗୁରୁ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜ୍ଡ)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com
www.newtracreations.com

**Patron:**
Prof. Avaya Kumar Behera
Prof. Ashok Kumar Mohanty
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Bidyadhar Guru
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com
www.newtracreations.com

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଡକ୍ଟର୍ ହୁସେନ୍ ରବିଗାନ୍ଧି**

ଆବିର୍ଭାବ : ୨୩.୦୪.୧୯୪୮

ତିରୋଧାନ : ୨୮.୦୨.୨୦୨୩

**ବିଶିଷ୍ଟ ସାହିତ୍ୟିକ ଡକ୍ଟର୍ ହୁସେନ୍ ରବିଗାନ୍ଧିଙ୍କ ବିୟୋଗ ରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ମାସିକ ଡିଜିଟାଲ୍ ପତ୍ରିକା 'ଇ-ପତ୍ରିକା' ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।**

## ସମ୍ପାଦକୀୟ...



# ମାନବୀୟ ଗୁଣାବଳୀର ଦ୍ୟୁତି

ମଣିଷର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଘଟିବା ସୁସ୍ଥ ତଥା ବିକଶିତ ସମାଜ ପାଇଁ ନିହାତି ଜରୁରୀ । କୁହାଯାଇଥାଏ ଅନ୍ତର୍ନିହିତ ଗୁଣର ବିକାଶ ଶିକ୍ଷା/ଅଧ୍ୟୟନ ଓ ସାଧନା ବଳରେ ହିଁ ହୋଇଥାଏ । ସମାଜରେ ଏପରି ଏକ ଅଶୁଭ ଶକ୍ତିର ଉଦ୍‌ଭବ ଦୀର୍ଘ ଅତୀତରୁ ହୋଇ ଆସିଛି ଯେ, ଏହି ଶକ୍ତି କତିପୟଙ୍କୁ ନିଜର ଅନ୍ତର୍ନିହିତ ଗୁଣକୁ ପ୍ରକାଶ କରିବାକୁ ସୁଯୋଗ ଦେଇଥାଏ ଏବଂ ଅନ୍ୟମାନଙ୍କୁ ଅର୍ଥାତ୍ ବୃହତ୍ ସଂଖ୍ୟକ ଜନଗଣଙ୍କୁ ଏଥିରୁ ବଞ୍ଚିତ କରି ରଖିଥାଏ । ଯେପରି ବେଦ ପାଠ ଓ ଶ୍ରବଣ ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଅଧିକାର ଥିଲା । ଆଜିର ଯୁଗରେ ମଧ ଶିକ୍ଷାର ବର୍ଗୀକରଣ ମାଧମରେ ବିଶାଳ ଅଂଶର ଜନତାଙ୍କୁ ଏଥିରୁ ବଞ୍ଚିତ କରାଯାଇଛି ।

ପ୍ରଶ୍ନ ଉଠୁଛି ଯେଉଁମାନେ ଶିକ୍ଷାର ସୁଯୋଗ ପାଉଛନ୍ତି, ତାହା କ'ଣ ଗୁଣାତ୍ମକ ଶିକ୍ଷା ? ଶିକ୍ଷା ପାଇଥିବା ବ୍ୟକ୍ତିମାନେ କ'ଣ ନିଜର ଓ ସମାଜର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ? ଏମାନେ କ'ଣ ନିଜର ଅନ୍ତର୍ନିହିତ ଗୁଣକୁ ସମାଜ ସଂସ୍କାର ଦିଗରେ ଲଗାଇ ପାରୁଛନ୍ତି ? ଅବା ବ୍ୟକ୍ତି ସ୍ୱାର୍ଥରେ ଏହାକୁ ଉପଯୋଗ କରୁଛନ୍ତି ? ଏ ପ୍ରସଂଗରେ ଅଧିକ ରୁ ଅଧିକ ଆଲୋଚନା ଓ ପର୍ଯ୍ୟାଲୋଚନା ହେବା ସହିତ ଏହାର ନିଷ୍କର୍ଷକୁ ସମାଜ ଆଗରେ ତୋଳି ଧରିବାର ଆବଶ୍ୟକତା ରହିଛି ।

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ପକ୍ଷରୁ ଏକ କ୍ଷୁଦ୍ର ପ୍ରୟାସ କରାଯାଇ ଆସୁଛି ଏହି ଅନ୍ତର୍ନିହିତ ଗୁଣାବଳୀକୁ ପରିପ୍ରକାଶ କରିବା ପାଇଁ । ମାସିକ "ଇ-ପତ୍ରିକା" ହେଉଛି ଏହି ଉଦ୍ୟମର ଏକ ଅଂଶ ବିଶେଷ ।

ଆସନ୍ତୁ ଏହି କାର୍ଯ୍ୟକୁ ଆଗକୁ ସଂପ୍ରସାରିତ କରିବା ପାଇଁ ନିଜ ସଦିଚ୍ଛା ପ୍ରକଟ କରିବା ସହିତ ସହଯୋଗର ହାତ ଅକୃପଣ ଭାବେ ବଢ଼ାଇବା ।

■■■

**ସରୋଜ କୁମାର ଶତପଥୀ**
**ସମ୍ପାଦକ**




# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୪ |
| | **ବ୍ୟାକରଣ ବିଭାଗ** | | |
| ୨. | ସର୍ବନାମ | ଡ. ଦେବାଶିଷ ମହାପାତ୍ର | ୦୮ |
| | **ଗଦ୍ୟ ବିଭାଗ** | | |
| ୩. | ବିଦଗ୍ଧ ଚିନ୍ତାମଣିରେ ' ବର୍ଣ୍ଣ ବୈଚିତ୍ର୍ୟ ଅଳଙ୍କାର' | କବି ପ୍ରଭାକର | ୧୧ |
| ୪. | ସତରେ ବାପା, ତୁମେ କେତେ ମହାନ ! | ଡା. ଘନଶ୍ୟାମ ଜୈନ | ୧୫ |
| ୫. | ହିନ୍ଦୁ ସନାତନ ଧର୍ମରେ 'କପାଳ କ୍ରିୟା' ଏକ ବୈଜ୍ଞାନିକ ଦୃଷ୍ଟିକୋଣ | ମୀନୁ ହୋତା | ୧୭ |
| ୬. | ସ୍ମୃତିର ପାଦଚିହ୍ନ | ଗଗନ ବିହାରୀ ନାୟକ | ୧୯ |
| ୭. | ସିଦ୍ଧି ନୁହେଁ ପ୍ରସିଦ୍ଧି | ଶଶାଙ୍କ ଶେଖର ମିଶ୍ର | ୨୩ |
| ୮. | ମାତୃଭକ୍ତି | ମନୋରମା ମିଶ୍ର | ୨୪ |
| ୯. | ବିଶେଷ ସୁବିଧା | ଅଞ୍ଜଳି ଆଚାର୍ଯ୍ୟ | ୨୫ |
| ୧୦. | ଦାମ୍ପତ୍ୟ | ବିନୋଦିନୀ ଗଉଡ଼ | ୨୬ |
| ୧୧. | ରମେଶ ସାର୍ : ଏକ ଆଲୋକିତ ଅନୁଷ୍ଠାନ | ଶମ୍ଭୁନାଥ ରାଉଳ | ୨୭ |
| ୧୨. | ସ୍ରୋତର ପ୍ରତିକୂଳରେ | ପ୍ରଫେସର ବିଷ୍ଣୁପ୍ରିୟା ଓତା | ୩୧ |
| ୧୩. | ଦୋକାନ ଖୋଲା ଅଛି ! | ଛନ୍ଦା ମିଶ୍ର | ୩୩ |
| | **ପଦ୍ୟ ବିଭାଗ** | | |
| ୧୪. | ପ୍ରଜ୍ଞା ପୁରୁଷ | ବସନ୍ତ ମାଝୀ | ୩୭ |
| ୧୫. | ଫଗୁଣ | ଅନୁସୂତା ସିଂ ଦେଓ | ୩୮ |
| ୧୬. | ବସନ୍ତର ଆଗମନ | ସ୍ୱର୍ଣ୍ଣଲତା ମହାପାତ୍ର | ୩୯ |
| ୧୭. | ବସନ୍ତର ବାସନ୍ତିକା | ମାନଗୋବିନ୍ଦ ବାରିକ | ୪୦ |
| ୧୮. | ଫାର୍ମିଂଟନ୍ ପର୍ବତରେ ସକାଳ (୨) | ପ୍ରଫେସର ଅଶୋକ ମହାନ୍ତି | ୪୧ |
| ୧୯. | ଓଡ଼ିଶା ଓ ହକି | ଶୁଭଶ୍ରୀ ସିଂ | ୪୨ |
| ୨୦. | ନାରୀର ଜୀବନ | ରୀତା ମିଶ୍ର | ୪୩ |
| ୨୧. | ଝିଅ | ଗୀତା ପଟ୍ଟନାୟକ | ୪୪ |
| ୨୨. | ଫଗୁଣ ! ତୁ' ମୋତେ ଆଉ ଚାହାଁନା | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୪୫ |
| ୨୩. | ସ୍ୱର୍ଗ | ଯଶୋବନ୍ତ ସେଠୀ | ୪୬ |
| ୨୪. | ସରଗପରୀ | ବିଦ୍ୟାଧର ଗୁରୁ | ୪୭ |
| ୨୫. | କିଛି ଭାବନା... ଅଯୌକ୍ତିକ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୪୮ |
| ୨୬. | ମଧୁମୟୀ ସନ୍ଧ୍ୟା | ବାସନ୍ତି ବାରିକ | ୪୯ |
| ୨୭. | ରଚିବି ମୁଁ ଇତିହାସ | ବିପିନ୍ ମହାନ୍ତି | ୫୦ |
| ୨୮. | ଅସ୍ଥିରତା | ସରୋଜ କୁମାର ଶତପଥୀ | ୫୧ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୯. | ସମୟ ତ ଲାଗିବ ! | ମୋହନ ମଜୀଠିଆ | ୫୨ |
| ୩୦. | ସ୍ୱାର୍ଥ ପାଇଁ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୫୩ |
| ୩୧. | ନାୟକ | ଯୋଗେଶ ମିଶ୍ର | ୫୪ |
| ୩୨. | ଦୁଇ | ବିରଞ୍ଚି ମିଶ୍ର | ୫୫ |
| ୩୩. | ତଥାପି ଆଶା | ଯଜ୍ଞଦତ୍ତ ସାମନ୍ତରାୟ | ୫୬ |
| ୩୪. | ମଦର୍ ଟେରେସା | ରେଣୁବାଳା ଦଳାଇ | ୫୭ |
| ୩୫. | ଶୀତର ସନେଟ୍ | ଶ୍ରୀ କୁଞ୍ଜବିହାରୀ ସାହୁ | ୫୮ |
| ୩୬. | ଜୀବନ ଡଙ୍ଗା | ଅଧ୍ୟାପକ ଅଜୟ ପଟ୍ଟନାୟକ | ୫୯ |
| ୩୭. | ମାଟି | ଡକ୍ଟର୍ ପ୍ରବୀଣା ପରିଡ଼ା | ୬୦ |
| ୩୮. | ଅଛବ | କ୍ଷଣପ୍ରଭା ମହାନ୍ତି | ୬୧ |
| ୩୯. | ତୁମ ହସ | ବୀରେଶ୍ୱର ମହାନ୍ତି | ୬୨ |
| ୪୦. | ବ୍ୟାସକବି ଫକୀର ମୋହନ ସେନାପତି | ଗୀତାଞ୍ଜଳି ସ୍ୱାଇଁ | ୬୩ |
| ୪୧. | ଚାରୋଟି ଚୌପଦୀ | ନିହାରୀକା ରାୟ ବରାଳ | ୬୪ |
| ୪୨. | କବି | ନୀଳମଣି ଚାନ୍ଦ | ୬୫ |
| ୪୩. | ଶୁଇ ତ' ଦେ ! (କୋଶଲୀ କବିତା) | ନୀରଜ ଦାଶ ଶର୍ମା | ୬୬ |
| ୪୪. | ନୀଳ ନିରିଜନ | ଶ୍ରୀମତୀ ବସନ୍ତ ମିଶ୍ର | ୬୭ |
| ୪୫. | ଯୁଦ୍ଧ | ପ୍ରଜ୍ଞା ମହାନ୍ତି | ୬୮ |
| ୪୬. | ହସର ବେଦନା | ମମତାବାଳା ହୋତା | ୬୯ |
| ୪୭. | ମୁଁ ନାରୀ | କବିତା ନାୟକ | ୭୦ |
| ୪୮. | ତଥାପି ପାହୁ ନଥିବା ରାତି | ମନୋରମା ସାହୁ | ୭୧ |
| ୪୯. | ଓଲଟ ଚଉତିଶା 'କ୍ଷ' ରୁ 'କ' | ପ୍ରସନ୍ନ କୁମାର ଦାସ | ୭୨ |
| ୫୦. | ବନ୍ଧୁ | ଶ୍ରୀମତୀ ଶୁଭ୍ରା ନନ୍ଦ | ୭୩ |
| ୫୧. | ରାଗର ରାଗିଣୀ | ସ୍ମିତା ରଥ | ୭୪ |
| ୫୨. | ମନ୍ଦ ମଳୟ | ପ୍ରବାସିନୀ ମିଶ୍ର | ୭୫ |
| ୫୩. | ଜୀବନ ପଥେ | ଡ. ମନୋରଞ୍ଜନ ବିଶୋୟୀ | ୭୬ |
| ୫୪. | ସବୁ ତ ବାକି ଅଛି | ପୁଷ୍ପାଞ୍ଜଳି ପଣ୍ଡା | ୭୭ |
| ୫୫. | ସ୍ମୃତି | କରିସ୍ମା ତ୍ରିପାଠୀ | ୭୮ |
| ୫୬. | ଡାକ | ଧ୍ରୁବଚରଣ ଘିବେଲା | ୭୯ |

# ବ୍ୟାକରଣ ବିଭାଗ



# ସର୍ବନାମ

ଡ. ଦେବାଶିଷ ମହାପାତ୍ର



ବିଶେଷ୍ୟର ଅର୍ଥ ନାମ। ଏହି ନାମ ବା ବିଶେଷ୍ୟ ବଦଳରେ ଯେଉଁ ପଦ ବ୍ୟବହାର କରାଯାଏ ତାହା ସର୍ବନାମ। 'ସର୍ବନାମ' ସବୁରି ନାମ ଅର୍ଥରେ ବ୍ୟବହାର ହୁଏ । ବାକ୍ୟକୁ ସରଳ ଓ ସାବଲୀଳ କରିବା ପାଇଁ ସର୍ବନାମର ବ୍ୟବହାର କରାଯାଏ। ଆମେ କହିପାରିବା ଯେ, ଓଡ଼ିଆରେ ସର୍ବନାମ ପଦ ଅନ୍ୟ କୌଣସି ପଦ, ବାକ୍ୟାଂଶ ବଦଳରେ ବ୍ୟବହାର ହୋଇଥାଏ। ସର୍ବନାମ ବିଭିନ୍ନ ପ୍ରକାରର, ଯେମିତିକି -

କ) ବ୍ୟକ୍ତିବାଚକ- ମୁଁ, ତୁ, ତୁମେ, ଆମେ, ଆପଣ ।
ଖ) ନିର୍ଦ୍ଦେଶସୂଚକ- ଏ, ଏହି, ସେ, ସେହି, ଏହା, ତାହା ।
ଗ) ପ୍ରଶ୍ନସୂଚକ- କିଏ, କାହାକୁ, କ'ଣ ।
ଘ) ନିର୍ଣ୍ଣୟସୂଚକ- ସବୁ, ସମସ୍ତ, ଅନ୍ୟ, ଆଉ, ଉଭୟ ।
ଙ) ସମ୍ବନ୍ଧସୂଚକ- ଯେତେ...ସେତେ, ଯାହାର...ତାହାର, ଯାହାକୁ....ତାହାକୁ ।

## ସର୍ବନାମ ରୂପ

| | |
|---|---|
| ପ୍ରଥମ ପୁରୁଷ ଏକବଚନ- | ମୁଁ, ମୋତେ, ମୋ' ଦ୍ୱାରା, ମୋ'ଠାରୁ, ମୋ'ର, ମୋ'ଠାରେ । |
| ପ୍ରଥମ ପୁରୁଷ ବହୁବଚନ- | ଆମେ, ଆମେମାନେ, ଆମକୁ, ଆମମାନଙ୍କୁ, ଆମ ଦ୍ୱାରା, ଆମମାନଙ୍କଦ୍ୱାରା, ଆମଠାରୁ, ଆମମାନଙ୍କଠାରୁ, ଆମମାନଙ୍କର, ଆମଠାରେ, ଆମମାନଙ୍କଠାରେ । |
| ଦ୍ୱିତୀୟ ପୁରୁଷ ଏକବଚନ - | ତୁ, ତୁମେ, ଆପଣ, ତୋତେ, ତୁମକୁ, ଆପଣଙ୍କୁ, ତୋ'ଦ୍ୱାରା, ତୁମଦ୍ୱାରା, ଆପଣଙ୍କଦ୍ୱାରା, ତୋ'ଠାରୁ, ତୁମଠାରୁ, ଆପଣଙ୍କଠାରୁ, ତୋ'ର, ତୁମର, ଆପଣଙ୍କର,ତୋ'ଠାରେ, ଆପଣଙ୍କଠାରେ । |
| ଦ୍ୱିତୀୟ ପୁରୁଷ ବହୁବଚନ- | ତୁମେମାନେ, ଆପଣମାନେ, ତୁମମାନଙ୍କୁ, ଆପଣମାନଙ୍କୁ, ତୁମମାନଙ୍କଦ୍ୱାରା, ଆପଣମାନଙ୍କ ଦ୍ୱାରା, ତୁମମାନଙ୍କଠାରୁ, ଆପଣମାନଙ୍କଠାରୁ, ତୁମମାନଙ୍କର, ଆପଣମାନଙ୍କର, ତୁମମାନଙ୍କଠାରେ, ଆପଣମାନଙ୍କଠାରେ । |
| ତୃତୀୟ ପୁରୁଷ ଏକବଚନ- | ସେ, ତାହା, ଏ, ଏହା, ତାକୁ, ଯାକୁ, ଯାଙ୍କୁ, ତଦ୍ୱାରା, ତାଙ୍କଦ୍ୱାରା, ଏହାଦ୍ୱାରା, ଏହାଙ୍କଦ୍ୱାରା, ତା'ଠାରୁ, ତାଙ୍କଠାରୁ, ଏହାଠାରୁ, ଏହାଙ୍କଠାରୁ, ତା'ର, ତାଙ୍କର, ଯାର, ଯାଙ୍କର, ଯାଙ୍କଠାରେ ତା'ଠାରେ, ତାଙ୍କଠାରେ, ଯା'ଠାରେ, ଯାଙ୍କଠାରେ । |
| ତୃତୀୟ ପୁରୁଷ ବହୁବଚନ- | ସେମାନେ, ଏମାନେ,ଏଗୁଡ଼ିକ, ସେଗୁଡ଼ିକ, ସେଗୁଡ଼ିକୁ, ଏମାନଙ୍କୁ, ଏମାନଙ୍କଠାରେ,ଏଗୁଡ଼ିକୁ, ସେମାନଙ୍କଦ୍ୱାରା, ସେଗୁଡ଼ିକ ଦ୍ୱାରା, ଏମାନଙ୍କ ଦ୍ୱାରା, ଏଗୁଡ଼ିକ ଦ୍ୱାରା । |

ବାକ୍ୟରେ ସର୍ବନାମର ଉଦାହରଣ-

କେଉଁ ନାମ ଧରି ଡାକିବି ତୁମକୁ, ତୁମେ ଯେ ସର୍ବନାମ ।
ଭବିତବ୍ୟ ଯାହା ଅବଶ୍ୟ ଘଟିବ କେ କରିପାରିବ ଆନ ।
ଯେଣେ ଇଚ୍ଛା ତେଣେ ଯା', କର୍ମଘେନି ବୁଲୁଥା ।
ମୋ' ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।
ଅନେକ ଲୋକ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି ।

ବାକ୍ୟଗଠନ  ଆଧାରରେ ଓଡ଼ିଆ ଶବ୍ଦଶ୍ରେଣୀ ଅନ୍ତର୍ଗତ ସର୍ବନାମ, ବିଶେଷ୍ୟ ବଦଳରେ ବ୍ୟବହାର କରାଯାଏ । ବାକ୍ୟର ଦୁଇ ମୁଖ୍ୟ ଭାଗ- କର୍ତ୍ତାଭାଗ ଓ କ୍ରିୟାଭାଗ। କର୍ତ୍ତା ଭାଗରେ ବିଶେଷ୍ୟ, ବିଶେଷଣ ଓ ସର୍ବନାମ ଅନ୍ତର୍ଗତ । ବିଶେଷ୍ୟ ଭଳି ସର୍ବନାମରେ ବି ବଚନ, କାରକ ଓ ବିଭକ୍ତି ଯୋଗ ହେଇଥାଏ । ବିଶେଷ୍ୟର ବ୍ୟାକରଣଗତ ପୁରୁଷ  ଭେଦ ନଥିବାବେଳେ ସର୍ବନାମର ପୁରୁଷ ଭେଦ ରେ ସାମାଜିକ  ସଂପର୍କ ପ୍ରକାଶ ପାଇଥାଏ। ସର୍ବନାମର ଦୁଇ ମୁଖ୍ୟ ରୂପ ପ୍ରତ୍ୟକ୍ଷ ସର୍ବନାମ ଓ ବିକଳ୍ପ ସର୍ବନାମ । ପ୍ରତ୍ୟକ୍ଷ ସର୍ମନାମ ସହ । ବଚନ ଓ ପୁରୁଷ ଯୋଗ ହେବାବେଳେ କାରକ ଓ ବିଭକ୍ତି ଯୋଗ ହୋଇନଥାଏ । ତେବେ, ସର୍ବନାମର ବିକଳ୍ପରୂପ ସହ ବଚନ, କାରକ ଓ ବିଭକ୍ତି ଯୋଗ କରାଯାଏ। ଯେମିତିକି କ) ପ୍ରତ୍ୟକ୍ଷ ସର୍ବନାମ+ବଚନ+ପୁରୁଷ ଖ) ବିକଳ୍ପ ସର୍ବନାମ ବଚନ+ପୁରୁଷ+କାରକ/ ବିଭକ୍ତି ବିଶେଷ୍ୟର  ବିଶେଷଣ ଭାବରେ  ଅବସ୍ଥାପିତ କେତେକ ସର୍ବନାମ ରୂପକ ଶବ୍ଦ ରୂପ  ହେଉଛି  ସାର୍ବନାମିକ ବିଶେଷଣ। ଯଥା: ପରିମାଣାତ୍ମକ (ଏତେ, ସେତେ), ସାପେକ୍ଷ ସୂଚକ(ଯେତେ, ସେତେ), ସମୟ ସୂଚକ (ଏବେ, ଯେବେ), ପ୍ରଶ୍ନସୂଚକ (କାହିଁ, କେଡ଼େ) ସାଦୃଶ୍ୟାତ୍ମକ (ଏପରି, ସେପରି), ଆକାର ସୂଚକ (ଏଡ଼େ, ସେଡ଼େ), ସ୍ଥାନସୂଚକ (ଯହିଁ, ତହିଁ) ଦିଗସୂଚକ (ଏଆଡ଼େ, ସେଆଡ଼େ) ଇତ୍ୟାଦି । ସର୍ବନାମର  କାରକ ସମ୍ବନ୍ଧ ଅଛି । ବାକ୍ୟଗଠନ  ଆଧାରରେ ଓଡ଼ିଆ ସର୍ବନାମର, ପା*ଟିକାରକ ଭିତରୁ କର୍ତ୍ତାକାରକରେ ପ୍ରତ୍ୟୟ ଯୋଗ ହୁଏନାହିଁ। ଅନ୍ୟ ଚାରିଟି କାରକରେ- କର୍ମକାରକ(କୁ, ଙ୍କୁ, ମାନଙ୍କୁ), ଅପାଦାନ କାରକ (ରୁ, ଠାରୁ, ମାନଙ୍କଠାରୁ) ।

ସର୍ବନାମର ବିକଳ୍ପରୂପ ସହ ପ୍ରାଣୀବାଚକ ଅପ୍ରାଣୀବାଚକ ଏବଂ ଏକବଚନ ଓ ବହୁବଚନ ଭେଦରେ ବିଭକ୍ତି ପ୍ରତ୍ୟୟ ଯୋଗ ହୁଏ । ଯେମିତିକି- ମୋ’ ପାଇଁ, ସେମାନଙ୍କ ଦ୍ୱାରା, ଏହାଛଡ଼ା, ତୁମ ଭିତରେ, ମୋ’ପଛରେ, ତା’ ତଳକୁ ଇତ୍ୟାଦି।

■■■

ଓଲ୍ଡ ଟାଉନ୍ , ଭୁବନେଶ୍ୱର

**ଭାଷା, ସାହିତ୍ୟ ଓ ସଂସ୍କୃତି ର ବିକାଶ ଦିଗରେ**

**ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବିଭିନ୍ନ ପ୍ରଗତିମୂଳକ ପଦକ୍ଷେପ**

ଚିହ୍ନ ଆଲାପ ମାନବୀ ଅଙ୍କୁର

ଇପତ୍ରିକା

# ଗଦ୍ୟ ବିଭାଗ



## ଆଲୋଚନା

# ବିଦଗ୍ଧ ଚିନ୍ତାମଣିରେ 'ବର୍ଣ୍ଣ ବୈଚିତ୍ର୍ୟ ଅଳଙ୍କାର'



ଆଲୋଚନା / ଭାବାର୍ଥ: କବି ପ୍ରଭାକର

ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚିତ
'ବିଦଗ୍ଧ ଚିନ୍ତାମଣି'ର ଚତୁସ୍ତ୍ରିଂଶ ଛାନ୍ଦକୁ ଯେ କେହି ପାଠକଲେ କାବ୍ୟରେ ବିଭିନ୍ନ ଅଳଙ୍କାର ସଂପର୍କରେ ନିଶ୍ଚୟ ଅବଗତ ହୋଇପାରିବ । କାରଣ ଏହି ଛାନ୍ଦର ପ୍ରତ୍ୟେକ ପଦ ଶବ୍ଦାଳଙ୍କାର ଅଥବା ଅର୍ଥାଳଙ୍କାରରେ ସଜ୍ଜିତ ।

ଛାନ୍ଦର ପ୍ରଥମପଦରେ ବିରୋଧାଭାସ ଅଳଙ୍କାର ହେଇଚି -

ଧୀରେ ଅଧୀରେ ଗୋବିନ୍ଦ ଥିଲେ ଶୟନରେ
ଚେତ ଅଚେତ ଭାଜିଲା ପ୍ରାତ ପବନରେ ।
ଭାଷନ୍ତି ନ ଭାସନ୍ତି ଅଙ୍ଗନା ବର ଘେନି
କାମ ନିଷ୍କାମରେ କିମ୍ପା କରୁ ଦୀନ ଗ୍ଲାନି ॥

ଧୀରେ - ଅଧୀରେ , ଚେତ- ଅଚେତ , ଭାଷନ୍ତି- ନ ଭାସନ୍ତି, କାମ -ନିଷ୍କାମ ଏଗୁଡ଼ିକ ପ୍ରତ୍ୟେକ ପ୍ରତ୍ୟେକର ବିରୋଧାତ୍ମକ ବା ବିପରୀତ ଶବ୍ଦ । କିନ୍ତୁ ଶବ୍ଦର ଅର୍ଥ ଭିନ୍ନ ଭାବେ ପ୍ରୟୋଗ ହେଇଚି । ଯଥା - ଧୀରେ ( ହେ ପଣ୍ଡିତମାନେ) । ଅଧୀରେ - ଅଥୟ ଭାବେ । ତେଣୁ ଏଠାରେ ବିରୋଧାଭାସ ଅଳଙ୍କାର ହୋଇଛି ।

କବି ଅଭିମନ୍ୟୁ ବିଦଗ୍ଧ ଚିନ୍ତାମଣିର ପ୍ରାୟ ପ୍ରତ୍ୟେକ ଛାନ୍ଦ ଧୀର ଅର୍ଥାତ୍ ପଣ୍ଡିତମାନଙ୍କୁ ସମ୍ବୋଧନ କରି ଆରମ୍ଭ କରିଛନ୍ତି । ଯେମିତି -

ଧୀରେ ଘେନ କାନନରେ କୃଷ୍ଣ ବିଳମ୍ବିତ
ଧୀରେ ରାଧା କର ଧରି କହୁଛନ୍ତି ଦୂତୀକି
ଧୀର ଚକୋର ଆନନ୍ଦ ବରଧନ ଚାନ୍ଦ...
ଧୀର ଚକ୍ର ହୃଦପଦ୍ମ ମିହିର.... ଇତ୍ୟାଦି ।

ଏହି ଛାନ୍ଦର ୪୪ତମ ପଦରେ ବର୍ଣ୍ଣବୈଚିତ୍ର୍ୟ ଅଳଙ୍କାର ହୋଇଛି ଅର୍ଥାତ୍ ପଦରେ ଥିବା ବର୍ଣ୍ଣଗୁଡ଼ିକୁ ବଦଳାଇଲେ ଅଲଗା ଅଲଗା ଭାବାର୍ଥ ସୃଷ୍ଟି ହେବ ।

ପଦଟି ଏହିପରି -

ଗଞ୍ଜନରେ ସଂହନନ ଭୀଦ କଞ୍ଜନରେ
ପଟରେ ଅଲକ୍ଷ୍ୟ ଉମା ମାତତ ବଡ଼ରେ ।
କଚଟତପ ଗଜଡଦବ କଲେ ଅର୍ଥେ
ଗଜଡଦବ କଚଟତପ କଲେ ଅର୍ଥେ॥

ଏହି ପଦରେ ଥିବା ଚାରି ପାଦରୁ "ଗଞ୍ଜନରେ ସଂହନନ ଭୀଦ କଞ୍ଜନରେ/ ପଟରେ ଅଲକ୍ଷ ଉମା ମାତତ ବଡ଼ରେ ।" ପ୍ରଥମ ଦୁଇପାଦରେ କାବ୍ୟର ବିଷୟବସ୍ତୁ ବର୍ଣ୍ଣିତ । ତୃତୀୟ ଓ ଚତୁର୍ଥ ପାଦ "କଚଟତପ ଗଜଡଦବ କଲେ ଅର୍ଥେ/ ଗଜଡଦବ କଚଟତପ କଲେ ଅର୍ଥେ ॥"ରେ ଅଳଙ୍କାରର ଗଠନ ଓ ଭାବାର୍ଥ ନିମନ୍ତେ ସୂଚନା ଦେଇଛନ୍ତି କାବ୍ୟକାର ସାମନ୍ତସିଂହାର । ଆଉ ଟିକେ ସରଳରେ କହିଲେ ଏହା ହେବ ଯେ ବର୍ଣ୍ଣମାଳାର ବର୍ଗଗୁଡ଼ିକର ପ୍ରଥମ ବର୍ଣ୍ଣ କ,ଚ,ଟ,ତ,ପ କୁ ବର୍ଗର ତୃତୀୟ ବର୍ଣ୍ଣରେ ଅର୍ଥାତ୍ ଗ,ଜ,ଡ,ଦ,ବ ରେ ବଦଳେଇଲେ ଅଲଗା ଭାବାର୍ଥ ହେବ ଏବଂ ବିପରୀତରେ ବି ।

କଚଟତପକୁ ଗଜଡଦବରେ ଓ ଗଜଡ଼ଦବକୁ କଚଟତପ ବଦଳେଇ ବହୁଚେଷ୍ଟା ସତ୍ତ୍ୱେ ଅର୍ଥ ବୁଝିବାରେ ଅସମର୍ଥ ହେବାରୁ ଆଲୋଚନା ନିମନ୍ତେ ଏକ ପ୍ରାଚୀନ ସାହିତ୍ୟ ଗ୍ରୁପରେ ଉପସ୍ଥାପନ କରିଥିଲି । ବନ୍ଧୁ ଅମ୍ବିକା ପଟ୍ଟନାୟକଙ୍କ ପ୍ରଚେଷ୍ଟା/ ମତାମତ ମୋତେ ବହୁତ ଆନନ୍ଦ ଦେଇଥିଲା । ପ୍ରସଂଗ ଉପସ୍ଥାପନ କରିବା ପରଠାରୁ ବ୍ୟଙ୍ଗ ଲେଖାକୁ ଭୁଲିଯାଇ ଉପରୋକ୍ତ ପଦଟିର ଅର୍ଥ ବୁଝିବା ନିମନ୍ତେ ମୋତେ ରାତି ନିଦ ନାହିଁ । ଓଡ଼ିଆ ସଂସ୍କୃତ ଅଭିଧାନ ସହିତ ନିଜ ମସ୍ତିଷ୍କକୁ ଦୋହନ କରି ନିମ୍ନୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ...

ଏହି ଛାନ୍ଦରେ ଶ୍ରୀରାଧାଙ୍କ ରୂପ ବର୍ଣ୍ଣନା କରାଯାଇଛି । ଉପରୋକ୍ତ "ଗଞ୍ଜନରେ..." ପଦଟିର ତିନିଗୋଟି ଭାବାର୍ଥ ରହିଛି ।

୧. ମୂଳଲେଖା..

୨. କବି ଅଭିମନ୍ୟୁଙ୍କ ଉକ୍ତି ଅନୁସାରେ କ,ଚ,ଟ,ତ,ପ ବର୍ଣ୍ଣଗୁଡ଼ିକୁ ଗ,ଜ,ଡ,ଦ,ବ ବର୍ଣ୍ଣରେ ବଦଳାଇବା ପରେ ଏବଂ

୩. ଗ,ଜ,ଡ,ଦ,ବ ବର୍ଣ୍ଣଗୁଡ଼ିକୁ କ,ଚ,ଟ,ତ,ପ ବର୍ଣ୍ଣରେ ବଦଳାଇବା ପରେ

ଆଲୋଚନା କରାଯାଉ..

**ମୂଳଲେଖା -**

ଗଞ୍ଜନରେ ସଂହନନ ଭୀଦ କଞ୍ଜନରେ
ପଟରେ ଅଲକ୍ଷ୍ୟ ଉମା ମାତତ ବଡରେ ।

ଶବ୍ଦ ସଂଯୋଜନ ଓ ବିଘଟନ ପରେ..

(୧) ଗଞ୍ଜନରେ ସଂହନନ ଭୀଦ କଞ୍ଜନରେ
ପଟରେ ଅଲକ୍ଷ୍ୟ ଉମା ମାତ ତବ ଡରେ ।

ଅର୍ଥ : ଗଞ୍ଜନରେ - ପରାଜିତ ହେତୁ ,
ସଂହନନ- ଶରୀର ,
କଞ୍ଚନରେ - ସୁବର୍ଣ୍ଣରେ,
ଭୀଦ - ଭୟଦାତା (ଶତ୍ରୁ)- ସୁନାର ଶତ୍ରୁ ଅଗ୍ନି

ରାଧାଙ୍କର ଶରୀରକାନ୍ତିରେ ପରାଜିତ ହେତୁ ସୁବର୍ଣ୍ଣ ନିଜ ଦେହରେ ଅଗ୍ନି ସଂଯୋଗ କଲା ବା ନିଆଁରେ ଝାସ ଦେଲା । ରାଧାଙ୍କ ଦେହର ସୌନ୍ଦର୍ଯ୍ୟକୁ ଡରି ଚିତ୍ରପଟରୁ ମାତା ପାର୍ବତୀ ଓ ମାତା ଲକ୍ଷ୍ମୀ ଅଦୃଶ୍ୟ ହୋଇଗଲେ।

(୧) କ,ଚ,ଟ,ତ,ପ ବର୍ଣ୍ଣଗୁଡ଼ିକୁ ଗ,ଜ,ଡ,ଦ,ବ ବର୍ଣ୍ଣରେ ବଦଳାଇବା ପରେ -

(୨) ଗଞ୍ଜନରେ ସଂହନନ ଭୀଦ ଗଞ୍ଜନରେ
ବଡ଼ରେ ଅଲକ୍ଷ୍ୟ ଉମା ମାଦଦ ବଡରେ ।

ଅର୍ଥ : ଭୀଦ - ଭୟ ପ୍ରଦାୟକ - ମୃତ୍ୟୁ
ମୃତ୍ୟୁଗଞ୍ଜନ - ମୃତ୍ୟୁଞ୍ଜୟ - ଶିବ
ମାଦ - ନିଶା ,
ମାଦଦ - ନିଶା ପ୍ରଦାୟକ - ଗଞ୍ଜେଇ ଅର୍ଥରେ (ଶିବଙ୍କ ମାଦକ)

ରାଧାଙ୍କ ରୂପକାନ୍ତିରେ ଉମା ପରାଜିତ ହେତୁ ଭୀଦ ଗଞ୍ଜନରେ ଅର୍ଥାତ୍ ଶିବଙ୍କୁ ଉମା ଆଉ ଶ୍ରେଷ୍ଠ ମନେ ହେଲେ ନାହିଁ... ସେଥିଯୋଗୁ ତାଙ୍କୁ ମାଦଦ (ନିଶା ପ୍ରଦାୟକ =ଗଞ୍ଜେଇ) ସେବନ ଶ୍ରେଷ୍ଠ ମନେ ହେଲା । ଅର୍ଥାତ୍ ଶିବଙ୍କୁ ଉମା ଅସୁନ୍ଦରୀ ମନେ ହେବାରୁ ବାଧ୍ୟ ହୋଇ ଗଞ୍ଜେଇ ଖାଇ ମନ ଭୁଲାଇଲେ ।

(୨) ଗ,ଜ,ଡ,ଦ,ବ ବର୍ଣ୍ଣଗୁଡ଼ିକୁ କ,ଚ,ଟ,ତ,ପ ବର୍ଣ୍ଣରେ ବଦଳାଇବା ପରେ -

(୩) କଞ୍ଚନରେ ସଂହନନ ଭୀତ କଞ୍ଚନରେ
ପଟରେ ଅଲକ୍ଷ୍ୟ ଉମା ମାତତ ପଟରେ ।

ସଂଯୋଜନ ଓ ବିଘଟନ ପରେ..

କଞ୍ଚ ନରେଶ(ସ) ହନନ ଭୀତ କଞ୍ଚନରେ
ପଟରେ ଅଲକ୍ଷ୍ୟ ଉମା ମା ତତପଟରେ ।

ଅର୍ଥ: କଞ୍ଚ - ଜ୍ୟୋତି - ନକ୍ଷତ୍ର
ନରେଶ - ରାଜା (ସ ବଦଳରେ ଶ ପ୍ରୟୋଗ)
କଞ୍ଚନରେଶ - ନକ୍ଷତ୍ରରାଜ - ଚନ୍ଦ୍ର
କଞ୍ଚନରେ ଭୀତ- ଶରୀର ଜ୍ୟୋତିକୁ ଭୟପାଇ
ହନନ - ହତ୍ୟା (ଆତ୍ମହତ୍ୟା) - ଅସ୍ତ
ପଟରେ - ବସ୍ତ୍ରରେ ବା ପର୍ଦ୍ଦାପଛରେ

ଉମା - ରାତି
ମା - ନ (ନିଷେଧାର୍ଥରେ)
ତତ - ବିସ୍ତୃତ , ବ୍ୟାପ୍ତ
ତତପଟରେ - ଅନନ୍ତ ଆକାଶରେ

ଉଜ୍ଜ୍ୱଳତାରେ ଊଣା ହେବା ଭୟରେ ନକ୍ଷତ୍ରରାଜ ଚନ୍ଦ୍ର ନିଜକୁ ହନନ କଲେ ଅର୍ଥାତ୍ ଅସ୍ତଗଲେ । ରାତିର ପର୍ଦ୍ଦା କାଳିମା ତଳେ ଅଦୃଶ୍ୟ ନ ହୁଅନ୍ତେ ତତ (ବିସ୍ତୃତ) ପଟରେ ଅର୍ଥାତ୍ ଅନନ୍ତ ଆକାଶରେ ଅଲକ୍ଷ୍ୟ ବା ଅଦୃଶ୍ୟ ହୋଇଗଲେ ।(୩)

ମୋ ପ୍ରଚେଷ୍ଟାରେ ଏତିକି ହିଁ ଅର୍ଥ କରିବା ସମ୍ଭବ ହୋଇଛି । ଏହା ବ୍ୟତୀତ କେହି ଯଦି ନୂତନ ଭାବାର୍ଥରେ ପହଞ୍ଚି ପାରୁଛନ୍ତି ଅବଗତ କରାଇବେ । ମତାମତ ରଖନ୍ତୁ।

('ଉମା'ର ଏକ ଅର୍ଥ ହଳଦୀ ହୋଇଥିଲେ ମଧ୍ୟ ଭାବାର୍ଥ ନିମନ୍ତେ ପ୍ରୟୋଗ କରିପାରିନାହିଁ)

■■■

ଭୁବନେଶ୍ୱର

**ଖୁବ୍ ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି**







**ବିଶିଷ୍ଟ ସାହିତ୍ୟିକା ପ୍ରଫେସର ବୀଣାପାଣି ତ୍ରିପାଠୀଙ୍କ ର କବିତା ସଂକଳନ '"ମଗ୍ନ ମଧୁମତୀ "ଓ "ପାପୁଲିଏ ଆକାଶ"**

# ସତରେ ବାପା, ତୁମେ କେତେ ମହାନ !

ଡା.ଘନଶ୍ୟାମ ଜୈନ



ଦିନେ ବର୍ଷାଦିନେ କିଟୁ କୁଆଡୁ ବାହାରୁ ଆସି ତର ତରରେ ତାର ଓଦା ଛତା ଏବଂ ପିନ୍ଧିଥିବା ଜୋତାଟାକୁ ଘରର ଗୋଟିଏ କୋଣରେ ଫୋପାଡ଼ି ଦେଇ ତା ରୁମ ଭିତରକୁ ପଶନ୍ତେ, ବାପା ପଛରୁ ପାଟିକରି କହି ଉଠିଲେ,'ଶୁଣ ବାପା, ବିଶୃଙ୍ଖଳିତ ଜୀବନଶୈଳୀ ମୋତେ ଜମାରୁ ପସନ୍ଦ ନୁହେଁ। ଯେତେଦୂର ସମ୍ଭବ,ପ୍ରତ୍ୟେକ ଜିନିଷ ଗୁଡିକୁ ଯଥା ସ୍ଥାନରେ ସଜେଇକି ରଖିବା ଅଭ୍ୟାସ କର। ସମୟ ଏବଂ ସାଧନର ଉପଯୁକ୍ତ ସମ୍ମାନ କଲେ ସେମାନେ ମଧ୍ୟ ତୁମକୁ ସମ୍ମାନ ଦେବେ। ଏକଥା ସବୁବେଳେ ମନେ ରଖିଥା'।

ହେଲେ ଏଇ ପ୍ରକାର କଥା କିଟୁକୁ ମୋଟେ ଭଲ ଲାଗେନି।ବାପାଙ୍କ ଠାରୁ ଏଇପ୍ରକାର କଥା ବାରମ୍ବାର ଶୁଣି ଶୁଣି ସେ ମଝିରେ ମଝିରେ ଭାରି ଅସହଜ ଅନୁଭବ କରେ।କିନ୍ତୁ ଭୟରେ ବାପାଙ୍କୁ କିଛି କହି ପାରେନି।

ଦିନେ ସେ ନ ଥିବାବେଳେ ତା ଶୋଇବାଘରେ ସବୁ ଲାଇଟ,ଫେନ,ଏ.ସି ଇତ୍ୟାଦି ଚାଲୁଥାଏ,ଚେଆର,ଟେବୁଲ, ବହିପତ୍ର ଇତସ୍ତତ ହେଇ ପଡିଥାଏ। ଏସବୁ ଦେଖି ବାପା ଭୀଷଣ ରାଗିଯାଇ ପୁଅକୁ ତାଗିଦ କରୁଥାନ୍ତି ଏବଂ ଭବିଷ୍ୟତରେ ଏଇମିତି ନ କରିବାକୁ ମଧ୍ୟ ବାରମ୍ବାର ବୁଝଉଥାନ୍ତି।

ଯଦିଓ ସେତେବେଳେ ଟିକୁ କିଛି ପ୍ରତ୍ୟୁତ୍ତର ଦେଇ ପାରୁ ନ ଥାଏ, କିନ୍ତୁ ମନେ ମନେ ତାର ଯୁବସୁଲଭ ମନଟା ଭାରି ଜୋର ବିଦ୍ରୋହ କରୁଥାଏ ଏବଂ ଭାବୁଥାଏ,'କେବେ ଏଇ ପୁରୁଣା କାଳିଆ ବୁଢ଼ାବୁଢୀଙ୍କଠୁଁ ମୁକ୍ତି ମିଳିବ । ସବୁବେଳେ ଖାଲି କେଁକଟର । ଏଇଟା କର, ସେଇଟା କରନି। ଓଃ, କି ଅଶାନ୍ତି। ମଣିଷ କେବେ ଚାକିରୀଟିଏ ପାଇଲେ ଏଠୁ ବିଦାୟ ନେଇ ଶାନ୍ତିରେ ଟିକିଏ ନିଶ୍ବାସ ମାରିବ'।

କିଛିଦିନପରେ...

ତାର ଇଂଜିନିୟରିଙ୍ଗ ପଢ଼ା ସରିଲା। ପାଠପଢ଼ାରେ କିନ୍ତୁ ସେ ଭାରି ଭଲଥାଏ। ଭଲ ଏକ ଆନ୍ତର୍ଦେଶୀୟ କମ୍ପାନୀରୁ ଚାକିରି ପାଇଁ ତା ପାଖକୁ ଇଣ୍ଟରଭିଉ ପାଇଁ ଡାକରା ଆସିଲା।

ଧାର୍ଯ୍ୟଦିନ ସେ କମ୍ପାନୀ ଅଫିସକୁ ଯାଇ ରିସେପସନରେ ପଚାରନ୍ତେ ୨ୟ ମହଲାରେ ଇଣ୍ଟରଭିଉ ହେବା କଥା କହି ସମସ୍ତ କେଣ୍ଡିଡେଟମାନଙ୍କୁ ୱେଟିଂ ହଲରେ ଅପେକ୍ଷା କରିବାକୁ କୁହାଗଲା। ସମସ୍ତେ ଜଣ ଜଣ କରି ସିଢିବାଟ ଦେଇ ଉପର ମହଲାକୁ ଯାଇ ଅପେକ୍ଷା କରୁଥାନ୍ତି। ଏହି ବାବୁ ଜଣକ ମଧ୍ୟ ତାଙ୍କରି ସାଙ୍ଗରେ ଉପରକୁ ଗଲେ। ସେ କିନ୍ତୁ ପାରିବାରିକ ସଂସ୍କାରର ଅଭ୍ୟାସ ଯୋଗୁଁ ଧିରସ୍ଥିର ଭାବରେ ସମସ୍ତେ ଗଲାପରେ ଉପର ମହଲାକୁ ଉଠିଲା। ଦେଖିଲା,ସିଢିବାଟର ଲାଇଟ, ଉପରେ ଅନାବଶ୍ୟକ ଲାଇଟ ଏବଂ ଫେନ ସବୁଚାଲିଥାଏ, ଚେୟାର ସବୁ ଇତସ୍ତତ ଭାବରେ ହଲରେ ପଡିଥାଏ। ଅଫିସକୁ ପଶିବା ପୂର୍ବରୁ ଗେଟରେ ଯେଉଁ ପାଦପୋଛା ରହିଥାଏ, ତାହା ମଧ୍ୟ ଯଥା ସ୍ଥାନରେ ନ ଥାଏ। ଅଭ୍ୟାସ ଅନୁସାରେ ସେ ଯାଇ ଗୋଟି ଗୋଟି କରି ସମସ୍ତ ଅବ୍ୟବସ୍ଥିତ ଚେୟାର ସବୁକୁ ବ୍ୟବସ୍ଥିତ କରି ସମସ୍ତ ଅନାବଶ୍ୟକ ଲାଇଟ ଏବଂ ଫେନ ସବୁକୁ ସୁଇଚ ଅଫ କରି ଗୋଟିଏ କୋଣରେ ବସିପଡ଼ିଲା ନିଜ ଡାକରା ଅପେକ୍ଷାରେ।। ୟା'ରୀ ଭିତରେ ସମସ୍ତ କେଣ୍ଡିଡ଼େଟମାନଙ୍କୁ ଗୋଟି ଗୋଟି କରି ଡକା ଚାଲିଥାଏ ଏବଂ ଆଶ୍ଚର୍ଯ୍ୟର କଥା,ପ୍ରାୟ ୨-୩ ମି. ଭିତରେ ହିଁ ସମସ୍ତଙ୍କ ଇଣ୍ଟରଭିଉ ସାରିଯାଉଥାଏ।ଏହି ବାବୁଙ୍କୁ ଯେତେବେଳେ ଡକା ହେଲା, ସେ ଅତି ନମ୍ରତାର ସହିତ ଶିଷ୍ଟତା ପୂର୍ବକ ଇଣ୍ଟରଭିଉ କରୁଥିବା ଅଧିକାରୀମାନଙ୍କ ଅନୁମତି ମାଗି ଭିତରକୁ ପ୍ରବଶେକଲା। ତା' ପାଇଁ ଉଦ୍ଦିଷ୍ଟ ଥିବା ଚେୟାରଟି ଟେଢାମେଢ଼ା ଅବସ୍ଥାରେ ରହିଥାଏ। ତାକୁ ସଳଖ କରି ଅଳ୍ପ ଦୂରତା ରକ୍ଷାକରି ବିନମ୍ର ଭାବରେ ନିଜର ସମସ୍ତ ଡ଼କୁମେଣ୍ଟସ୍ ଆଗକୁ ବଢ଼େଇଦେଲା। କିନ୍ତୁ ଅଧିକାରୀମାନେ ତା ଫାଇଲରେ ଥିବା କୌଣସି ଡ଼କୁମେଣ୍ଟ ନ ଦେଖି ତାକୁ କହିଲେ, "ଏସବୁ ଆମେ ଆଗରୁ ଦେଖିସାରିଛୁ ଆମ କମ୍ପୁଟରରେ। ସେ ସବୁର କିଛି ଆବଶ୍ୟକତା ନାହିଁ। We know,you are a brilliant student. You are selected and can join from tomorrow itself".

ସେ ବଡ଼ ଆଶ୍ଚର୍ଯ୍ୟ ହେଇ ସେମାନଙ୍କ ଆଡ଼କୁ କେବଳ ଅନାଉଥାଏ। ନିର୍ବିକାର ଚିତ୍ତରେ ମନେ ମନେ ଭାବୁଥାଏ,ଏଇଟା କି ପ୍ରକାର ଇଣ୍ଟରଭିଉ ! କୌଣସି ଗୋଟିଏ ପ୍ରଶ୍ନ ନ ପଚାରି ତାକୁ ଏତେ ଗୁଡିଏ କେଣ୍ଡିଡେମାନଙ୍କ ମଧ୍ୟରେ ଏଇମିତି ହଠାତ

ସିଲେକ୍ଟ କରିଦେଲେ କିପରି ? ତା'ର ତ ସେମିତି କୌଣସି ପୁସ କଲା ଭଳି ବେକିଙ୍ଗ କିଛିନାହିଁ । ହେଲେ ଏ'ୟା ସମ୍ଭବ ହେଲା କେମିତି ? ନିର୍ନିମେଷ ନୟନରେ ସେ ସେମାନଙ୍କ ଆଡକୁ ଚାହିଁରହିଥାଏ। ତାକୁ ଏବେ ମଧ୍ୟ ବିଶ୍ୱାସ ହେଉ ନ ଥାଏ ଯେ ସେ ଚାକିରୀରେ ସିଲେକ୍ଟ ହେଇ ଯାଇଛି ବିନା ଇଣ୍ଟରଭିଉରେ।

ଅଧିକାରୀମାନେ ତାର ଏ ପ୍ରକାର ଚୁପଚାପ ରହିବା ଦେଖି ପ୍ରଶ୍ନ କଲେ,"କଣ ଏତେ ଭାବୁଛ, ଚାକିରୀ କରିବ ନା ନାହିଁ ବୋଲି ? ମନରେ ଯଦି କୌଣସି ଦ୍ୱିଧାଥାଏ,ତୁମେ କହିପାର। ମନରେ ଯଦି କିଛି ପ୍ରଶ୍ନଥାଏ କିମ୍ବା କୌଣସି ସନ୍ଦେହ ଥାଏ, ତାହେଲେ ତୁମେ ତୁମ ଜିଜ୍ଞାସା ଦୂର କରିପାର"।

ଟିକୁ କହିଲା,"ନା ସାର,କଥାଟା ସେୟା ନୁହେଁ। ଚାକିରୀ କରିବି ବୋଲି ତ ଆଜି ଇଣ୍ଟରଭିଉ ଦେବାକୁ ଆସିଛି ଏବଂ ଏହି ଚାକିରୀ ପାଇଁ ମୁଁ ବହୁତ ଆନନ୍ଦିତ ମଧ୍ୟ। କିନ୍ତୁ ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି, ସାର। ଆପଣ ମୋତେ ଯଦି ଅନୁମତି ଦିଅନ୍ତି,ମୁ ପଚାରିବାକୁ ଚାହେଁ"।

"ହଉ ପଚାର,କଣ ପଚାରିବାକୁ ଚାହୁଁଛ"?

ଆପଣମାନେ ସିଲେକ୍ଟ କରିଥିବାରୁ ମୁଁ ବହୁତ ବହୁତ କୃତଜ୍ଞ । ହେଲେ ମୋ ବିଷୟରେ କିଛି ନ ଜାଣି,ମୋତେ କୌଣସି ପ୍ରଶ୍ନ ନ କରି,ସିଧା ସିଧା ମୋତେ ସିଲେକ୍ଟ କରିଦେଲେ,ଏହା ପଛରେ କଣ କାରଣ ରହିଛି, ମୁ ବୁଝି ପାରୁନି"।

"ହଁ,ତୁମ ପ୍ରଶ୍ନଟି ଠିକ। ଆମ ଏଇଠି ତଳୁ ଉପର ପର୍ଯ୍ୟନ୍ତ ସବୁଠି କେମେରା ଲାଗିଛି।ଏଇ ଅଫିସରେ ବସି ତୁମେ ଯେତେସବୁ କେଣ୍ଡିଡେଟ ଆସିଛ ଇଣ୍ଟରଭିଉ ଦେବାକୁ , ସମସ୍ତଙ୍କ ଚାଲିଚଳନ,ବସିବା ଢଙ୍ଗ,ବଡି ଲାଙ୍ଗୁଏଜ ଇତ୍ୟାଦି ଆମେ ଏଇଠି ଅଫିସରେ ବସି ସବୁ ଅନୁଧ୍ୟାନ କରୁଥିଲୁଁ। ସେଇଥିରେ ତୁମକୁ ଛାଡି କେହି ମଧ୍ୟ ସେଇ ଇତସ୍ତତ ହେଇ ପଡି ରହିଥିବା ଚେୟାର, ପାଦପୋଛା,ଅନାବଶ୍ୟକ ଚାଲୁଥିବା ଲାଇଟ ଏବଂ ଫେନ ଆଦି ପ୍ରତି ଧ୍ୟାନ ଦେଇ ନ ଥିଲେ କି ଯତ୍ନ ନେବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ଏହି ସବୁ ହେଉଛି ଅସଂଯମତାର (Indiscipline)ର ପ୍ରତୀକ। ଆମ କମ୍ପାନୀର ପ୍ରଥମ ନୀତି ହେଲା,"ଶୃଙ୍ଖଳା"। ଅଶୃଙ୍ଖଳିତ ବ୍ୟକ୍ତି ଯେତେ ମେଧାବୀ କିମ୍ବା କର୍ମକୁଶଳ ହେଇ ଥାଆନ୍ତୁ ନା କାହିଁକି ,କମ୍ପାନୀ ଶୃଙ୍ଖଳିତ ବ୍ୟକ୍ତିମାନଙ୍କୁ ବେଶୀ ପ୍ରାଧାନ୍ୟ ଦିଏ। Remember, it is your attitude , that is responsible for 85% of your success and efficiency accounts for only 15% .So we want disciplined & cultured boys like you.

Congratulations, my son, our thanks to your parents & guardians for imparting such divine qualities. Hoping that you will be an asset for our company, we have selected you".

"Thank you,Thank you very much, sir".

ଅଫିସ ବାହାରକୁ ଆସି କିଛି କ୍ଷଣ ବସିପଡ଼ିଲା ଚେୟାର ଉପରେ ଟିକୁ। ବାପାଙ୍କ ପ୍ରତି ଯାହାସବୁ ରାଗ ଦ୍ୱେଷ ଥିଲା,ସବୁ ନିମିଶକ ମଧ୍ୟରେ କୁଆଡେ ଉଭେଇଗଲା। ବାପା ଆଜି ଯଥା ସମୟରେ ଯଦି ତାକୁ ବାରମ୍ବାର ତାଗିଦ କରି ଶୃଙ୍ଖଳିତ କରି ନ ଥାନ୍ତେ,ହୁଏତ ଆଜି ସେ ଏତେ ବଡ଼ କମ୍ପାନୀରେ ଚାକିରୀ ପାଇ ପାରି ନ ଥାନ୍ତା। ଯେଉଁଠି ଏତେ ବଡ଼ ବଡ଼ ଲୋକଙ୍କ ପୁଅଝିଅମାନେ ଆସି ଚାକିରୀ ପାଇଲେ ନି, ସେ'ଠି ତାକୁ ବିନା କୌଣସି ପ୍ରଶ୍ନୋତ୍ତର ରେ ସିଧାସିଧା ଚାକିରିଟା ମିଳିଗଲା । ଏଇଟା କେବଳ ବାପାଙ୍କ ସେଇ ଆଶିର୍ବାଦ ଜନିତ ଶୁଦ୍ଧ ଜୀବନଶୈଳୀର ଶିକ୍ଷାପାଇଁ ସମ୍ଭବ ହେଇ ପାରିଲା। ଭାବୁଥାଏ,"ସତରେ ବାପା,ତମେ କେତେ ମହାନ"। ଏୟା ଭାବି ଭାବି ତା ମନରେ ବାପାଙ୍କ ପ୍ରତି ଏକ ନୈସର୍ଗିକ ଭାବଧାରାର ସାକ୍ଷ୍ୟ ବହନ କରି କେତେବେଳେ ଯେ ତାର ପ୍ଲାବିତ ନୟନ କୋଣରେ ଜମା ହେଇଯାଇଥାଏ ଦୁଇ ବୁନ୍ଦା ଅଶ୍ରୁ,ସେ ବି ଜାଣି ପାରିଲାନି।

■■■

ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ,
ଟିଟିଲାଗଡ଼

# ହିନ୍ଦୁ ସନାତନ ଧର୍ମରେ 'କପାଳ କ୍ରିୟା' ଏକ ବୈଜ୍ଞାନିକ ଦୃଷ୍ଟିକୋଣ

ମୀନୁ ହୋତା



ସନାତନ ହିନ୍ଦୁଧର୍ମ ର ଷୋହଳ ସଂସ୍କାର ମଧ୍ୟରୁ ଅନ୍ତ୍ୟେଷ୍ଟି କ୍ରିୟା ଅନ୍ୟତମ ଏବଂ କପାଳ କ୍ରିୟା ଏହି କ୍ରିୟାର ଏକ ଅଂଶ ବିଶେଷ।କିଛି ତଥାକଥିତ ବିଜ୍ଞାନବାଦୀ ଙ୍କ ମତରେ ଏହା ଏକ ଅବାନ୍ତର ପରଂପରା ହୋଇପାରେ କିନ୍ତୁ ପରାବିଜ୍ଞାନ ଓ ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି କ୍ରିୟାର ଏକ ବିଶେଷତ୍ୱ ରହିଛି। ଶରୀର ବିଜ୍ଞାନ ଅନୁସାରେ ମାନବୀୟ ମସ୍ତିଷ୍କ ତିନି ଭାଗରେ ବିଭକ୍ତ।

ଅଗ୍ର ମସ୍ତିଷ୍କ ବା ceribram
ପଶ୍ଚାତ୍ ମସ୍ତିଷ୍କ ବାcerebellum
ଅଧଃ ମସ୍ତିଷ୍କ ବା ଲଘୁ ମସ୍ତିଷ୍କ (medulla oblangata)

ଅଧଃ ମସ୍ତିଷ୍କ ବା medulla oblangata ସମୁଦାୟ cerebrospinal system କୁ ନେଇ ଗଠିତ। ମେଡୁଲା ବା ମେରୁଶୀର୍ଷ ର ଆକାର ଠିକ୍ ଏକ କୁକୁଡା ଅଣ୍ଡାପରି। ଏହା ମେରୁଦଣ୍ଡ ର ସବା ଉପର ଶୀର୍ଷ ରେ ରହିଥାଏ ଏବଂ ଏଥିରେ ଏକ ରହସ୍ୟମୟ ଦ୍ରବ ଭରି ରହିଥାଏ ଯାହାକୁ ବୈଜ୍ଞାନିକ ଭାଷାରେ Grey matter ବୋଲି କୁହାଯାଏ। ଆଜି ପର୍ଯ୍ୟନ୍ତ ବିଜ୍ଞାନ ଏହି ରହସ୍ୟମୟ ତରଳ ପଦାର୍ଥ ର ପ୍ରକୃତ ଗବେଷଣା କରି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ରେ ପହଞ୍ଚି ପାରିନାହିଁ।

ଯୋଗ ବିଜ୍ଞାନ ଅନୁସାରେ ଏହି ତରଳ ପଦାର୍ଥ ଭିତରେ ଅତି ସୂକ୍ଷ୍ମ ତାର ବିଶିଷ୍ଟ ଅସଂଖ୍ୟ ଜ୍ଞାନ-ତନ୍ତୁ ମୁଦି ଆକାରରେ ଗୁଡେଇହୋଇ ରହିଥାନ୍ତି।ଏହି ଜ୍ଞାନତନ୍ତୁ ଗୁଡିକ ଏକ ସହସ୍ର (ଏକ ହଜାର) ଥର ଗୁଡେଇ ହୋଇ ରହିଥାନ୍ତି ତେଣୁ ଏହି ପରିଧି ବିଶିଷ୍ଟ କ୍ଷେତ୍ରକୁ ସହସ୍ରାର ଚକ୍ର ବୋଲି ନାମିତ କରାଯାଏ। ସହସ୍ରାର ଚକ୍ରରୁ ଜ୍ଞାନତନ୍ତୁ ର ଗୋଟାଏ ପାର୍ଶ୍ୱ ମେରୁଦଣ୍ଡ ଭିତର ଦେଇ ଆସିଥିବା ସୁଷୁମ୍ନାନାଡ଼ିର ମୁଖ ସହିତ ସଂଯୁକ୍ତ ଥାଏ ଏବଂ ଅନ୍ୟ ପାର୍ଶ୍ୱ ଟି ବ୍ରହ୍ମରନ୍ଧ୍ର ବା ତାଲୁଗର୍ତ୍ତ ଦେଇ ବାହାରକୁ ବାହାରିଥାଏ।ଏହି ଉର୍ଦ୍ଧ୍ୱଗାମୀ ଜ୍ଞାନତନ୍ତୁ ହିଁ ଅନନ୍ତ ବ୍ରହ୍ମାଣ୍ଡିୟ ଶକ୍ତି ସାଗରରୁ ବେତାର ସ୍ପନ୍ଦନ ଗ୍ରହଣ ଭଳି ପରାଜ୍ଞାନ ଗ୍ରହଣ କରିଥାଏ।

ଏହି ବିଶ୍ୱବ୍ରହ୍ମାଣ୍ଡ ରେ ଅନନ୍ତ ଲୋକ,ଗ୍ରହ, ଗ୍ରହାନ୍ତର ଏବଂ ଅନେକ ଅଦୃଶ୍ୟ ଶକ୍ତିକ୍ଷେତ୍ର ରହିଛି। ସମସ୍ତ ଲୋକର ବିଚାର ଓ ଚେତନା ତରଙ୍ଗ ବ୍ରହ୍ମାଣ୍ଡିୟ ବାତାବରଣରେ ଖେଳେଇହୋଇ ରହିଥାଏ। ତାଲୁଗର୍ତ୍ତ (medulla hole) ରୁ ବହିର୍ଗତ ଜ୍ଞାନତନ୍ତୁ ଯଦି ସେହି ଲୋକାନ୍ତର ଚେତନା ତରଙ୍ଗ ସଂସ୍ପର୍ଶ ରେ ଆସିଯାଏ ତେବେ ସେହି ବ୍ୟକ୍ତି ଅଦୃଶ୍ୟ ଜଗତର ଦୃଶ୍ୟକୁ ନିଜ ମାନସ ଚକ୍ଷୁରେ ଦେଖିପାରେ। ଯୋଗୀ, ଦାର୍ଶନିକ, ବୈଜ୍ଞାନିକ, ସଂଗୀତଜ୍ଞ ମାନେ ନିଜ ସାଧନା ବା ଅଭ୍ୟାସ ବଳରେ ମନକୁ ଏକାଗ୍ର କରି ବ୍ରହ୍ମାଣ୍ଡିୟ ଚେତନା ସହିତ ନିଜ ଚେତନାକୁ ଯୋଡିରଖନ୍ତି ଫଳରେ ସେମାନଙ୍କର ଜ୍ଞାନତନ୍ତୁ ଏଣ୍ଟିନା ପରି ଅଦୃଶ୍ୟ ଜଗତର ବସ୍ତୁ ବା ପଦାର୍ଥର ଆଭାସୀ ରୂପକୁ ମାନସ ପଟଳରେ ଅଂକିତ କରେ ଫଳରେ ନୂତନ ଉଦ୍ଭାବନ,ଆବିଷ୍କାର ବା ନୂତନ ଜ୍ଞାନ ଓ ପ୍ରତିଭାର ପରିପ୍ରକାଶ ଘଟେ। ଆଜି ଯେଉଁ ବ୍ୟୋମଯାନ ର ବ୍ୟବହାର ହେଉଛି ତ୍ରେତୟାକାଳରୁ ପୁଷ୍ପକ ବିମାନ ରୂପରେ ତାହାର ଅସ୍ତିତ୍ୱ ଥିଲା।

ମଣିଷ ଶରୀରରେ ପାଞ୍ଚ ପ୍ରକାରର ପ୍ରାଣ କାମ କରେ। ସେମାନଙ୍କ ମଧ୍ୟରୁ **ଧନଞ୍ଜୟ** ପ୍ରାଣ ଅନ୍ୟତମ। ଏହା ମେରୁଶୀର୍ଷ ବା medulla hole ରେ ରହିଥାଏ। ଏଠାରେ ଧନଞ୍ଜୟ ପ୍ରାଣର ଶକ୍ତି

ସର୍ବଦା ବିଦ୍ୟୁତ୍ ଚୁମ୍ବକୀୟ ଶକ୍ତିରେ ପରିଣତ ହୋଇ ଜ୍ଞାନତନ୍ତୁଗୁଡିକୁ ଉତ୍ତେଜିତ କରୁଥାଏ । ଫଳରେ ଜ୍ଞାନତନ୍ତୁ ସମୂହ କ୍ରିୟାଶୀଳ ହୋଇ ଅନ୍ତରୀକ୍ଷସ୍ଥ ବିଚାର ଓ ଚେତନା ତରଙ୍ଗକୁ ନିଜ ଆଡକୁ ଆକର୍ଷିତ କରିଥାଏ। ଧନଞ୍ଜୟ ପ୍ରାଣ ଯେତେ ଶକ୍ତିଶାଳୀ ହୁଏ ଅଦୃଶ୍ୟ ଜଗତରୁ ସଂକେତ ଓ ସ୍ପନ୍ଦନ ଗ୍ରହଣ ସେତିକି ତୀବ୍ର ଓ ସ୍ପଷ୍ଟ ହୁଏ। ଦୃଢ ମନଃଶକ୍ତି, ଯୋଗ, ପ୍ରାଣାୟାମ ଦ୍ୱାରା ଧନଞ୍ଜୟ ପ୍ରାଣକୁ ବଳ ପ୍ରଦାନ କରାଯାଇପାରେ। ବ୍ରହ୍ମାଣ୍ଡିୟ ଚେତନା ଆଦାନପ୍ରଦାନ କ୍ଷେତ୍ରରେ ତାଲୁଗର୍ତ୍ତ ବହିର୍ଗତ ଜ୍ଞାନତନ୍ତୁ ଏରିଅଲ୍ ପରି କାମକରେ। ଏହା ବ୍ରହ୍ମାଣ୍ଡିୟ ଚେତନାକୁ ଗ୍ରହଣ କରି ଶରୀରସ୍ଥ ଶକ୍ତିକ୍ଷେତ୍ରଗୁଡିକୁ ଯୋଗାଣ କରେ ଏବଂ ଶରୀରସ୍ଥ ଚେତନା ଓ ଭାବନାକୁ ମଧ୍ୟ ବ୍ରହ୍ମାଣ୍ଡୀୟ ଶକ୍ତିକ୍ଷେତ୍ରକୁ ବିକିରଣ କରେ । ବାହାରୁ ପ୍ରବାହିତ ବ୍ରହ୍ମାଣ୍ଡୀୟ ଚେତନାର ପ୍ରସ୍ଥାନକୁ ପ୍ରତିରୋଧ କରିବା ପାଇଁ ହିନ୍ଦୁଧର୍ମ ରେ ଶିଖା ଧାରଣର ମହତ୍ତ୍ୱ ରହିଛି। ଶିଖାର ଗଣ୍ଠି ତାଲୁଗର୍ତ୍ତ କୁ ନିବୁଜ କରିଦେବା ଦ୍ୱାରା ଶରୀର ଶକ୍ତିକ୍ଷେତ୍ର ସୁରକ୍ଷିତ ରହେ। ଏହାକୁ ମନୋବୈଜ୍ଞାନିକ ଭାଷାରେ energy seal କହନ୍ତି। energy seal ହୋଇ ନଥିବା କିଛି ଯୋଗୀଙ୍କ ଦେହରୁ ତାନ୍ତ୍ରିକମାନେ ଏକ ବିଶେଷ ପ୍ରକ୍ରିୟାରେ ଖୋଲା ତାଲୁଗର୍ତ୍ତ ଦେଇ ଶକ୍ତି ଚୋରାଇ ନିଜ ଶରୀରକୁ ପ୍ରବାହିତ କରିଥାନ୍ତି ଏବଂ ଅଧିକ ଶକ୍ତି ସଂଚୟ (extra energy conservation)କରିଥାନ୍ତି।

ମଣିଷର ମୃତ୍ୟୁପରେ ସୂକ୍ଷ୍ମ ସ୍ୱରୂପ ଆତ୍ମା ଶରୀର ତ୍ୟାଗ କରି ଚାଲିଯାଏ କିନ୍ତୁ ଲଘୁ ମସ୍ତିଷ୍କ ବା medulla oblangata ତଥାପି କ୍ରିୟାଶୀଳ ଥାଏ କାରଣ ଜ୍ଞାନତନ୍ତୁ ମାଧ୍ୟମରେ ଏହା ସହିତ ବ୍ରହ୍ମାଣ୍ଡୀୟ ଶକ୍ତିକ୍ଷେତ୍ର ସଂଯୁକ୍ତ ଥାଏ ଏବଂ ଧନଞ୍ଜୟ ପ୍ରାଣ ତଥାପି ଏହା ଭିତରେ କ୍ରିୟାଶୀଳ ରହିଥାଏ । ଲଘୁମସ୍ତିଷ୍କ ଭିତରେ ଧନଞ୍ଜୟ ପ୍ରାଣ ଥିବା ପର୍ଯ୍ୟନ୍ତ ଜୀବାତ୍ମା ଜଳତତ୍ତ୍ୱମୟ ପ୍ରେତ ଶରୀରରେ ଅବସ୍ଥାନ କରୁଥାଏ । ତେଣୁ ଶବଦାହ ପୂର୍ବରୁ ପ୍ରଥମେ କପାଳକୁ ପ୍ରହାର କରି ଲଘୁମସ୍ତିଷ୍କ କୁ ଫଟାଇ ଦିଆଯାଏ । ସେହି ଆଘାତରେ ଲଘୁ ମସ୍ତିଷ୍କ ଭିତରେ ଥିବା ଜ୍ଞାନତନ୍ତୁ ବ୍ରହ୍ମାଣ୍ଡୀୟ ଚେତନା ସହିତ ବିଚ୍ଛିନ୍ନ ହୋଇଯାଏ ଏବଂ ଜୀବାତ୍ମା ପ୍ରେତ ଶରୀରରୁ ମୁକ୍ତ ହୋଇ ଅନନ୍ତ ବ୍ରହ୍ମାଣ୍ଡ ସହିତ ମିଶିଯାଏ । ହିନ୍ଦୁଧର୍ମରେ ଏହାକୁ କପାଳ କ୍ରିୟା କହନ୍ତି। ଶବଦାହ ସମୟରେ କୌଣସି କାରଣବଶତଃ ଯଦି ଏହି କପାଳ କ୍ରିୟା ସଂପନ୍ନ ହୋଇ ନ ପାରିଲା ତେବେ ଜୀବାତ୍ମା ବ୍ୟାକୁଳ ହୋଇ ଅନନ୍ତକାଳ ପର୍ଯ୍ୟନ୍ତ ପ୍ରେତ ଶରୀରରେ ବୁଲୁଥାଏ। ପ୍ରେତ ଶରୀରରୁ ଧନଞ୍ଜୟ ପ୍ରାଣ ନ ବାହାରିବା ପର୍ଯ୍ୟନ୍ତ ପ୍ରେତାତ୍ମା ର ମୁକ୍ତି ହୁଏ ନାହିଁ।

■■■

**ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,**
**ହରିଦ୍ୱାର, ଉତ୍ତରାଖଣ୍ଡ,**
**ମୋ-୭୯୭୮୨୨୦୩୭୨**



# ସ୍ମୃତିର ପାଦଚିହ୍ନ

ଗଗନ ବିହାରୀ ନାୟକ

ଝଙ୍କାଳିଆ ବରଗଛ....।

ହାଟ ସଉଦା ସାରି ସେଇ ପୁରୁଣା ବରଗଛ ମୂଳେ ହିସାବ କରନ୍ତି ହାଟୁଆ ।ହାଟ ସରିଗଲେ ବାଟୋଇଟିଏ ହେଇ ପଥ କ୍ଳାନ୍ତ ଶ୍ରାନ୍ତ ଶରୀରକୁ କେତେ କିଏ ଲୋଟେଇ ଦେଇଥାନ୍ତି ତାର ଝଙ୍କାଳିଆ ପକ୍ଷ ବିସ୍ତାରିତ ଶାଖା ତଳେ । କେଉଁ ଦାଦା ବାପା ଅମଳର ସେ ଗଛ । ନିସ୍ୱାର୍ଥପର ସେବା ପାଇଁ ଅୟୁତ ଆୟୁଷର ସୁକର୍ମ ଫଳ ଭୋଗୁଛି ଗଛଟି । ମହାମହା ବାତ୍ୟା ତା ଆଗେ ହାର ମାନିଛନ୍ତି । କାରଣ ସେ କରିଥିବା ମହାପୂଣ୍ୟ ଫଳ ଭୋଗି ଆସୁଛି କାଳ କ୍ରମେ । ସେଇ ଗଛ ମୂକ ସାକ୍ଷୀ କେତେଯେ ଅଭୁଲା ମୁହୂର୍ତ୍ତ ମାନଙ୍କର ସତରେ...

ଯେତେବେଳେ କୁଆଁରୀ ଆଖିର ସପନକୁ ଚୋରି କରିବାକୁ ରଜାପୁଅ ସାଜି ବରବେଶ ଧରି ଘୋଡା ଚଢି ଆସେ । ତାରି ବାସ୍ତାରିତ ଶାଖାତଳେ ସଜବାଜ ହୁଏ । କନ୍ୟାର ସବାରୀ ସେଇ ଗଛମୂଳେ ଦେଖି ବର-କନିଆଁକୁ ବିଦାୟୀ ଦିଆ ଯାଏ । ଆଲକ୍ତ ପାଦରେ ପାଉଁଜି,କଟିରେ ଚାପସରି,ପାଟର ଆବରଣ ତଳେ ଚନ୍ଦନ ଚର୍ଚ୍ଚିତ କୁଙ୍କୁମ ବୋଳା ବିରଷ ମୁହଁଟିରେ ହସଧାରେ ଦେଖିପାରେନା ସେ । ଯେମିତି ମନସ୍ତାପର କୁହୁଳା ନିଆଁରେ ଜଳି ଯାଏ ଗଛଟି । ସେ ଦେଖିଛି, ପାଠ ପଢା ଅବହେଳା ପାଇଁ ଖାଇଥିବା ବେତମାଡର ଦାଗ । ପୁଚି ଖେଳର ତା କୁନି କୁନି ପାଦର ଦାଗ ସେଇ ଗଛ ମୂଳେ କେତେ ମିଶି ଯାଇଛି ସମୟର ଅନ୍ତରାଳେ । ସମୟ ସରିଛି କେତେ ତାରି ମୂଳରେ । ନଇଁ ଯାଇଛି ତା ଶାଖା ପ୍ରଶାଖା ଏଇ ଅଝଟିଆ ପୁଅ ଝିଅଙ୍କ ଆମୋଦ ପ୍ରମୋଦ ପାଇଁ । ଶୈଶବ କଟିଛି ତାରି କୋଳରେ ଯେମିତି । ସେଇ ଝଙ୍କାଳିଆ ଶାଖା ରୌଦ୍ରତାପକୁ ଶୀତଳରେ ବଦଳେଇ ଦେଇଛି ଯେମିତି । କେତେକ ଯୁବ ବୈଜ୍ଞାନିକ,କେତେ ଶିକ୍ଷକ, କେତେ ପୋଲିସ ଅଧୀକ୍ଷକ ହୋଇ ଛନ୍ତି ହେଲେ ମନେ ରଖି ନାହାନ୍ତି ତା ନିସ୍ୱାର୍ଥ ସେବା ପଣିଆଁକୁ । ସେ ଦେଖିଛି ଖାଇବାକୁ ପାଉ ନଥିବା ଏଇ ଗାଁ'ର ନିଧିଆ ଆଜି ଅଷ୍ଟନିଧିର ଅଧୀଶ୍ୱର। ହେଲେ କଣ ହେବ ବାପ-ମା'ଙ୍କ ବୃଦ୍ଧାଶ୍ରମେ ଦିନ କଟେ । କେତେ ଦୁଃଖକୁ ଛାତିତଳେ ଜାବୁଡି ଧରି ସେ ଆଜି ବଞ୍ଚିଛି। ସ୍ୱାମୀ ଅଧାରୁ ହାତ ଛାଡି ଚାଲିଗଲେ । ବାପ-ମା ଘର ଦେଲେନି ଭାଇ-ଭାଉଜର ଘର । ଏଇ ଗଛ ମୂଳେ ଦିନ ଦିନ ବିତେଇଛି ଅଖିଆ ଅପିଆ ହୋଇ, ବାପ ଛେଉଣ୍ଡଟାକୁ ମଣିଷ କରିବାକୁ ଯୁଝିଛି ପ୍ରକୃତି ସାଥେ । ଆଜି ତା' ସ୍ୱପ୍ନ ପୁରା ହେଲେ କଣ ହେବ ସେ ସ୍ୱର୍ଗୀୟ ସ୍ନେହ ଟିକିଏ ପାଇ ପାରୁନି ।ରହୁଛି ବୃଦ୍ଧାଶ୍ରମେ। ତା ଝିଅ ବାହାହେଇ ଶାଶୁଘରେ ରହିଲେ କଣ ହେବ ନିଜ ଗାଁକୁ ଆସିଲେ ସେଇ ଗଛମୂଳେ ବସି ଅସରାଏ କାନ୍ଦେ। ତାପରେ ସଂସାରର ବୁଢିଆଣୀ ଜାଲରେ ଛନ୍ଦି ହୋଇଯାଏ ଅଳୀକ ଜୀବନ । ଯେକେହି ଶାଶୁ ଘରୁ ଆସିଲେ ତାରି ମୂଳରେ ଗାଡିରଖି କିଛି ସମୟ ବିଶ୍ରାମ ନେଇ ଘରକୁ ଯିବାକୁ ପଡେ । ପ୍ରକୃତିର ସ୍ଥାୟୀ ପାନ୍ଥଶାଳାଟିଏ ସେଇ ବରଗଛଟି ସତରେ ।

ଆଜିକାଲି କିଛି ବୁଲା ବିକାଳି ଓ ଭିକାରୀ ସେଇ ଗଛମୂଳ ଆଶ୍ରୟ ନେଇଛନ୍ତି । ଗ୍ରୀଷ୍ମର ତାପ ହେଉ କି ଝଡି ବର୍ଷାର ଲଗାଣ ହେଉ ସେଇ ଗାଁ ମୁଣ୍ଡ ବରଗଛ ଦେଇଛି ଅଭୟ ।

ନୂଆ ଗାଡିଟିଏ କିଣିଛି ସୁବ୍ରତ । ଯାଇଥିଲା ଭଉଣୀ ଘରକୁ । ଖରାରୁ ଶାନ୍ତିଟିକେ ପାଇବାକୁ ସେଇ ଗଛ ମୂଳେ ବିଶ୍ରାମ ନେଲା । ଧୂ-ଧୂ ହୋଇ ଜଳୁଛି ଗାଁ ରୁ ସହର । ଭିକାରୀ ଟି ହାତରେ ଧରିଥିବା ସିଲଭର ଥାଳୀଟିକୁ ବଢେଇ, କିଛି ପଇସା ମାଗିଲା ।

- କିଛି ପଇସା ଦିଅ ବାବୁ!!! - ଧର୍ମ ହେଉ କି ନ ହେଉ ଧର୍ମ ନାଆଁ ଶୁଣିଲେ ମିଳିଯିବାର ସୁଯୋଗ ବେଶି । ତେଣୁ ତାକୁ କେହି କେବେ ହାତ ଛଡା କରନ୍ତି ନାହିଁ । ଖରା ଦିନେ ପେଟ ଦେଖେଇ ମାଗିଲେ କିଏ ଅବା ନ ଦେବ । ଆଜିକାଲି ଚାରଣି ଆଠଣି ଆଉ ନାହିଁ । ମୁଦ୍ରା କୋଷରୁ କୁଆଡେ ଉଭାନ ହେଇ ଗଲାଣି। ଯିଏ ଦେବ ନିଶ୍ଚିତ ଟଙ୍କାଏ ଉପରକୁ । ଟଙ୍କିଆ ଚାଉଳ ବି କିଣି ହୋଇଯାଏ ସେଇ ଟଙ୍କାଏ ମୂଲ୍ୟରେ । ସେଇ ଟଙ୍କାଏ ପାଇବାକୁ କେହି ଖୋଜେ ନର୍ଦ୍ଦମା ନାଳୀରେ ।

ତଥାପି ମିଳେନା କିନ୍ତୁ ଧରମ ହେବ କହି ହାତ ପାତିଲେ ମିଳିଯାଏ । ସୁବ୍ରତ ଟିକେ ଆଡେଇ ଯିବାକୁ ଭାବିଲା । ପୁଣି ସେଇ କରୁଣ ସ୍ୱର-ବାବୁ ଟଙ୍କାଟିଏ ଦିଅ,ଧର୍ମ ହେବ !!!

ସୁବ୍ରତ କିଛି ଭାବି ପାରୁ ନଥିଲା କି ଆଗକୁ ଯାଇ ପାରୁ ନଥିଲା । ସେ ନୂଆ ଗାଡିର ଟାଙ୍କି ଖୋଲି ବାରମ୍ବାର ଦେଖୁଥିଲା । ଟାଙ୍କିର ସବୁ ତେଲ ସରିଯାଇଥିଲା । ସୂର୍ଯ୍ୟ ତାପରେ ତା' ମୁହଁଟା ଯେମିତି ଗୋଟେ ବିରକ୍ତି ଭାବରେ ଜଳୁଥିଲା । କେତେ ଥର ଫୋନ କରୁଛି କେହି ଉଠାଇବାର ନାହିଁ । କାରଣ ଘରେ ବି ସେମିତି କିଛି ଟଙ୍କା ନ ଥିଲା ବୋଲି ବୋଉ ତାର କହିଥିଲା । କାହାକୁ ଶହେ ଟଙ୍କା ମାଗିବ ସେ । ଏଇ କଥା ଭାବୁଥିଲା ।ସେଇ ସମୟରେ ଭିକାରୀର ମାଗିବା ତାକୁ ବହୁତ ବାଧୁଥିଲା । ନିଜ ପାଖରେ ପଇସାଟେ ନାହିଁ ଏଣେ ଭିକିରୀକୁ ଭିକ । ତାର ନିରୁତ୍ତରକୁ ଭିକାରୀଟି ବେଶ ଜାଣି ପାରୁଥିଲା । ଶେଷରେ ଭିକାରୀଟି ସୁବ୍ରତ କାନ ପାଖକୁ ଲାଗିଯାଇ ଅସ୍ପଷ୍ଟ ସ୍ୱରରେ କହିଲା-ଆଜ୍ଞା, ପଇସା ନାହିଁକି ?

ସୁବ୍ରତ ଚମକି ପଡିଲା- ଏଁ-ମୋ' କଥା ଭିକାରୀ ଜାଣିଲା କେମିତି ?

କିଛି ଲୁଚେଇବାକୁ ଯାଇ ଧରା ପଡିବା ଅପେକ୍ଷା ସତ କଥା କହିଦେବା ଭଲ । ଏଇ କଥା ଭାବି ସେ କହିଲା-

- ହଁ ତେଲ ସରିଯାଇଛି ଆଉ ଟଙ୍କା ବି ସରିଗଲା। ଏତିକି କହି ରୁମାଲରେ ଝାଳ ପୋଛି ଦି'ଥର ସିଟ କଭରକୁ ବାଡେଇ ଚୁପ ଚାପ ହୋଇ ବସିଲା ।

-ଭିକାରୀ ଟି ପାଖାପାଖି ବସିଲା ସୁବ୍ରତ ପାଖରେ । କହିଲା-ଆପଣ ପାଟପୁର ଯିବେ,ଏଇ ନିଅ ଦୁଇ ଶହ ଟଙ୍କା ମୁଁ ଦେଉଛି । ଆଗରେ ଗୋଟେ ଦୋକାନୀ ଖୁଚୁରାରେ ତେଲ ବିକୁଛି । ତା' ଠାରୁ ତେଲ ପକେଇ ଘରକୁ ଯିବେ । ପଛରେ ଟଙ୍କା ଫେରସ୍ତ କରିବାକୁ ଏଇ ଗଛମୂଳେ ମୁଁ ଥିବି, ଫେରେଇ ଦେବେ।

-ତୁମେ...

-ହଁ,ମାଗି ମାଗି ଏଇ ଦୁଇଶହ ଟଙ୍କା ଅଛି । ନିଅ ।ହଁ,ଯେବେବେଳେ ସୁବିଧା ହେବ ଫେରେଇ ଦେଲେ ଆଉ କାହା କାମରେ ଲାଗିଯାଇପାରିବ? କିନ୍ତୁ ଫେରାଇବାକୁ ହେବ ଇଏ ତ ଜନମଙ୍ଗଳ ପଇସା । ଜଦି ପାରିବ ଦଶ ଟଙ୍କା ଅଧିକ ଦେଲେ ଭଲ ହେବ।ହେଲେ କାମ ଦାମ ତ କରି ନାହିଁ କାମ କଲେ ଯାହା ଖୁସିରେ ଦେବ। ଈଶ୍ୱର ଶୀଘ୍ର ଭଲ ଚାକିରୀଟିଏ କରେଇ ଦେଲେ ଏ ଅଭାବ ରହିବ ନାହିଁ ।

-ମାନେ,କିଛି ବୁଝି ନପାରି ଚାହିଁଲା-ସୁବ୍ରତ ।

-ଗଛକୁ ଦେଖେଇ କହିଲା ଭିକାରୀଟି, ଇଏ ନିଃସ୍ୱାର୍ଥପର ସେବା କରୁଛି। ମୁଁ ମଣିଷ ହେଇ ମଣିଷର ଦୁଃଖ ସହିବି କେମିତି? ଭୀମ ଭୋଇଙ୍କ ଅମୂଲ୍ୟ ବାଣୀ ମୋ ହୃଦୟ ଭିତରେ ଏବେ ବି ପ୍ରତିଧ୍ୱନିତ କରୁଛି-ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ,ଦେଖୁ ଦେଖୁ କେବା ସହୁ। ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।ସୁବ୍ରତ ମନେ ପକାଉଥିଲା

ଓଡିଶା ଇତିହାସରେ ସ୍ଥାନ ମଣ୍ଡନ କରିଥିବା ସେଇ ସର୍ବହରା, ମାଗିଖିଆ ଭିକାରୀ ଦାତା ବାଇମୁଣ୍ଡି କଥା ।

ଏ ଅସମୟରେ କିଏ ବା ତାକୁ ସାହାର୍ଯ୍ୟ କରିବ । ଏକଥା ଭାବି ସେ କହିଲା । ହେଲେ ଆପଣ ମାଗିବା ସହିତ ସେଇ ଟଙ୍କାରେ ଅଭାବୀ ଲୋକମାନଙ୍କୁ ସାହାର୍ଯ୍ୟ କରନ୍ତି ।

-ହଁ, ଆପଣଙ୍କ ଗାଁ ମାନଗୋବିନ୍ଦ ଘରେ ବାହା ହେଇଥିବା ଝିଅଟିର ବାହାଘର ବେଳେ ନିଅଣ୍ଟ ଦଶ ହଜାର ଟଙ୍କା ମୁଁ

ଦେଇଛି । ସେ ଫେରସ୍ତ କରନ୍ତୁ କି ନକରନ୍ତୁ ଝିଅଟିତ ସୁଖ ସଂସାର କରି ସୁଖରେ ରହିଛି ସେ ସୁଖରେ ଆମେ ଖୁସି ହେବା । ଯେତେବେଳେ ଲେଉଟ ଆସେ ଏଇ ଗଛମୂଳେ ବସି ବହେ ଶାଶୁଘର କଥା ଗପେ । ଭଲରେ ଅଛି ବୋଲି କହେ। ଭଲ ଘର ଭଲ ବର ଆଉ କଣ ଦରକାର...।

-ଆପଣ ଏ ମହତ ସେବା କେବେଠାରୁ ଆପଣେଇଛନ୍ତି ?

-ମୁଁ ....କହି ହତାଶର ଦୀର୍ଘଶ୍ୱାସ ମାରିଲା ଭିକାରୀଟି । କହିଲା ଶୁଣିବ-ଶୁଣ, ମୋ ନାଆଁ-ସୁରେଶ ପାଟ ଓରଫ ସୁରିଆ ପାଟ। ଗାଁ ହରେକୃଷ୍ଣ ପୁର । ମାଆବାପା ଚାଲିଗଲା ପରେ ଭାଇ ଭାଉଜ ଘରୁ ତଡିଦେଲେ । ଏକା ରହିଗଲି ମୁଁ । ଦିନେ ଏମିତି ଏକ କିଟିମିଟି ସଂଜ ବେଳଟା, ଏବେବି ଜଳଜଳ ହୋଇ ଦେଖା ଯାଉଛି । ମୋ ଆଖି ସାମ୍ନାରେ କେହି ଜଣେ ନିରୀହ ସ୍ତ୍ରୀ ଲୋକଟିକୁ ମାରିବାକୁ ଧାଉଁଥାଏ ।ସେ ନିଜକୁ ବଞ୍ଚେଇବାକୁ ଶତ ଚେଷ୍ଟାକରି ବିଫଳ ହେଲା ପିନ୍ଧା ଶାଢୀ ଲାଗି ଝୁଣ୍ଟି ପଡିଲା ଆଉ ତା ପଛରେ ଗୋଡ଼େଇ ଥିବା ଲୋକଟିର ଠେଙ୍ଗା ମାଡରେ ସେଇଠି ସବୁ ଦିନ ପାଇଁ ଟଳି ପଡିଲା । ମୁଁ ସେତେବେଳକୁ କଲେଜରେ ପଢୁଥାଏ ।

-କଲେଜରେ ଆପଣ ପଢୁଥିଲେ । ଚାକିରୀ ନକରି...? ଏଇ ବାଟକୁ ଆପଣାଇଲେ ।

-ହଁ,ବେକାରୀ ଦୁନିଆଁରେ ଜଦି ଜଣେ ଚୋରୀ ନକରି ଭିକ ମାଗେ ତାକୁ ସମସ୍ତେ ସମାଲୋଚନା କରିବେ । କିନ୍ତୁ ଜଦି କେହି ଭଦ୍ରଲୋକ ଚାନ୍ଦା ମାଗି ପୂଜା କରିବାକୁ ଚାହେଁ ତାକୁ ଜନତା ପୂଣ୍ୟ ଭାବିବେ। ମୁଁ ଚାକିରୀଟିଏ ନ ପାଇ ବଞ୍ଚିବାକୁ ଏଇ ମାଧ୍ୟମ ଧରି ନେଇଛି । ସେଇ ଜନତାଙ୍କୁ ଟଙ୍କା ମାଗି ତାଙ୍କ ଭିତରେ ଥିବା ଗରିବଙ୍କ ଅଭାବ ବୁଝୁଛି । ମୁଁ ଜାଣିବାରେ ମୋର କିଛି ଭୁଲ କରିଛିକି ? କେବଳ ଦି'ଓଳା ଖାଉଛି । ବାକି ସବୁ ଭିକ ମଗା ଅର୍ଥ ଲୋକ ସେବାରେ ବିନିଯୋଗ କରିଛି । କାମ ସରିଗଲେ କିଏ ଫେରେଉଛିତ କିଏ ଅଭାବ ଗ୍ରସ୍ତ ହୋଇ ଫେରେଇବା ନାଆଁ ଧରନ୍ତି ନାହିଁ । ମୁଁ କଣ କରି ପାରିବି ।ସେଇ ମାନେ ଦିଅନ୍ତି ସେଇମାନଙ୍କ କାମରେ ଖର୍ଚ୍ଚ ହୁଏ । ଆଶ୍ରମର ବାବା ନୁହେଁଯେ,
ଲୋକଙ୍କ ଚାନ୍ଦାନେଇ ତାଙ୍କୁ ଠକି ଶେଷ ଜୀବନ ଯାଏଁ ଜେଲରେ ପଶିବି। ଏଇ ଗଛ ତଳେ ଗଛର ଆଦର୍ଶ ନେଇ ଆଶ୍ରିତ ହୋଇଛି ।ନିସ୍ୱାର୍ଥ ସେବା କରୁଛି ମୋର କିଏବା ଅଛି ? ଚାକିରୀ ନ ମିଳିବାରୁ ବାହା ନ ହେଇ ଏଇ ପଥର ପଥିକ ସାଜିଛି। ବୟସତ ବ୍ୟସ୍ତ ଅପରାହ୍ନର ସଂଜ ବୁଡ଼ ବେଳ...।କେତେ ବେଳେ ରାତି ହେଇଯିବ କିଏ କହିବ ।

-କଥାର ମର୍ମ ବହୁତ ଚମତ୍କାର ଲାଗୁଥିଲା ସୁବ୍ରତକୁ । ସେ ପଚାରିଲା ତାପରେ ସେ ହତ୍ୟାକାରୀର କଣ ହେଲା ।

କଥାର ମୋଡ ନ ବଦଳେଇ ସେ କହିବାକୁ ଲାଗିଲେ...


ସେଇ ସଂଜ ବେଳଟାରେ ହତ୍ୟାକାରୀ ତା' ସ୍ୱାମୀ ଫେରାର ହେଇଗଲା । ଯାଇ ଦେଖିଲି ସେ ଆମ ଗାଁ'ର ପୁରିଆ ଭାଇ ବଡ ବୋହୁ। ଯୌତୁକ ବାବଦ ଗାଡି ଟଙ୍କା କିଛି ବାକି ଥିଲା ବୋଲି ତା ସ୍ୱାମୀ ଜନ୍ମଜନ୍ମାନ୍ତରକୁ ପବିତ୍ର ବନ୍ଧନରେ ବାନ୍ଧି ହେଇଥିବା ସ୍ତ୍ରୀ କୁ ବିଭତ୍ସ ଭାବେ ହତ୍ୟା କଲା । ଅବଶ୍ୟ ସେ ଆଜୀବନ କାରାଦଣ୍ଡ ଭୋଗିଲା ହେଲେ ମୋ ଜୀବନ ଧାରା ବଦଳେଇ ଦେଲା । ସେଇ ଦିନୁ ମୁଁ ଶପଥ କଲି ଏଇ ନିରୀହ କଳିଙ୍କୁ ଦଳିଚକଟି ନଷ୍ଟ ଭ୍ରଷ୍ଟ କରି ଦେଉଥିବା ଯୌତୁକ ରାକ୍ଷସ ପାଇଁ ସାଜିବି ଦେବଦୁତ । ସେଇ ସଂଜ ବେଳର ହତ୍ୟାକାଣ୍ଡର ରାଜସାକ୍ଷୀ ମୁଁ । ମୋତେ ଧମକ ଦେଇଛି ସେ ପାପୀ ।ମୁକୁଳିକି ଆସିଲେ ମୋତେ କୁଆଡେ ମାରିଦବ ତେଣୁ ଅବିବାହିତ ହୋଇ ଅନେଇଁ ରହି ରହି ଜୀବନଟା ସାରି ଦେଲି । ଗୋଟେ ଅପରିଣାମ ଘଟଣାର ରାଜସାକ୍ଷୀ ହେଇ ଅନ୍ତତଃ ଗୋଟିଏ ଝିଅର ହତ୍ୟାକାରୀକୁ ମୋ ବୟାନରେ ଜେଲ ପର୍ଯ୍ୟନ୍ତ ପହଞ୍ଚାଇ ପାରିଛି ଆଉ କରି ଚାଲିଛି ସମାଜ ମଙ୍ଗଳ କାମ । ଆପଣାର କରି ଏଇ ମାଗିଖିଆ ବ୍ୟବସାୟକୁ । ସେଦିନ ଏଇ ଗଛମୂଳେ ପଡିଥିଲା ଖବର କାଗଜ ଟୁକୁଡାରେ ଗୋଟିଏ ଘଟଣା ଲେଖାଥିଲା ଗୋରା ଲୋକଟା ଗୋଟିଏ କଳା ଲୋକକୁ ବାହା ହେଇ ନିଜ ସ୍ଫୁର୍ତି ପୁରଣରେ ବାଧା ଆସିବାରୁ ମାରିଦେଲା । ଶୀର୍ଷ ସଭ୍ୟଦେଶର କଥାକୁ କେହି ଭୁଲ ନବୁଝି ବାକୁ ଯେତେ ସେ ଦେଶର ମହିଳା ତାକୁ ନାରୀ ହତ୍ୟାକାରୀ କହି କେହି ବାହା ହେଲେନି । ଫଳରେ ସାରା ଜୀବନ ଦୁଃଖରେ

କାଟିବାକୁ ପଡିଥିଲା । ଆମ ଦେଶରେ ସଭ୍ୟଲୋକେ ଏମିତି ପ୍ରତିକାର କଲେ ଦେଶ ଅନ୍ୟବିକଶିତ ଦେଶ ଭଳି ଉର୍ଦ୍ଧ୍ୱରେ ରହନ୍ତା ।

ଥପ ଥପ ଲୁହରେ ଭିଜୁଥିଲା ସୁବ୍ରତର ଆଖି । ଅପରାହ୍ନ ସୂର୍ଯ୍ୟସ୍ତ ଅଂଶୁ କ୍ରମଶଃ ଶୀତଳ ହେଇ ଆସୁଥିଲା । ଭିକାରୀଟିକୁ ମହାନ ଭାବି ତା ଉଦ୍ଦେଶ୍ୟରେ ନମସ୍କାର କରି ପାଦ ଛୁଉଁ ଛୁଉଁ କେହିଜଣେ ପଛରୁ କହୁଥିଲା ଆପଣଙ୍କ ଗାଡିର ତେଲ ସରି ଯାଇଛି କି? ଏଇ ନିଅ ମୋ ବ୍ୟାରେଲରୁ ଦେଉଛି ଲିଟରଟେ କି ଅଧିକ । ହସିଦେଇ ସୁବ୍ରତ କହିଲା ଲିଟରକ ଦାମ ଶହେ ଟଙ୍କା ଅଛି ।ହେଇଯିବ। ବାକି ଶହେ ଟଙ୍କା ଫେରେଇ ଦେଉ ଦେଉ ଭିକାରୀଟି କହିଲା ଆଉ ଶହେ ପକେଇ ଦିଅ। ମୋତେ କାହିଁକି ଏତେ ପର ଭାବୁଛନ୍ତି । ମୁଁ ଭିକାରୀ,ଭିକ ମାଗୁଛି,ଏଇ ଭିକାରୀ ମାନଙ୍କ ପାଇଁ ଯିଏ ମୋତେ ଭିକ ଥାଳ ଧରେଇ ଦେଇଛନ୍ତି । ସେମାନଙ୍କ ପାଇଁ ତ ମୁଁ ଭିକାରୀ ଆଜି। ଛାଇ ତଳେ ବହୁଥିଲା ଶୀତଳ ପବନ । ତା ଶୀତଳ ଶାଖାରେ ବସି ଦୁଇଟି ଚଢେଇ କିଚିରି ମିଚିରି ଭାଷାରେ କହୁଥିଲେ ବୋଧେ - ଅନ୍ଧାର ଆସୁଛି ଆଲୁଅ ଖୋଜି ନିଅ...ଦୁଃଖରୁ ସୁଖକୁ ବାଛି ନିଅ...କାନ୍ଦିବାରୁ ହସିବା ଶିଖ ।।

■■■

ମଞ୍ଚେଶ୍ୱର, ଭୁବନେଶ୍ୱର
ମୋ-୭୨୦୫୨୯୩୮୫୬




## ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା ଅଞ୍ଜଳି ଆଚାର୍ଯ୍ୟଙ୍କର ଅନୁବାଦିତ ଗଳ୍ପ ସଂକଳନ 'ଚର୍ଚ୍ଚିତ ଗଳ୍ପଗୁଚ୍ଛ'



# ସିଦ୍ଧି ନୁହେଁ ପ୍ରସିଦ୍ଧି

**ଶଶାଙ୍କ ଶେଖର ମିଶ୍ର**

ଏବେ ଫାଷ୍ଟଫୁଡ୍ ର ଜମାନା। ସବୁ ଫାଷ୍ଟ। ଅପେକ୍ଷା କରିବା ପାଇଁ କାହାର ଧୈର୍ଯ୍ୟ ନାହିଁ। କି ପୁରୁଷ କି ନାରୀ, ରାତାରାତି କୋଟିପତି ଆଉ ରୂପବତୀ ହେବାର ଇଚ୍ଛା ସମସ୍ତଙ୍କର। ସମସ୍ତଙ୍କର ଦରକାର ସାଧନା ବିନା ସିଦ୍ଧି। ଆଜିର ଯୁବକ ବର୍ଷେ/ଦୁଇ ବର୍ଷ କ୍ରିକେଟ କୋଚିଙ୍ଗ୍ ନେଇ ୱାଲର୍ଡ କପ୍ ଖେଳିବାର ସ୍ୱପ୍ନ ଦେଖେ। ଆପଣଙ୍କ ଭାଇ ବା ପୁଅକୁ ଲକ୍ଷ୍ୟ କରିଥିବେ - ଗୋଟିଏ ସପ୍ତାହ ଜୀମ୍ କୁ ଯାଇ ଦର୍ପଣ ଆଗରେ ବିଭିନ୍ନ ଭଙ୍ଗୀରେ ମସଲ୍ ପରଖୁ ଥିବ ବା ଦଶଦିନ ମର୍ଣ୍ଣୀୱାକ୍ ଯାଇ ଭାଇ ବା ବୋଉକୁ ପଚାରୁଥିବ- ଦେଖିଲ ! ମୁଁ ଟିକେ ପତଳା ହୋଇଯାଇନି? ଏମିତି କେତେ କ'ଣ ।

ମହିଳା କୋଟାରେ ପାଞ୍ଚ ବର୍ଷ ପାଇଁ ସରପଞ୍ଚ ହୋଇଥିବା ମହିଳାଟି ପରବର୍ତ୍ତୀ ପର୍ଯ୍ୟାୟରେ ଅବଶୋଷ କରି କୁହେ- ସୁବିଧା ବା ସୁଯୋଗ ପାଇଥିଲେ ସେ କ'ଣ ଇନ୍ଦିରା ଗାନ୍ଧୀ ନହେଲେ ବି ଅନ୍ତତଃ ନନ୍ଦିନୀ ଶତପଥୀ ଟିଏ ହୋଇପାରିନଥାନ୍ତା?

ଏ ବିଚାରଧାରାର ଶେଷ ନାହିଁ ।

ଏମାନେ କ'ଣ କେବେ ବି ଚିନ୍ତା କରନ୍ତି ଯେ-ଜଣେ ରଫି, ଜଣେ ତେନ୍ଦୁଲକର ବା ମନୋଜ ଦାସ ହେବାପାଇଁ ସେମାନଙ୍କୁ କେତେ ସାଧନା, କେତେ ତ୍ୟାଗ କରିବା ପାଇଁ ହୋଇଛି । କେତେ ରିୟାଜ, କେତେ ବିରାମହୀନ ଅଭ୍ୟାସ ପରେ ଜଣେ ସୁନନ୍ଦା ପଟ୍ଟନାୟକ, ଜଣେ ଜାକୀର୍ ହୁସେନ୍ ବାହାରିଛନ୍ତି। ତଥାପି ସେମାନେ କୁହନ୍ତି -ଆମକୁ ଗୁରୁ ବୋଲି କୁହନି -ଆମର ଏବେବି ଅନେକ ଶିଖିବାର ଅଛି,ଆଉ ସିଦ୍ଧି!! ସିଏତ ଅନ୍ଧାର ଘରେ ନଥିବା କଳା ବିରାଡ଼ି ପରି ଅଲଭ୍ୟ।

କହିବାର କଥା ହେଲା- ଏବେ ସେ ଯୁଗ ସରି ଆସିଲାଣି। ସିଦ୍ଧିଲାଭ ପାଇଁ ସାଧନାର ଆବଶ୍ୟକତା ଏବେ ଆଉ ଅପରିହାର୍ଯ୍ୟ ନୁହେଁ। ସିଦ୍ଧି ନୁହେଁ,ଆମର ଦରକାର ପ୍ରସିଦ୍ଧି । ଆମେ ଏବେ କରୁଛୁ କ'ଣ? ଯେନ ତେନ ପ୍ରକାରେ କିଛି ଗୋଟାଏ ସାର୍ଟିଫିକେଟ ହାସଲ କରି ବିଭିନ୍ନ ଗଣମାଧ୍ୟମରେ ନିଜକୁ ପ୍ରଚାରିତ ବା ପ୍ରକାଶିତ କରିଦେଇପାରିଲେ କାମ ଶେଷ । ସିଦ୍ଧି ଲାଭ କରିଥିବା ମହାନ୍ ସାଧକମାନେ ଥାଆନ୍ତୁ ପାଠ୍ୟପୁସ୍ତକମାନଙ୍କରେ।

ଏପ୍ରସଙ୍ଗରେ ମଜା କଥାଟିଏ ଶୁଣନ୍ତୁ।

ଦିନେ କାର୍ଯ୍ୟୋପଲକ୍ଷ୍ୟେ ମୋର ଏକ ସଂପର୍କୀୟ ସାନଭାଇର ଅଫିସ୍ କୁ ଯାଇଥିଲି। ମୋତେ ଦେଖି ସେ କହିଲା -ଭାଇନା!କହିଲ- ମୁଁ ଆଗ ଅପେକ୍ଷା ଟିକେ ଅଧିକ ଗୋରା ଦେଖାଯାଉନାହିଁ?ତା'ଦେହ ନୂଆ ତିଆରି ପିଚୁ ସଡ଼କ ପରି କଳା ନହେଲେ ମଧ ଆଦୌ ସଫା ନୁହେଁ । ଭଦ୍ରତା ଖାତିରିରେ ମନେ ମନେ ହସି କହିଲି "ହଁ! ସେମିତି ଟିକେ ଜଣା ପଡୁଛି ତ। ଏଥିପାଇଁ କଣ କିଛି ମେଡ଼ିସିନ୍ ବ୍ୟବହାର କରୁଛୁ ?" ସେ' ଉଲୁସି ଉଠି କହିଲା "ନାଇଁ ମ ଭାଇନା ! ମୁଁ ଆଉ ଖାଇବା ଛୁଟିରେ ବରା,ମଟର ତରକାରୀ ନଖାଇ ବୁଲାସାହୁ ଦୋକାନରୁ ସବୁଦିନ ପାଏ ଲେଖାଏଁ ଗରମ କ୍ଷୀର ପିଉଛି।"ମୋତେ ପୁନର୍ବାର ହସ ରୋକିବାକୁ ପଡ଼ିଲା । ପଚାରିଲି -ତୁ ଏ ଖାଦ୍ୟ ପରିବର୍ତ୍ତନ କେତେଦିନ ହେଲା କଲୁଣି ? ଦ୍ୱିଗୁଣ ଉତ୍ସାହରେ ସେ କହିଲା - ଆଜିକୁ ମିଶାଇ ପାଞ୍ଚଦିନ ତ ହେଲା ।

ବୁଝିପାରିଲେ ତ? ଆମେମାନେ ସବୁ ଏମିତି।

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪



# ମାତୃଭକ୍ତି

**ମନୋରମା ମିଶ୍ର**

ସନ୍ତୋଷର ମା' ଅତି ବୁଢୀ ହୋଇଯିବାରୁ ଗାଁରେ ଆଉ ଏକୁଟିଆରେ ଚଳିପାରିଲେନି । ତେଣୁ ସନ୍ତୋଷ ତାଙ୍କୁ ନିଜ ସହର ଘରକୁ ନେଇଆସିଲା । ମା'କୁ ସେ ଅତି ଭଲ ପାଉଥିଲା ଏବଂ ସତରେ କେବଳ ଭଲ ହିଁ ପାଉଥିଲା। ତା'ସ୍ତ୍ରୀ ଘରର ଓ ପିଲାଙ୍କର କାମ କରିବା ସହିତ ମା'ର କାମତକ ମଧ୍ୟ କରୁଥିଲା। ସେଥିପାଇଁ ତାକୁ ଅନେକ ପରିଶ୍ରମ କରିବାକୁ ପଡୁଥିଲା। ତଥାପି ସବୁ ଠିକଠାକ୍ ଚାଲିଥିଲା। କିନ୍ତୁ ସନ୍ତୋଷ କୌଣସି ସାହାଯ୍ୟ କରିବା ତ ଦୂରର କଥା ବରଂ ମଝିରେ ମଝିରେ ମା'ର କାମ ଆହୁରି ଠିକଠାକ୍ କରିବାକୁ ସ୍ତ୍ରୀକୁ ଉପଦେଶ ଦେଉଥିଲା। ଥରେ ଥରେ ବାଧ ମଧ୍ୟ କରୁଥିଲା। ଫଳତଃ କିଛିଦିନ ଭିତରେ ମା'ପାଇଁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରତିଦିନ ଝଗଡା ହେଲା। ଶେଷରେ ସ୍ତ୍ରୀ ରାଗିଯାଇ କହିଲା,'ମା'ଙ୍କୁ ଜରାଶ୍ରମରେ ଛାଡ ନହେଲେ ମୁଁ ସବୁ ଛାଡି ବାପଘରକୁ ଚାଲିଯିବି ।

ସନ୍ତୋଷ ମା'କୁ ଭଲପାଉଥିଲା, ହେଲେ ସ୍ତ୍ରୀ ସବୁଛାଡି ଚାଲିଯିବ କହିବାରୁ ତା' ଭଲପାଇବା କେଉଁଆଡେ ଚାଲିଗଲା, ମା'କୁ ନେଇ ଜରାଶ୍ରମରେ ଛାଡିଦେଲା । କାରଣ ସେ ଜାଣିଥିଲା ସ୍ତ୍ରୀ ବିନା ସେ ଏକୁଟିଆ କିଛି ବି କାମ କରିପାରିବ ନାହିଁ । ଏମିତିକି ମା'ର କାମ ତ ଆଦୌ ନୁହେଁ । ଖାଲି ସ୍ତ୍ରୀ ସବୁ କାମ ସହିତ ମା' କାମ ବି ଚୁପଚାପ୍ ସୁରୁଖୁରୁରେ ତୁଲେଇ ଦେଉଥିବାରୁ ସେ ମା'କୁ ଖୁବ୍ ଭଲପାଉଛି ବୋଲି ଦେଖେଇ ହେଉଥିଲା ।

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪



# ବିଶେଷ ସୁବିଧା



**ମୂଳ ହିନ୍ଦୀ ଲେଖକ : ବିଜୟ ଦାନ ଦେଥା**
**ଅନୁବାଦ : ଅଞ୍ଜଳି ଆଚାର୍ଯ୍ୟ**

ଜଣେ ରାଜା ଥିଲେ । ଉଦାର ହୃଦୟ ସାଙ୍ଗରେ ସେ ଖୁବ ନ୍ୟାୟଶୀଳ । ତାଙ୍କ ରାଜ୍ୟରେ ଦୋଷୀ ନିଜେ ଦଣ୍ଡ ବାଛିବା ପାଇଁ ବିଶେଷ ସୁବିଧା ଥିଲା । ଥରେ କ'ଣ ହେଲାନା ଗୋଟିଏ ଚୋର ଚୋରି କରି ଥିବାରୁ ତାକୁ ଦଣ୍ଡ ଶୁଣାଗଲା । ଚୋର ତା ଇଚ୍ଛାରେ ଶହେ ପିଆଜ ଖାଇ ପାରିବ ନ ହେଲେ ଶହେ ଜୁତା ତଡାତଡ୍ ପାଇପାରିବ । ଚୋର ବି ଚୋରଙ୍କ ଗୁରୁ ବାହାରିଲା ।

ନ୍ୟାୟପ୍ରିୟ ରାଜା ହସି ହସି କହିଲେ" ଯାହା ତୋର ଇଚ୍ଛା ।" ଚୋରର ଇଚ୍ଛା ଯାହା ତାହା ହେଲା ପରେ ବି ତା କଥା ରହି ପାରିଲା ନାହିଁ । ପିଆଜ ଖାଉ ଖାଉ ମୁହଁ ରେ ନିଆଁ ଲାଗିଲା ପରି ଅନୁଭବ ହେଲା । ଆଗକୁ ପିଆଜ ଖାଇବା ତ ଦୂର ତାକୁ ପିଆଜ ଦେଖିଲେ ଅ... ମାଡ଼ିଲା ,ଉଫ୍ ଆସିଲା । ଦଣ୍ଡ କିନ୍ତୁ ଭୋଗିବାକୁ ପଡ଼ିବ । ଏହା ଭାବି ନିଜ ଇଚ୍ଛାରେ ଶହେ ଜୁତା ଖାଇବା ପାଇଁ ପ୍ରସ୍ତୁତ ହୋଇଗଲା । ଜୁତା ଖାଇବା ଏମିତି ତାର ଅଭ୍ୟାସ ଥିଲା । ମୁହଁ ତ ଆଉ ପୋଡିବନି । କିଛି ସମୟ ମୁଣ୍ଡ ଝନଝନ ହୋଇ ଠିକ ହେଇ ଯିବ । ଯେ ଜୁତାରେ ମାରୁଥିବା ଲୋକଟି ତା କାମ ସେ ଠିକ ରୂପେ ତୁଳଉ ଥିଲା । ଖାଲି ମୁଣ୍ଡରେ ଠାଏ ଠାଏ ଜୁତା ପଡ଼ିବାରୁ ତା ଆଖି ଆଗରେ ଅନ୍ଧାର ଦେଖାଗଲା । ମୁଣ୍ଡ ତ ଲାଗୁଥିଲା ଆଉ ନାହିଁ ଶୁନ ହୋଇ ଯାଇଛି । ଶହେ ଜୁତା ଖାଇବା ପରେ ମୁଣ୍ଡ ଆଉ ରହିବ ତ ? କୋଡ଼ିଏଟି ଜୁତା ପଡୁପଡୁ ମୁଣ୍ଡ ମାଲପୁଆ ପରି ଫୁଲିଲାଣି । ଏଥିରୁ ଭଲ ପିଆଜ ଖାଇବା । ଜୁତା ର ପ୍ରକୋପରେ ସେ ପିଆଜ ଖାଇବା ଭୁଲି ଗଲାଣି । ହାତ ଦେଖେଇ ରହିବା ପାଇଁ ବିନତି କଲା ଲୋକଟା କୁ । ଜୁତାରେ ମାରୁଥିବା ବ୍ୟକ୍ତି ରହିଗଲା । ସେ ରାଜାଙ୍କୁ ହାତଯୋଡି ପ୍ରାର୍ଥନା କଲା ବାକି ଥିବା ପିଆଜ ସେ ଖାଇ ପାରିବ ।

ସେ ନିଜ ମନ ମୁତାବକ ଦଣ୍ଡ ଦେଉଥିବା ରାଜା କାହାର ଇଚ୍ଛା ବିରୁଦ୍ଧରେ କିଛି ପାବନ୍ଧି ରଖିବା ଚାହୁଁ ନ ଥିଲା । ମୁଣ୍ଡର ଝନ୍ ଝନାହଟ୍ ଯାଇ ନ ଥିଲା ସେ ପୁଣି ପିଆଜ ଖାଇବା ଆରମ୍ଭ କଲା । କିନ୍ତୁ ମୁଣ୍ଡ ର ଦରଜ ଯାଉଯାଉ ମୁହଁ ରେ ଜାଣ ନିଆଁ ଜଳୁଛି । ଆଖିର ବି ଅବସ୍ଥା ଖରାପ । ହାତରେ ମଳିଲେ ସେ ଅଧିକ ପୋଡୁଛି । ଧୈର୍ଯ୍ୟ ର ସହିତ ସେ ପୁଣି କୋଡ଼ିଏ ପଚିଶ ପିଆଜ ସେ ଖାଇଲା । ସତେ ଯେମିତି ସେ ତା ମୁହ ଫାଟି ଯିବ । ମୁହଁ ନାକ ଆଉ ଆଖି ର ଜଳିବାରେ ଜୁତା ମାଡ଼ ସେ ଭୁଲି ଗଲା । ଏହା ବଦଳା ସେ ଜୁତା ଖାଇଯିବ କିଛି ବି ଦଣ୍ଡ ବାଛିବାର ତାର ପୂର୍ଣ୍ଣ ଅଧିକାର ଅଛି । ଗେଁ ଗେଁ ହୋଇ ସେ ଯାଚନା କଲା ବାକି ଥିବା ଜୁତା ସେ ଖାଇ ପାରିବ ।

ଦୟାବନ୍ତ ରାଜା ତା କଥା ମାନିଗଲେ । ଜୁତାରେ ମାରୁଥିବା ଲୋକ ପୁଣି ହାତରେ ଜୁତା ନେଇ ଛିଡାହେଲା । ଲଇଁ ଥିବା ମୁଣ୍ଡ ରେ ପୁଣି ଜୁତା ପଡିବା ଆରମ୍ଭ ହେଲା । ଷାଠିଏ ଜୁତା ଖାଇବା ପର୍ଯ୍ୟନ୍ତ ଦାନ୍ତ ଚାବି ସେ ଛିଡ଼ା ହୋଇଥିଲା । ଆଉ ଗୋଟିଏ ପଡ଼ିଲେ, ଲାଗୁଥିଲା ମୁଣ୍ଡ ଟୁକୁଡ଼ା ଟୁକୁଡା ହୋଇଯିବ । ସେ ହାତଯୋଡି ଯୋରରେ ପାଟି କଲା । ଆଉ ଜୁତା ଖାଇବା ବିଲକୁଲ ହିମ୍ମତ ନାହିଁ । ମୁଁ ବଳି ଥିବା ପିଆଜ ଖାଇବା ପାଇଁ ରେଡ଼ି ଅଛି ।

ଝନଝନ ହେଉ ଥିବା ମୁଣ୍ଡ ଆଉଁସି ପୁଣି ପିଆଜ ଖାଇବା ଆରମ୍ଭ କଲା । ମୁଣ୍ଡ ଦରଜ କେତେକାଂଶ ରେ କମ ପଡ଼ିଗଲା । ମୁହଁ ରେ ପୁଣି ନିଆଁ ଜଳିବା ଭଳି ଦରଜ ତେଜି ଉଠିଲା । ବାନ୍ତି ମାଡ଼ି ଯାଉଥିଲା । ଏବେ ତ ଗୋଟିଏ ପିଆଜ ଅଧିକା ଖାଇଲେ ଜୀବନ ପଳେଇବ । ପୁଣି ଜୁତା ଖାଇବାପାଇଁ ପ୍ରସ୍ତୁତ ହୋଇଗଲା । ଦରଜରେ ଫାଟୁଥିବା ମୁଣ୍ଡ ଟା ଫାଟିପଡିଲା ।କୋଡିଏ ଜୁତା ଖାଇବା ପରେ ପିଆଜ ଜଳିବା କମ ଲାଗିଲା । ଏବେ ତ ଯେମିତି ସେମିତିରେ କଡାକଡି ପିଆଜ ଖାଇଦେଲେ ପ୍ରାଣ ମୁକ୍ତି ପାଇବ ।

ତାର ପ୍ରାଣ ଯାଉ ଥାଏ ଆସୁଥାଏ , କଲବଲ ରେ ଜୀବନ ଥକିଯାଉଥାଏ । ଥରକୁ ଥର ନିଜ ଇଚ୍ଛା ଅନୁସାରେ ଦଣ୍ଡ ଭୋଗିବା ପାଇଁ ପ୍ରସ୍ତୁତ ହୋଇ ଜୁତା ସାଙ୍ଗରେ ଶହେ ପିଆଜ ବି ସେ ଖାଇଗଲା । ତେବେ ଲଗାତର ଗୋଟିଏ ଦଣ୍ଡ ଭୋଗିବା ପାଇଁ ତା ସାମର୍ଥ୍ୟ କ'ଣ ପାଇଁ ନ ଥିଲା ? ହାୟ ଏ ଦୟନୀୟ ଅବସ୍ଥାର ଆକଳନ କିଏ କରିପାରିବ ?

■■■ **ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍ ଭୁବନେଶ୍ୱର୍**

# ଦାମ୍ପତ୍ୟ

ବିନୋଦିନୀ ଗଉଡ଼



ପତି, ପତ୍ନୀଙ୍କ ଭିତରେ ଥିବା ରାଗ, ରୁଷା, ଅଭିମାନ, ଅନୁରାଗ, ଗାଳି, ଗେହ୍ଲା, ହସ, କାନ୍ଦର ମଧୁର ସମୀକରଣ ହେଉଛି ଦାମ୍ପତ୍ୟ । ପରିଣତ ବୟସରେ ଏଇ ସମ୍ପର୍କ ଆହୁରି ଘନିଷ୍ଠ ହୋଇଯାଏ।

ତା' ଶାଶୁ,ଶଶୁରଙ୍କ ଭିତରେ ପରସ୍ପର ପ୍ରତି ଥିବା  ଭଲପାଇବା ତଥା ଆଦର, ଯତ୍ନ ଦେଖିଲେ ସେଇ କଥାର ସତ୍ୟତା ଅନୁଭବ କରିପାରେ ବନ୍ଦିତା। କରୋନା ପାଇଁ ଦୀର୍ଘ ତିନି ବର୍ଷର ବ୍ୟବଧାନ ପରେ ବାପା, ବୋଉଙ୍କୁ ଭେଟିବା ପାଇଁ  ଆସିଛନ୍ତି ଦୁହେଁ ସୁଦୂର ଚେନ୍ନାଇରୁ । ଶାଶୁ, ଯାଆମାନଙ୍କ ସହ କଥୋପକଥନରେ କୁଆଡେ ବିତି ଯାଉଛି ସମୟ, ଜଣା ପଡୁନି। ଅତିକ୍ରାନ୍ତ ନବେଟି ବସନ୍ତରେ ବାପା, ପଞ୍ଚାଅଶିରେ ବୋଉ, ଆଖିକୁ ଭଲରେ ଦିଶୁନି, କାନକୁ ଶୁଭୁନି, କାହାକୁ ଚିହ୍ନୁଛନ୍ତି କାହାକୁ ନାହିଁ, ତଥାପି ବଞ୍ଚିବା  ପାଇଁ କି ଦୁର୍ବାର ଆକର୍ଷଣ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏହା କେବଳ ସମ୍ଭବ ହୋଇ ପାରିଛି  ବୋଉଙ୍କ ପାଇଁ, ବାପାଙ୍କର ସବୁ ଅଳି,ଅର୍ଦ୍ଦଳି ସହ୍ୟ କରନ୍ତି ହସିହସି,  ସେବାରେ ଟିକେ ବି କାର୍ପଣ୍ୟ ନାହିଁ । ବାପା, ବୋଉଙ୍କ କଥାବାର୍ତ୍ତା କୁ ମୋବାଇଲ୍ ରେ ରେକର୍ଡିଂ କରି ଦେଇଛି ସେମାନଙ୍କ ଅଲକ୍ଷ୍ୟରେ, ସେଇ  ମଧୁର ସ୍ମୃତି ଟିକକ ନେଇଯିବ ଝିଅ ମିଲି ପାଇଁ, ପରୀକ୍ଷା ଥିବାରୁ  ଆସି ପାରିଲାନି ସେ, ଅଥଚ ମନ ତାର ବହୁତ ଥିଲା ଜେଜେମା ଆଉ ଜେଜେବାପାଙ୍କୁ ଭେଟିବ ବୋଲି।

ମାଘରେ ବାଘ ପରି ଶୀତ, କମ୍ବଳ ଭିତରେ ଘୁମେଇ ପଡ଼ିଛି ବନ୍ଦିତା, ବଙ୍କୁଲି ବାଡ଼ିର ଠକ୍ ଠକ୍ ଶବ୍ଦରେ ନିଦ ଭାଙ୍ଗିଗଲା ତା'ର। ବାପା ଆଜି ଶୀଘ୍ର ଉଠି ପଡ଼ିଛନ୍ତି ବୋଧେ, କାହିଁ ବୋଉଙ୍କ ପାଟି ଶୁଭୁନି ଯେ, କାନେଇଲା ସେ, ହଠାତ୍ କିଛି ଖସି ପଡିବା ଶବ୍ଦରେ ଚମକି ଉଠି ବସିଲା ବନ୍ଦିତା।

ସମସ୍ତେ ନିଦରୁ ଉଠି ଧାଇଁଲେଣି ବାପାଙ୍କ ପାଟି ଶୁଣି। ମୁହଁ ମାଡି ପଡି ଯାଇଛନ୍ତି ସେ ବାଥରୁମ୍ ରେ । ଗହଳିର ଧାରା କାଟି ଅସ୍ତବ୍ୟସ୍ତ ହୋଇ ଆଗେଇ ଆସୁଛନ୍ତି ବୋଉ, ବାପାଙ୍କୁ ଆଦରରେ ଆଉଁସି ଦେଇ, ନିଜକୁ ଗାଳି କରୁଥାନ୍ତି ବିଡବିଡ ହୋଇ...

'ଏ ସର୍ବନାଶୀ ଆଖିରେ ଏତେ ନିଦ କୁଆଡୁ ଆସିଲା କେଜାଣି, କେବେ ଏକୁଟିଆ  ଛାଡି ନଥିଲି, ମୋ ପାଇଁ ଆଜି ଏତେ କଷ୍ଟ ପାଇଲେ'।

ସୋରିଷ ତେଲ ଟିକେ ଉଷୁମ କରି ଘସି ଦେଉଥିଲେ ବାପାଙ୍କର ଗୋଡ ହାତ ଆଉ ଅଣ୍ଟା,ପିଠି । ସେମାନଙ୍କର ସେଇ ଅତୁଟ ପ୍ରେମ ଦେଖି ଲୁହ ଆସିଗଲା ଆଖିରେ।

ଏଇ  ତା'ହେଲେ ଦାମ୍ପତ୍ୟ...ମନେମନେ ଶତ ପ୍ରଣିପାତ କରୁଥିଲା ବାପା, ବୋଉଙ୍କ ଚରଣ ତଳେ ବନ୍ଦିତା।

■■■

କ୍ୱାଟର୍ ନଂ – ଉ୧-୧ / ୧,ନିଉ ଗଭରନ୍‌ମେଣ୍ଟ
କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୭୯୫୫



# ରମେଶ ସାର୍ : ଏକ ଆଲୋକିତ ଅନୁଷ୍ଠାନ

ଶମ୍ଭୁନାଥ ରାଉଳ



"ନ ଚିରଂ ଧନ ଯୌବନମ୍ ନ ଚିରଂ ଭୋଗ ସମ୍ପତ୍ତି

ନ ଚିରଂ ଜୀବିତଂ ଲୋକେ କୀର୍ତ୍ତିର୍ଯ୍ୟସ୍ୟ ସଃ ଜୀବିତ' ।

ସେମିତି ଏକ କୀର୍ତ୍ତିମାନ ବ୍ୟକ୍ତିତ୍ୱ ରମେଶ ସାର୍ – ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ରମେଶ ଚନ୍ଦ୍ର ଦାସ । ରମେଶ ସାର୍ – ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ସମ୍ମାନରେ ସମସ୍ତେ ତାଙ୍କୁ ଏଇ ନାମରେ ହିଁ ଜାଣନ୍ତି ଏବଂ ସମ୍ବୋଧନ କରିଥାନ୍ତି । ମୋର ତାଙ୍କ ସହ ପରିଚୟ ଅବଶ୍ୟ ମାତ୍ର ସ୍ୱଳ୍ପ କେଇ ଦିନର । ଡିସେମ୍ବରର ଏକ ଶୀତ ସକାଳରେ ତାଙ୍କ ସହ ମୋର ପ୍ରଥମ ସାକ୍ଷାତ୍ ହେଇଥିଲା । ତାଙ୍କ ପୁଅ ବିଭୁପ୍ରସୂନ ଦାସ (ବାପୁ ବାବୁ)ଙ୍କ ଦ୍ୱାରା ପରିଚାଳିତ ଦିବ୍ୟ ମୁଦ୍ରଣୀ ପ୍ରେସ୍‌ର କାର୍ଯ୍ୟାଳୟରେ । ତାଙ୍କ ବିଷୟରେ ମୁଁ ଶୁଣିଥିଲି ପ୍ରଥମେ ବାବାଜୀ ସେଠୀ ସାର୍‌ଙ୍କ ଠାରୁ ଏବଂ ବାବାଜୀ ସାର୍ ହିଁ ଦିନେ ସନ୍ଧ୍ୟାରେ ମୋତେ ଆଣି ପରିଚୟ କରାଇଥିଲେ ବିଭୁବାବୁଙ୍କ ସାଙ୍ଗରେ ମୋର ଏକ କବିତା ପୁସ୍ତକ "ମହା ସମୁଦ୍ର'ର ମୁଦ୍ରଣ ସମ୍ବନ୍ଧରେ । ତା'ର କିଛି ଦିନ ପରେ ବିଭୁବାବୁଙ୍କ ଅନୁପସ୍ଥିତିରେ ମୋର ପରିଚୟ ହେଇଥିଲା ରମେଶ ସାର୍‌ଙ୍କ ସାଙ୍ଗରେ ।

ଏକ ଗୌର ବର୍ଣ୍ଣ, ଶାନ୍ତ, ସୌମ୍ୟ, ଦୀର୍ଘ ଏବଂ ଆଡ଼ମ୍ବର ଶୂନ୍ୟ, ବେଶ ପରିପାଟୀ ବିହୀନ ଚେହେରା । ପ୍ରଥମ ସାକ୍ଷାତ୍‌ରେ ହିଁ ଯେ କୌଣସି ଜ୍ଞାନ ପିପାସୁ ବ୍ୟକ୍ତିଙ୍କୁ ସାର୍‌ଙ୍କ ବ୍ୟକ୍ତିତ୍ୱ ଆକୃଷ୍ଟ କରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଅଳ୍ପ କିଛି ସମୟର ବାର୍ତ୍ତାଳାପ ଭିତରେ ମୁଁ ତାଙ୍କୁ ସୂଚାଇ ଥିଲି ଯେ, ମୁଁ ଭଦ୍ରକ ଅଞ୍ଚଳର ଲୋକ । ମୁଁ ଅନୁଭବ କରିଥିଲି ଭଦ୍ରକ ନାଁ ଶୁଣିଲା ପରେ ସେ ମୋ' ସହ ଆଉ ଟିକେ ଆଗ୍ରହରେ ଏବଂ ଆତ୍ମୀୟତା ସହ କଥାବାର୍ତ୍ତା କରିଥିଲେ ଏବଂ ମୁଁ ଜାଣିବାକୁ ପାଇଥିଲି ସାର୍ ବି ଭଦ୍ରକ ମାଟିର ସନ୍ତାନ । ବ୍ୟକ୍ତି ଯେତେ ଉଚ୍ଚରେ ଏବଂ ଯେଉଁଠି ପହଞ୍ଚିଥିଲେ ବି ଅଧିକାଂଶ ବ୍ୟକ୍ତି ନିଜ ମାଟିକୁ ଭଲ ପାଇଥାନ୍ତି । ସେଥିପାଇଁ ନିଜ ମାଟିର ନାଁ ଶୁଣିଲେ ଆତ୍ମୀୟତା ଏବଂ ଆଗ୍ରହ ଦ୍ୱିଗୁଣିତ ହେଇଥାଏ । ତେବେ ଭଦ୍ରକ ମାଟି ପ୍ରତି ସାର୍‌ଙ୍କ ମନ ଓ ହୃଦୟ ଭିତରେ ସର୍ବଦା ଯେ ଏକ ମମତାର ଝରଣା କୁଳୁକୁଳୁ ହେଇ ପ୍ରବାହିତ ହେଉଛି ତାହା ମୁଁ ଏହା ଭିତରେ ଉପଲବ୍ଧି କରିପାରିଛି ତାଙ୍କ ଅଲକ୍ଷ୍ୟରେ । ବୋଧହୁଏ ସେଦିନ ସେଇଥିପାଇଁ ମୁଁ ସାହିତ୍ୟର ଧାର ଧାରୁ ନ ଥିବା ଜଣେ ଅବସରପ୍ରାପ୍ତ ପ୍ରାଇଭେଟ୍ କମ୍ପାନୀ କର୍ମଚାରୀର କବିତା ପୁସ୍ତକ ଉପରେ ନଜର ପକାଇବା ପରେ ନିଜର ମତ ଦେଇଥିଲେ ଏବଂ ପରେ ପରେ ପୁସ୍ତକଟି ପଢ଼ିଲା ପରେ ସେ ତା'ର ଅଭିମତ "ଅଦେଖା ସାମ୍ରାଜ୍ୟର ଅଧୀଶ୍ୱର'ର ରୂପରେଖ ଦେଇଥିଲେ, ଯାହା ମୋ' ପାଇଁ ମା' ସରସ୍ୱତୀଙ୍କର ବୀଣାର ଝଙ୍କାର ଭଳି ପ୍ରତୀୟମାନ ହେଇଥିଲା ଏବଂ ମୋ' କବିତା ପୁସ୍ତକ "ମହାସମୁଦ୍ର'ର ପୃଷ୍ଠାରେ ଓ ମୋ' ଜୀବନ ପୃଷ୍ଠାରେ ଏହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେଇ ରହିଗଲା ।

ରମେଶ ସାର୍ ଏକ ଅନନ୍ୟ ବ୍ୟକ୍ତିତ୍ୱ । ବହୁମୁଖୀ ପ୍ରତିଭା ସମ୍ପନ୍ନ ଏକ ସଂପୂର୍ଣ୍ଣ ମଣିଷ, ଏକ ନିର୍ବିକାର ପୁରୁଷ । ମୋର ଅଳ୍ପ ଜ୍ଞାନର ପରିସର ଭିତରେ ମୁଁ ଭାବୁଛି ଏମିତି ଏକ ବିରଳ ବ୍ୟକ୍ତିତ୍ୱ ଦୁନିଆରେ କ୍ୱଚିତ ମିଳିଥାନ୍ତି । ତାଙ୍କ ବ୍ୟକ୍ତିତ୍ୱର ଯେ କୌଣସି ଦିଗକୁ ସମୀକ୍ଷା କଲେ ସେଇ ଦିଗରେ ତାଙ୍କର ନିପୁଣତା ସ୍ପଷ୍ଟ ବାରି ହେଇପଡ଼େ । ସାଧାରଣ ଭାବରେ, ତାଙ୍କର ବିଶେଷ ଗୁଣ ଓ ଦକ୍ଷତା ସବୁ ଉପରେ ଆଲୋକପାତ କରିବା ପୂର୍ବରୁ ମୁଁ ତାଙ୍କର ଦୈନନ୍ଦିନ କାର୍ଯ୍ୟଶୈଳୀର ଯାହା ପରିଚୟ ପାଇଛି, ତାହା ମୋତେ ଏହି ସିଦ୍ଧାନ୍ତରେ ଉପନୀତ କରାଇଛି ଯେ, ସେ ଜଣେ ବଳିଷ୍ଠ ଓ ଅମାୟିକ ବ୍ୟକ୍ତି ଏବଂ ତାଙ୍କର ବ୍ୟକ୍ତିତ୍ୱର ଚୁମ୍ବକ ଆପେ ଆପେ ତାଙ୍କ ସଂସ୍ପର୍ଶରେ ଆସିଥିବା ସବୁ ପ୍ରକାରର ବ୍ୟକ୍ତିଙ୍କୁ ବାରମ୍ବାର ନିଜ ପାଖକୁ ଆକର୍ଷିତ କରିଥାଏ । ଦିବ୍ୟମୁଦ୍ରଣୀର କାର୍ଯ୍ୟାଳୟରେ ମୋ' କବିତା ପୁସ୍ତକ "ମହାସମୁଦ୍ର'ର ମୁଦ୍ରଣ ଅବସରରେ କେଉଁ କେଉଁ ଦିନ କିଛି କିଛି ସମୟ ବସିଲାବେଳେ ଏବଂ ସାର୍‌ଙ୍କ ସାଙ୍ଗରେ ଆଲୋଚନାରେ ଭାଗନେଲାବେଳେ ମୁଁ ଲକ୍ଷ୍ୟ କରିଛି ସମାଜର ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କର ସେଠାକୁ ଆଗମନ ହୁଏ । କେବଳ ମୁଦ୍ରଣ ସମ୍ବନ୍ଧୀୟ ନୁହେଁ, ଆଧ୍ୟାତ୍ମିକ ଆଲୋଚନା, ସାହିତ୍ୟ ଆଲୋଚନା, ସାମାଜିକ ଓ ବ୍ୟକ୍ତିଗତ ଆଲୋଚନା ପର୍ଯ୍ୟନ୍ତ । ଏଇକଥା ଉଲ୍ଲେଖ କରିବାର ଏକ ବିଶେଷତ୍ୱ ହେଲା ଯେଉଁମାନେ ବି ସେଠାକୁ ଆସନ୍ତି ଅଧିକାଂଶ ବ୍ୟକ୍ତି ସାର୍‌ଙ୍କ ପାଦ ଛୁଇଁ ପ୍ରଣାମ କରନ୍ତି । ସାର୍‌ଙ୍କ ବୟସ ସତୁରୀରୁ ସାମାନ୍ୟ ଅଧିକ ହେଇଥିଲେ ବି ତାଙ୍କ ପାଦ ଛୁଇଁଥିବା ବ୍ୟକ୍ତିମାନେ ବି ସେଇ ପାଖାପାଖି ବୟସର କିମ୍ବା ତାଙ୍କଠାରୁ ଅଧିକା ହେଇଥିଲେ ବି ସେମାନେ ତାଙ୍କୁ ଏଇ ରୂପରେ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରିଥାନ୍ତି । ଏହା ମୋତେ ସଂପୂର୍ଣ୍ଣ ଭାବରେ ବିହ୍ୱଳିତ କରିଥିଲା । ମୋଟ ଉପରେ ତାଙ୍କ ସହ ମିଶିବାକୁ ଆସୁଥିବା ଅଧିକାଂଶ ଲୋକ ତାଙ୍କ ପାଦ ଛୁଇଁ ହିଁ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଏହା ତାଙ୍କ ବ୍ୟକ୍ତିତ୍ୱର ଏକ ଉଲ୍ଲେଖନୀୟ ଅଂଶ ବିଶେଷ ।

ତାଙ୍କର ବିଶେଷ ଦକ୍ଷତା ଓ ଗୁଣ ସବୁର ଉଲ୍ଲେଖ କରିବା ପୂର୍ବରୁ ମୁଁ ଆଉ ଏକ ଦିଗ ଉପରେ ରେଖାପାତ କରିବାକୁ ଚାହୁଁଛି ଯାହା ମୋତେ ଆକୃଷ୍ଟ କରିଛି । ତାହା ହେଲା ତାଙ୍କର ଛାତ୍ରମାନଙ୍କ ସହ ନିବିଡ଼ ସଂପର୍କ । ତାଙ୍କ ଅଧ୍ୟାପନା ଜୀବନର ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସେ

କୋରାପୁଟ ଡି.ଏ.ଭି. କଲେଜରେ ଅତିବାହିତ କରି ଥିଲେ । ସେଇ ଦୀର୍ଘ ସମୟ ଭିତରେ ସେ ତାଙ୍କ ଛାତ୍ରମାନଙ୍କ ସହ ଏମିତି ସୁସଂପର୍କ ସ୍ଥାପନ କରିଥିଲେ, ଯାହା ଚାକିରି ଜୀବନରୁ ୧୫ ବର୍ଷରୁ ବି ଅଧିକ ସମୟ ଅବସର ନେଲାପରେ ବି ଅର୍ଥାତ୍ ପ୍ରାୟ ୨୫/୩୦ ବର୍ଷ ପରେ ବି ସେ ସଂପର୍କର ଡୋର ଅଦ୍ୟାବଧି ସୁଦୃଢ଼ ରହିଛି । ଏହା ମୁଁ ଲକ୍ଷ୍ୟ କଲି ସେଇ କୋରାପୁଟ ଡି.ଏ.ଭି. କଲେଜର ସୁବର୍ଣ୍ଣ ଜୟନ୍ତୀର ମୁଖପତ୍ର "ଜାଗୃତି'ର ମୁଦ୍ରଣ ଅବସରରେ । ଯାହାର ସମ୍ପାଦନା ନିଜେ ରମେଶ ସାର୍ ବହନ କରିଥିଲେ ଏବଂ ତାହା ତାଙ୍କ ପୁଅ ବାପୁ ବାବୁଙ୍କ ଦ୍ୱାରା ପରିଚାଳିତ ଦିବ୍ୟମୁଦ୍ରଣୀ ପ୍ରେସ୍‌ରେ ମୁଦ୍ରିତ ହେଉଥିଲା । ସୁଦୂର କୋରାପୁଟରୁ ତାଙ୍କ ପ୍ରିୟ ପୁରାତନ ଛାତ୍ରମାନେ, ଯେଉଁମାନେ ଏ ପତ୍ରିକା ପ୍ରକାଶନର ଦାୟିତ୍ୱରେ ଥିଲେ ସେମାନଙ୍କର ସାର୍‌ଙ୍କ ସହିତ ଆଳାପ ଆଲୋଚନା ମୋତେ ଗୁରୁ ଶିଷ୍ୟ ସଂପର୍କର ସେଇ ପୁରୁଣା ଦିନକୁ ମନେ ପକାଇ ଦେଇଥିଲା । ସେମାନଙ୍କ ମଧ୍ୟରେ ଅଯୋଧ୍ୟାନାଥ ସାମଲ ଅନ୍ୟତମ, ଯାହାଙ୍କ ସ୍ଥାନ ରମେଶ ସାର୍‌ଙ୍କ ମନରେ, ଏକ ବିଶେଷ ସ୍ଥାନ ସୃଷ୍ଟି କରିପାରିଛି । "ଜାଗୃତି' ପତ୍ରିକାରେ ପ୍ରକାଶିତ ଅଯୋଧ୍ୟା ବାବୁଙ୍କ ଏକ ଉକ୍ତି ମୁଁ ଏଠାରେ ଉଦ୍ଧାତ କରୁଛି – "ମୋ ଜୀବନକୁ ସବୁଠାରୁ ପ୍ରଭାବିତ କରିଥିବା ମଣିଷ, ମୋର ଗୁରୁ ଏବଂ ଯାହାଙ୍କ ଗାଁ ମୋ'ପାଇଁ, ମୋ' ଜୀବନ ପାଇଁ ଭଗବାନଙ୍କର ଆଶୀର୍ବାଦ ବୋଲି ଭାବେ ଏବଂ ଛାତ୍ରମାନଙ୍କୁ ଭଲପାଇବାର ଏକ ଅପାଶୋରା ବ୍ୟକ୍ତିତ୍ୱ ଅଧ୍ୟାପକ ରମେଶ ଦାସଙ୍କ ସହ ମୋର ସଂପର୍କ ହୁଏ ।'

ଜାଗୃତି ପତ୍ରିକାରେ ପ୍ରକାଶିତ ଅଧିକାଂଶ ଲେଖାରେ ରମେଶ ସାର୍‌ଙ୍କର ଉଚ୍ଛ୍ୱସିତ ପ୍ରଶଂସା ତାଙ୍କ ଗୁରୁ ଶିଷ୍ୟ ସଂପର୍କର ଅଲିଭା ସ୍ମୃତିକୁ ସ୍ପଷ୍ଟ ପ୍ରମାଣିତ କରେ । ସେଇ ଲେଖାମାନଙ୍କ ଭିତରୁ କିଛିଟା ସ୍ମରଣୀୟ ବକ୍ତବ୍ୟକୁ ଏଠାରେ ଉଦ୍ଧାର କରୁଛି । – ଅଧ୍ୟାପିକା ଡଃ ପ୍ରୀତିଧାରା ସାମଲ ତାଙ୍କର "ସେଇ ସାତ ବର୍ଷରେ' ଲେଖିଛନ୍ତି – "ଅଧ୍ୟାପକ ରମେଶ ଦାସ ଓ ଆମେ ପଡ଼ୋଶୀ । ତାଙ୍କ ଘରେ ସାହିତ୍ୟ, ସଙ୍ଗୀତ ଓ ସଂସ୍କୃତିର ଚର୍ଚ୍ଚା ଅନବରତ ଚାଲିଥାଏ । ମୁଁ ଆମ ଘର ଛାଡ଼ି ସବୁବେଳେ ସେଇଠି । ଛାତ୍ରଛାତ୍ରୀଙ୍କ ଭିଡ଼ ସବୁବେଳେ । ସେଇ ପରିବେଶର ପ୍ରଭାବରେ ମୁଁ ବି ସାହିତ୍ୟ ମନସ୍କ ହେଇ ଉଠିଲି ।"

"Endearing Reminisce vices ରେ ପ୍ର. ମାଳବିକା ଦେଓ , ବର୍ତ୍ତମାନର Pondicherry University e Head of Dept commerce ଲେଖିଛନ୍ତି – "Ramesh sir, Whom I respect and regard as my artistic mentor used to come two Kim. Walking just to leave at my home. If my rehearsal got late and the college bus left. Now one Can't imagine a teacher walking ...every time to leave back a student safely at home just to enable her to act in Drama."

ଛାତ୍ର ବତ୍ସଳତାର ମୂର୍ତ୍ତିମନ୍ତ ପ୍ରତୀକ ରମେଶ ସାର୍‌ଙ୍କ ପାଇଁ ଉଦ୍ଦିଷ୍ଟ ଏଇ ବକ୍ତବ୍ୟ ସବୁ କେତୋଟି ଉଦାହରଣ ମାତ୍ର । କିନ୍ତୁ ପ୍ରକୃତ ଜୀବନରେ ତା'ର ମୂଲ୍ୟାୟନ ଅନେକ ଉଚ୍ଚରେ ଏବଂ ତାଙ୍କ ସହ ଯିଏ ସିଧାସଳଖ ସଂସ୍ପର୍ଶରେ ନ ଆସିଛି ତାହା ଅନୁଭବ କରିବା ଏତେ ସହଜ ନୁହେଁ । ତାଙ୍କ ସହ ମୋର ସଂପର୍କର ସୂତାଖିଅ ଏଇ ଅଳ୍ପ ଦିନ ହେଲା ଯୋଡ଼ି ହେଇଥିଲେ ବି ମୋର ବେଳେ ବେଳେ ଇଚ୍ଛାହୁଏ ମୁଁ ଯଦି ତାଙ୍କର ଛାତ୍ର ହେବାର ସୁଯୋଗ ପାଇଥାନ୍ତି କେତେ ଭାଗ୍ୟବାନ ମନେ କରିଥାନ୍ତି ନିଜକୁ ? ସେଥିପାଇଁ ଏଇ ଉର୍ଦ୍ଧ୍ୱ ବୟସରେ ମଧ ମୁଁ ସାମାନ୍ୟ ସୁଯୋଗ ପାଇଲେ ତାଙ୍କ ପାଖରେ ଉପସ୍ଥିତ ହେଇ ମୋର ଇଚ୍ଛାର କାଣିଚାଏ ପୂରଣ କରିବା ପାଇଁ ଚେଷ୍ଟା କରିଥାଏ । କହିବା ବାହୁଲ୍ୟ, ସାର୍ ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱ । ତେଣୁ ଏବେ ତାଙ୍କର ମୁଖ୍ୟ ଦକ୍ଷତା, ଯାହା ତାଙ୍କର ଜୀବନର ପେଷା ସାହିତ୍ୟ, ତା'ଉପରେ ଆଲୋକପାତ କରାଯାଉ । ରମେଶ ସାର୍ ଜଣେ ଭାଷା ସାହିତ୍ୟର ଅଧ୍ୟାପକ ଥିଲେ । ଜୀବନ କାଳ ଭିତରେ ତିନିଟି କଲେଜ ଭିତରେ ତାଙ୍କ ଅଧ୍ୟାପନାର ରାଜ୍ୟ ସୀମିତ ରହିଥିଲା । ଡି.ଏ.ଭି. କଲେଜ, କୋରାପୁଟ, ବିକ୍ରମଦେବ କଲେଜ, ଜୟପୁର, କୋରାପୁଟ ଏବଂ ଶେଷ ୧୧ ବର୍ଷ ବିଜେବି କଲେଜ, ଭୁବନେଶ୍ୱର ତାଙ୍କ ଅଧ୍ୟାପନା ଜୀବନର ପୃଷ୍ଠଭୂମି ଥିଲା । ତେବେ ଡି.ଏ.ଭି. କୋରାପୁଟ ତାଙ୍କୁ ଅଧ୍ୟାପକ ହେବାର ପ୍ରଥମ ସ୍ୱୀକୃତି ପ୍ରଦାନ କରିଥିବାରୁ ଏବଂ ସେଠି ସେ ଦୁଇ ଦଶନ୍ଧିରୁ ଅଧିକ ସମୟ କଟାଇଥିବାରୁ ସେ ଶିକ୍ଷାନୁଷ୍ଠାନ ପ୍ରତି ଏବେ ବି ସେ ମୋହଗ୍ରସ୍ତ ଥିଲା ଭଳି ମନେ ହୁଏ । ଡି.ଏ.ଭି., କୋରାପୁଟ କଥା କହିଲାବେଳେ ତାଙ୍କ ଚକ୍ଷୁ ଆନନ୍ଦରେ ଝଲସି ଉଠିବାର ମୁଁ ଅନେକ ଥର ଲକ୍ଷ୍ୟ କରିଛି । "ଜାଗୃତି' ପତ୍ରିକାରେ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅବସରରେ ଡି.ଏ.ଭି. କଲେଜର ସେ ଏମିତି ବନ୍ଦନା କରିଛନ୍ତି ।

"ମାଆ ତୁ ଆଧାର ଶିଳା
ତୋ' କୋଳେ ଶୋଇଛି ଆମ ଇତିହାସ
ସେ ଦିଏ ଆମକୁ ବଞ୍ଚିବା ବିଶ୍ୱାସ ।"
ସେ ସ୍ମୃତିରେ ସଦା ହୃଦ ବିଗଳିତ
ତୁ ତ ଆମରି ତକ୍ଷଶିଳା
ମା' ତୋ' ବିଭବ ସାଇତି ଯତନେ
ଗାଇ ଚାଲିଥିବୁ ତୋ' କୀର୍ତ୍ତି ଜୀବନେ
ସାରା ସଂସାରରେ ଯେଉଁଠି ଥିଲେ ବି
ତୋ' ସ୍ମୃତି ଚିର ଅଭୁଲା ।'

ସେ ସେଇ ଜାଗୃତି ପ୍ରତିକାର ସମ୍ପାଦକୀୟରେ ନିଜେ ଡି.ଏ.ଭି. କଲେଜକୁ ଭଲପାଇବାର ପରିପ୍ରକାଶ କରିଛନ୍ତି ଏଇ ଭାଷାରେ – 'କୋରାପୁଟ ଶୀତରେ ଥର ଥର ହେଉଥିବା ଛୋଟିଆ ସହର । ରିମ୍ ଝିମ୍ ବର୍ଷାରେ ଭିଜି ଭିଜି ସତେ କି ମେଘ ମହ୍ଲାର ରାଗରେ ସଦା ବିଭୋର ଥାଇ ନିଜ ଅନ୍ନ ଚିନ୍ତାରେ ବୁଡ଼ି ରହିଥିବା ତା'ର ପ୍ରକୃତିର ସନ୍ତାନ, ଗ୍ରୀଷ୍ମର ଚିକ୍‌ମିକ୍ ଖରାରେ ଝଟକୁଥିବା ପର୍ବତରାଜି ଏସବୁ ପ୍ରଥମ ଦର୍ଶନରେ ମୋତେ ଆପଣାର କରିନେଇଥିଲା । ମୋ' ଚରିତ୍ର ଦୃଷ୍ଟିରୁ ଏହା ମୋର ଥିଲା ପ୍ରିୟତମ ଆକର୍ଷଣ । ସେଇଠୁ ନିସର୍ତ୍ତ ଭଲପାଇବା ଆରମ୍ଭ ହେଇଯାଇଥିଲା । ସେଥିପାଇଁ ମୋ' କର୍ମ ଭୂମିକୁ ଆଦରି ନେବାରେ ମୋର ଦ୍ୱିଧା ନ ଥିଲା ।' ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ । ଅଧ୍ୟାପନା ତାଙ୍କର ଏତେ ହୃଦୟସ୍ପର୍ଶୀ ଯାହା ସବୁ ଛାତ୍ରଙ୍କ ମନରେ ସାହିତ୍ୟ ପ୍ରତି ସ୍ନେହ ଓ ଶ୍ରଦ୍ଧା ଜାଗ୍ରତ କରିଥାଏ । ସାହିତ୍ୟରେ ତାଙ୍କର ସବୁ ଦିଗରେ ପାରଦର୍ଶୀତା ସେ ସ୍ପଷ୍ଟ ପ୍ରମାଣିତ କରିଛନ୍ତି । ନାଟକ, କବିତା, ଗଳ୍ପ, ଶିଶୁ ସାହିତ୍ୟ, ଆଧ୍ୟାତ୍ମିକ ସାହିତ୍ୟ, ପ୍ରବନ୍ଧ ସବୁ କ୍ଷେତ୍ରରେ ସେ ଯେଉଁ ଅମର କୃତି ସବୁ ସୃଷ୍ଟି କରିଛନ୍ତି ତାହା ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଦାନ । ସେ ପ୍ରାୟ ପଚାଶ ଖଣ୍ଡ ପୁସ୍ତକର ରଚୟିତା । କେବଳ ସେତିକି ନୁହେଁ, ସେ ଅନ୍ୟ କବି ଏବଂ ଲେଖକ ମାନଙ୍କ ପୁସ୍ତକ ପାଇଁ ଯେଉଁ ଅଭିମତ ଲେଖନ୍ତି ତାହା ଏତେ ହୃଦୟଗ୍ରାହୀ ଭାଷା, ଶବ୍ଦ, ଭାବ ଏ ସବୁରେ ଏମିତି ପରିପୂର୍ଣ୍ଣ ଯେ ଏକ ଯାଦୁକରର ମାୟାଜାଲ ଭଳି ଲାଗେ । ସେ ସମୀକ୍ଷା ଲେଖିଲାବେଳେ କିମ୍ବା ସମ୍ପାଦକୀୟ ଲେଖିଲାବେଳେ କେବେ ଭାଷାରେ କାର୍ପଣ୍ୟ କରିନଥାନ୍ତି । ସଂସ୍କୃତ ଏବଂ ଆଧ୍ୟାତ୍ମିକ ସାହିତ୍ୟରେ ଗଭୀର ପ୍ରବେଶ ଥିବାରୁ ତାଙ୍କର ଲେଖାସବୁ ସେଇ ଭାବରେ ପ୍ରଭାବିତ ଏବଂ ଭାବ ଉଦ୍ରେକକାରୀ ।

ସାହିତ୍ୟ କ୍ଷେତ୍ରରେ ନାଟକ ତାଙ୍କର ସବୁଠାରୁ ପ୍ରିୟ । ଜଣେ ଶ୍ରେଷ୍ଠ ନାଟ୍ୟକାର ଭାବରେ ସେ ସୁପରିଚିତ । ତାଙ୍କର ପ୍ରତ୍ୟେକ ନାଟକରେ ନୂତନ ପ୍ରୟୋଗାତ୍ମକ ଶୈଳୀ ସ୍ପଷ୍ଟ ପରିଲକ୍ଷିତ ହେଇଥାଏ । ସବୁ ନାଟକରେ ଓଡ଼ିଶାର ଜୀବନଧାରା, ଅ ।ଶା, ଆକାଂକ୍ଷା ଓ ସ୍ୱପ୍ନକୁ ସେ ପ୍ରତିବିମ୍ବିତ କରିଛନ୍ତି । ତାଙ୍କର ପ୍ରତ୍ୟେକ ନାଟକର ଚରିତ୍ର, ପୃଷ୍ଠଭୂମି, ଭାବଭଙ୍ଗୀ ଏଇ ମାଟିକୁ ସ୍ପର୍ଶ କରି ପାଠକ, ଦର୍ଶକଙ୍କ ହୃଦୟରେ ସମ୍ବେଦନଶୀଳତା ସୃଷ୍ଟି କରିଥାଏ । ତାଙ୍କର ଅଧିକାଂଶ ନାଟକ ସର୍ବଭାରତୀୟ ପ୍ରତିଯୋଗିତାରେ ପୁରସ୍କୃତ ଓ ସମ୍ମାନିତ । ଆଦିବାସୀ ଜୀବନଚର୍ଯ୍ୟା ଉପରେ ଆଧାରିତ ନାଟକ 'ବରଂ ନିବାସ ଭଲ ରଣକ୍ଷେତ୍ରରେ' ଏବଂ କୁଷ୍ଠରୋଗୀଙ୍କ ମାନସିକତାକୁ ନେଇ ନାଟକ 'ଅଝାଲ ଉଡ଼େଇ ଦେ' ଦର୍ଶକ ଓ ପାଠକ ମହଲରେ ବହୁ ଆଦୃତ ଓ ପ୍ରଶଂସିତ । 'ବରଂ ନିବାସ ଭଲ ରଣକ୍ଷେତ୍ରରେ' ନାଟକ ପାଇଁ ସେ ୨୦୧୩-୧୪ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ତାଙ୍କ ଲିଖିତ ସମୁଦ ।ୟ ନାଟକ ବିଭିନ୍ନ ମ*ରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପରିବେଶିତ ହୋଇ ଦର୍ଶକର ସ୍ନେହାଶୀର୍ବାଦ ପାଇଛି । ସେଥିରୁ 'ବରଂ ନିବାସ ଭଲ ରଣକ୍ଷେତ୍ରରେ', 'ଅଝାଲ ଉଡ଼େଇ ଦେ', 'ନିଷିଦ୍ଧ ଇଲାକାର କାବ୍ୟ', 'ଗୋଟିଏ ବିଚିତ୍ର ନକ୍ସା', 'ଅନ୍ଧ ଉପତ୍ୟକା', 'ସତ୍ୟ -ଅ ସତ୍ୟର କାହାଣୀ', 'ସତ୍କାର' ଇତ୍ୟାଦି ନାଟକ ସ୍ମରଣୀୟ ହେଇପାରିଛି । ଶିଶୁ ନାଟକରେ ମଧ୍ୟ ତାଙ୍କ ବଳିଷ୍ଠ ରଚନାର ପରିଚୟ ମିଳେ । ଯୁଗ ଏବଂ ଯୁବ ସମସ୍ୟା ଉପରେ ଲିଖିତ ଏକାଙ୍କିକା ଗୁଡ଼ିକ ମଧ୍ୟ ବେଶ୍ ଆକର୍ଷଣୀୟ ।

ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସେ ତାଙ୍କର ଲେଖନୀ ଚାଳନା କରିଥିଲେ ମଧ୍ୟ ଆଧ୍ୟାତ୍ମିକ ସାହିତ୍ୟ ଯଥା – 'ଅଷ୍ଟାବକ୍ର ଗୀତା, ଅବଧୂତ ଗୀତା, ଋତ ଓ ଅମୃତ, ଗୁରୁଗୀତା, ଯୋଗବାଶିଷ୍ଠ କଥା' ଭଳି ଅନେକ ଉପାଦେୟ ସାହିତ୍ୟ ଲେଖି ସେ ମନୁଷ୍ୟର ଜୀବନର ସଂପ୍ରସାରିତ କରିଛନ୍ତି । ମାତ୍ର ତାଙ୍କର ଉଚ୍ଛ୍ୱାସ ଗୀତି କବିତା ଗୁଡ଼ିକରେ ଯଥା – 'ସ୍ୱଚ୍ଛନ୍ଦ, ସ୍ୱଗତ, ସ୍ୱତାନ, ଜୀବନଛନ୍ଦ'ରେ ଝଙ୍କୃତ ହୋଇଛି ।

ତାଙ୍କର ନାଟକ ଲେଖିବା ସହିତ ନାଟକର ନିର୍ଦ୍ଦେଶନା ଦେବାରେ ସମତୁଲ୍ୟ ପାରଦର୍ଶୀତାକୁ ଅସ୍ୱୀକାର କରିହେବ ନାହିଁ । ସେ ତାଙ୍କ ନାଟକର ନିର୍ଦ୍ଦେଶନା ଦେବା ସହିତ ପ୍ରତ୍ୟେକ ଚରିତ୍ରର ନିଖୁଣ ଅଭିନୟ କରିବା ପାଇଁ ଚରିତ୍ର ସହ ଖାପ୍ ଖୁଆଇ କଳାକାରମାନଙ୍କୁ ଚୟନ କରିଥାନ୍ତି, ନାଟକ ପରିବେଶ, ପରିପାଟୀ, ଦୃଶ୍ୟପର୍ବ ଯାହା ଯେମିତି ଭାବରେ ହେବା ଦରକାର ତା'ର ଟିକ୍‌ନିକ୍ ତର୍ଜମା କରିଥାନ୍ତି । ନାଟକର ଗୀତ, ସଙ୍ଗୀତ ଏବଂ ସେ ସବୁର ନିର୍ଦ୍ଦେଶନା ସେ ନିଜେ ହିଁ କରିଥାନ୍ତି । ନାଟକଟି ସର୍ବାଙ୍ଗସୁନ୍ଦର ହେବାରେ ତାଙ୍କର ପ୍ରଚ୍ଛନ୍ନ ହସ୍ତ ସବୁବେଳେ ଲମ୍ବି ଯାଇଥାଏ ଅକୁଣ୍ଠ ଚିତ୍ତରେ ।

ତାଙ୍କ କଳା ନିପୁଣତାର ଅନ୍ୟ ଏକ ଦିଗ ହେଲା ସେ ଜଣେ ଦକ୍ଷ ଚିତ୍ରକର । କେବଳ କାଗଜ, ରଙ୍ଗ ଓ ତୂଳୀରେ ତାଙ୍କର କଳା ସୀମାବଦ୍ଧ ନୁହେଁ । ତାଙ୍କ ହାତର ଯାଦୁରେ ମାଟିର କଣ୍ଢେଇ ତିଆରି କରିବାଠାରୁ କାଠ ଓ ଅନ୍ୟ ବସ୍ତୁରେ ଆଖିକୁ ବାନ୍ଧି ରଖିଲା ଭଳି ମୂର୍ତ୍ତି ତିଆରି କରିବାରେ ଅଭ୍ୟସ୍ତ । ତାଙ୍କ ହାତରେ ଅମୃତମୟ ଯାଦୁକରୀର ପ୍ରତୀକମାନ ନିଜ ଆଖିରେ ଜଣେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଜଣେ ଲୋକ ଏତେ ସବୁ ଗୁଣର ଅଧିକାରୀ ; ସତ କହିବାକୁ ଗଲେ ସେ 'Jack of all trades master of none' ନୁହଁନ୍ତି । ସେ ପ୍ରକୃତରେ "Master of all trades" ଯେଉଁ ଯେଉଁଥିରେ ତାଙ୍କର ହାତର ସ୍ପର୍ଶ ଲାଗେ ସେ ସବୁ ଜୀବନ୍ତ ହେଇଉଠନ୍ତି । ମୋତେ ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଏମିତି ସବୁ ଗୁଣର ଅଧିକାରୀ ଜଣେ ଅଲୌକିକ ପ୍ରତିଭା ଆମ ଓଡ଼ିଶା ମାଟିରେ ଅଛନ୍ତି ଏବଂ ମୋର ଦୃଢ଼ ଭାବରେ ମନେହୁଏ ସେ ତାଙ୍କ ଗୁଣର ମାନ୍ୟତା ଏ ପର୍ଯ୍ୟନ୍ତ ଠିକ୍ ଭାବରେ ପାଇ ପାରି ନାହାନ୍ତି ।

ତାଙ୍କ କଳାର ଚର୍ଚ୍ଚା କରୁଥିଲାବେଳେ କୋରାପୁଟର ଶ୍ରୀଜଗନ୍ନାଥ ମନ୍ଦିର ବିଷୟରେ ଦୃଷ୍ଟିପାତ ନ କଲେ ତାଙ୍କ କଳା ଚାତୁରୀର ବ୍ୟତିକ୍ରମ ରହିଯିବ । ଆଜିର କୋରାପୁଟ ଯାହା ଏବେ ଶାବର ଶ୍ରୀକ୍ଷେତ୍ର ନାମରେ ବିଦିତ, ତା'ର ଭିତ୍ତିଭୂମି ପ୍ରସ୍ତୁତରେ ତାଙ୍କର ଅହମ୍ ଭୂମିକା ରହିଥିଲା । ଏହା ଅନୁମେୟ ହୁଏ ସେଇ ଡି.ଏ.ଭି. କଲେଜର କାଲିର ଛାତ୍ରୀ ଏବଂ ଏବେର ଅଧ୍ୟାପିକା ଡଃ ପ୍ରୀତିଧାରା ସାମଲଙ୍କର 'ସେଇ ସାତବର୍ଷ'ର ଲେଖାରେ - ଶ୍ରୀ ରମେଶ ଚନ୍ଦ୍ର ଦାସ ଠାକୁରଙ୍କୁ ବେଶ କରିବା, ଠାକୁରଙ୍କ ପାଇଁ ଟାହିଆ ତିଆରି କରିବା, ଲକ୍ଷ୍ମୀ ନାରାୟଣ ବଚନିକା ଲେଖି ତାକୁ ନାଟ୍ୟ ରୂପ ଦେବା ଓ ରମେଶ ଦାସ, ଡ. ସାମଲ ସାଇକେଲ୍‌ଟିଏ ଧରି ଘର ଘର ବୁଲି ଟଙ୍କାଏ, ଦି'ଟଙ୍କା, ପାଂଟଙ୍କା, ମାଗି ମନ୍ଦିର ପାଇଁ ପାଣ୍ଠି ଯୋଗାଡ଼ କରିବା କଥା ଏବେ ବି ମୋର ମନେ ଅଛି ।'

ରମେଶ ସାର୍ ନିଜେ 'ଜାଗୃତି' ପତ୍ରିକାର ସମ୍ପାଦକୀୟରେ କାଗଜ ମନ୍ଦିରରୁ ଶାବର ଶ୍ରୀକ୍ଷେତ୍ରର ଭବ୍ୟ ମନ୍ଦିରରେ ମଧ୍ୟ ଏ ବିଷୟରେ ଉଲ୍ଲେଖ କରିଛନ୍ତି । ତାହା ଏଇମିତି - 'ଡି.ଏ.ଭି. କଲେଜର ଜଗନ୍ନାଥ ସେମିନାର ପାଇଁ ପଂାୟତ ଭବନର ପୋର୍ଟିକୋ ଉପରେ ମୋ' ଦ୍ୱାରା ନିର୍ମିତ ହେଇଥିବା ୧୬ ଫୁଟ୍ ଉଚ୍ଚର ମନ୍ଦିର ଯେ ଧୀରେ ଧୀରେ ଶାବର ଶ୍ରୀକ୍ଷେତ୍ର ଆଡ଼କୁ ପାଦ ବଢ଼େଇବ, ତାହା ଆମ କଳ୍ପନାର ବାହାରେ ଥିଲା । କିନ୍ତୁ ଦିନେ ତାହା ସତ୍ୟରେ ପରିଣତ ହେଲା ।

'ମୁଁ ଦୀର୍ଘ ୧୦ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ବନକଲାଗି ବା ରଙ୍ଗେଇବା କାମ କରୁଥିଲି ଏବଂ ବାର ମାସରେ ତେର ପର୍ବର ସୂତ୍ରଧର ଥିଲି । ରଥଯାତ୍ରା ବେଳେ ଟାହିଆଠାରୁ ଆରମ୍ଭ କରି ଦଶ ଅବତାର ପର୍ଯ୍ୟନ୍ତ ପ୍ରସ୍ତୁତ କରିବାରେ ମୋର ମୁଖ୍ୟ ଭୂମିକା ଥିଲା ।'

କୋରାପୁଟର ରହଣୀ ତାଙ୍କ ଜୀବନର ଏକ ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ହସ-କାନ୍ଦ, ସୁଖ-ଦୁଃଖ ଓ ଆଶା-ନିରାଶାର ଦୁନିଆ ଭିତରେ ସେ ନିଜର ଅସ୍ତିତ୍ୱକୁ ଖୋଜି ପାଇଛନ୍ତି ସେ ମାଟିରେ । ଚାକିରିର ପ୍ରଥମ ସୋପାନରେ ଆର୍ଥିକ ସମସ୍ୟା ଭିତରେ ପିଚୁ ଟିଣ ଛପର ଘରେ ଏବଂ ନିଜ ହାତରେ ଛାତକୁ ମରାମତି କରି ବର୍ଷାକୁ ଅଟକାଇବାର ଅଦମ୍ୟ ପ୍ରୟାସ ଭିତରେ ବି ସେ ଆତ୍ମସନ୍ତୋଷର ପଣତକୁ ଧରି ରଖିପାରିଛନ୍ତି ଆଜିଯାଏ । ଜାଗୃତି ପତ୍ରିକାର ସମ୍ପାଦକୀୟର ଶେଷ ସ୍ପର୍ଶରେ ସେ ଲେଖିଛନ୍ତି - 'ଏଇ ମାଟି ସହିତ ଅତୁଟ ବନ୍ଧନ ରଖିବା ପାଇଁ ବୋଧହୁଏ ମୋ' ପିତାମାତାଙ୍କ ମର ଶରୀରର ଏଇ ମାଟିରେ ବିଲୀନ ହେଇଛି । ମୋ' ସ୍ୱପ୍ନ ସବୁ ସଂରି ଯିବାର କ୍ଷେତ୍ର ଇଏ । ଏହାକୁ ଭୁଲି ଜୀଇଁବା କ'ଣ ସମ୍ଭବ ?'

ଏସବୁ ପରେ ତାଙ୍କର ଆଉ ଏକ ଅନ୍ୟତମ ଦିଗ ଆଧାତ୍ମିକ ଚିନ୍ତନ, ତା'ର ପ୍ରଚାର ଓ ପ୍ରସାରଣ, ଯାହା ତାଙ୍କର ବର୍ତ୍ତମାନର ଜୀବନକୁ ବିଶେଷ ଭାବରେ ଆବୃତ୍ତି କରି ରହିଛି । ସେ ଜଣେ ସୁବକ୍ତା ହେଇଥିବାରୁ ତାଙ୍କର ସବୁ ପ୍ରକାର ଭାଷଣ ଖୁବ୍ ହୃଦୟ ଛୁଆଁ ହେଇଥାଏ । ଆଧାତ୍ମିକତା ଠାରୁ ଆରମ୍ଭ କରି, ଜୀବନଧର୍ମୀ ଏବଂ ସାହିତ୍ୟ ସମ୍ପର୍କିତ ସବୁ ଭାଷଣରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି । ଆଧାତ୍ମିକ ସତସଙ୍ଗ ଏବଂ ସାହିତ୍ୟ ସଭାରେ ସେ ଜଣେ ଆକାଂକ୍ଷିତ ବିରଳ ମଣିଷ । ତାଙ୍କ ଭାଷାର ମାଧୁର୍ଯ୍ୟ ଏବଂ ଜୀବନ ଉପଯୋଗୀ ଉଦାହରଣ, ଉପଦେଶ ଓ ବକ୍ତବ୍ୟ ସମସ୍ତଙ୍କୁ ଉଚିତ୍ ମାର୍ଗ ଦର୍ଶନରେ ସହାୟକ ହେଇଥାଏ ।

ରମେଶ ସାର୍ ସତରେ ଏକ କୀର୍ତ୍ତିମାନ ବିରଳ ବ୍ୟକ୍ତିତ୍ୱ । ସେ ଏତେ ସବୁ ସଦ୍‌ଗୁଣର ଅଧିକାରୀ ଯେ, ତାଙ୍କୁ ଏକ ଅ ।ଲୋକିତ ଅନୁଷ୍ଠାନ ହିସାବରେ ଆଖ୍ୟା ଦେଇ ତଥାପି ମୁଁ ଭାବୁଛି ନିଜକୁ ନ୍ୟାୟ ଦେଇପାରୁ ନାହିଁ ଏ ଲେଖା ମାଧମରେ । ସେ ସେମିତି ତାଙ୍କ ଜ୍ଞାନର ଆଲୋକର ଶିଖାରେ ଆଲୋକିତ କରୁଥାନ୍ତୁ ସମସ୍ତ ଜ୍ଞାନ ପିପାସୁ ମଣିଷମାନଙ୍କୁ ସବୁ ସମୟରେ -

ଅସତୋ ମା ସଦ୍‌ଗମୟ

ତମସୋ ମା ଜ୍ୟୋତିର୍ଗମୟ

ମୃତ୍ୟୋର୍ମା ଅମୃତଂଗମୟ ।

■■■

ଇନ୍ଦିରାଗାନ୍ଧୀ ହାଉସିଂବୋର୍ଡ଼ କଲୋନୀ,
ନୂଆଗାଁ ପେଟ୍ରୋଲ୍ ପମ୍ପ ନିକଟ
ସାମନ୍ତରାପୁର, ଭୁବନେଶ୍ୱର-୨

# ସ୍ରୋତର ପ୍ରତିକୂଳରେ

ପ୍ରଫେସର ବିଷ୍ଣୁପ୍ରିୟା ଓତା



ସେ ଦିନ ପୁଅ ପପ୍‌ଲୁ ଫୋନରେ ହଠାତ୍ ବ୍ୟତିବ୍ୟସ୍ତ ହୋଇପଡୁଥିଲା ସୁପ୍ରଭା । ଆଂଟି କାଲି ରାତିରେ ମାମା ଚାଲିଗଲେ । କଣ ହୋଇଥିଲା ? ସେ ପଟୁ ଉତର ଆସିଲା କିଛି ବି ହୋଇ ନଥିଲା । ହଠାତ୍ ହାର୍ଟ ଫେଲ୍ କଲା । ସୁପ୍ରଭାର ଗୋଡହାତ ଥରୁଥିଲା । ସେ ହଠାତ୍ ଗ୍ରହଣ କରିପାରିନଥିଲା ଯେ ଅପରାଜିତା ଆଉ ନାହିଁ । ସଂସାରି ମଣିଷଟି ତାର ସୁନ୍ଦର ସଂସାର ଆତ୍ମମାନଙ୍କର ସ୍ନେହଶ୍ରଦ୍ଧା ଭଲପାଇବାକୁ ଛାଡି ଚାଲିଯାଇଛି ସେଇ ଅଫେରା ରାଇଜକୁ । ସାଧାରଣ ଚେହେରା ଭିତରେ ତାର ସେ ଢଳଢଳ ଆଖି ବେଶ୍ ଆକର୍ଷଣୀୟ ଥିଲା । ଶ୍ୟମଳୀ ହେଲେ ବି ସୁନ୍ଦର ଥିଲା ଅପରାଜିତା । ଶାନ୍ତ ସରଳ ଆକର୍ଷଣୀୟ ବ୍ୟକ୍ତିତ୍ୱ । ବ୍ୟବହାର ଆଚରଣ ସବୁଥିରେ ଏକ ନିଆରାପଣ । ଖୁବ୍ ସ୍ନେହୀ ଓ ଅମାୟିକ । ବାପାଥିଲେ ପଦସ୍ଥ ଅଫିସର, ମାଆ ଶିକ୍ଷୟତ୍ରୀ । ଦୁଇଭାଇ (ବଡ ଓ ସାନ) ମଝିରେ ଏକମାତ୍ର ଭଉଣୀ । ବାପା ମାଆଙ୍କର ଖୁବ୍ ଅଲିଅଳି ଓ ଦୁଇଭାଇଙ୍କର ସୁଭଦ୍ରା ଭଉଣୀ । ସ୍କୁଲ୍ କଲେଜ୍ ପାଠପଢା ସବୁ ସରିଯାଏ । ଏମ୍ ଏ ପରୀକ୍ଷା ଦେଇସାରିଥାଏ । ଏତେ ଆକସ୍ମିକ ଭାବରେ ବିବାହ ପ୍ରସ୍ତାବ ଆସିବ ଓ ସ୍ଥିର ହୋଇଯିବ କେହି ବି ଭାବିନଥିଲେ । ସ୍ୱାମୀ ସୁବ୍ରତଙ୍କର ଚାକିରୀ ଜାଗା କଲିକତା । ମାତ୍ର ବର୍ଷକୁ ଛଅମାସ ବାହାରେ । ଭାବୁଥାଏ ଅପରାଜିତା ଇଏ କି ଚାକିରୀ ସ୍ୱାମୀଙ୍କର । ସ୍ୱାମୀଙ୍କ ନିକଟକୁ ନୂଆନୂଆ ବାହାହୋଇ ଯାଇଥାଏ । ହଠାତ୍ ଗୋଟାଏ ଫୋନ ପାଇ ଆଠଦିନ ଘରୁ ବାହାରିଗଲେ ସୁବ୍ରତ । ଖୁବ୍ ବ୍ୟସ୍ତ ହୋଇଥିଲା ସେଦିନ । ଏକୁଟିଆ ଘରଭିତରେ ରହିଥିଲା ଆଠଦିନ । ନବମଦିନ ଆସି ଖୁବ୍ ଦୋଷୀଦୋଷୀ ଭାବରେ ଭୁଲ୍ ମାଗିଥିଲେ ସୁବ୍ରତ । ସେଇ ସରଳ କୋମଳମନା ଅପରାଜିତା ବହୁତ ରାଗିଥିଲେ ବି କିଛି କହିପାରୁନଥିଲା । ବେଳେବେଳେ କଇଁକଇଁ ହୋଇ କାନ୍ଦିଥିଲା । ପରୀକ୍ଷାଫଳ ବାହରିଲା । ପ୍ରଥମଶ୍ରେଣୀରେ ପାଶ୍ କରିଥିଲା । ମାତ୍ର ସୁବ୍ରତଙ୍କ ପାଇଁ ଚାକିରୀ ନ କରିବାକୁ ନିଷ୍ପତି ନେଇଥିଲା ଅପରାଜିତା । ସେତେବେଳକୁ ଝିଅ ହୋଇସାରିଲାଣି । ପିଏସ୍‌ସି ପାଇଁ ପଢାପଢି କରିବାକୁ ସ୍ୱାମୀ ବାଧ୍ୟ କରୁଥିଲେ । ତାଙ୍କର ଯୁକ୍ତିଥିଲା ଶିକ୍ଷିତାଝିଅ ଯୋଗ୍ୟତା ଅଛି । ଚାକିରୀ କରିବନି କାହିଁକି ! ସେବର୍ଷ ପିଏସ୍‌ସି ପାଇ ଅଧ୍ୟାପିକା ଭାବରେ ମହିଳା ମହାବିଦ୍ୟାଳୟରେ ଯୋଗ ଦିଏ । ସେଇ ଦିନଠୁଁ ଆଜିଯାଏ ଦୀର୍ଘ ପଇଁତିରିଶ୍ ବର୍ଷର ସମ୍ପର୍କ । ସମସ୍ତେ ପରସ୍ପର ମଧ୍ୟରେ ଆଦାନପ୍ରଦାନ ରଖିଥାଆନ୍ତି । ସୁପ୍ରଭା ଓ ଅପରାଜିତା ମଧ୍ୟ ବେଶ୍ ନିବିଡ । ସୁଖଦୁଖ ଜୀବନର କଥା ନିଜନିଜ ପରିବାର କଥା କଥାବାର୍ତା ହୁଅନ୍ତି । ଥରେ ଖୁବ୍ ଭାବପ୍ରବଣ ହୋଇ ସୁପ୍ରଭା କହିଥିଲା ଅପା ସତରେ ଏତେ ଖାମ୍‌ଖିଆଲିରେ ଝିଅ ଜୀବନ କଟାଇଲା ପରେ ଏବେ ଦାୟିତ୍ୱ ତୁମେ ତୁଲେଇ ପାରୁଛ କିପରି ? ସେମିତି ହସିଲା ମୁହଁରେ ଉତର ଦେଇଥିଲା ଅପରାଜିତା ଆରେ କଥାରେ ଅଛି ଉପରେ ପଡିଲେ ବଜାଇ ଶିଖିବା । ଦାୟିତ୍ୱ ତ ମୋତେ ତୁଲାଇବାକୁ ହେବ । ସୁଦକ୍ଷ ଅଧ୍ୟାପିକା , ଛାତ୍ରଛାତ୍ରୀ, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ସମସ୍ତଙ୍କ ପ୍ରିୟ । ଘରେ ଶାଶୁ ଶ୍ୱସୁର ଯାଆ ଦିଅର ସବୁରି ପ୍ରିୟ । ପିଲା ଦୁହିଙ୍କୁ କଡା ଶାସନ ହେତୁ ପିଲାଙ୍କର ମାଆକୁ ଭୟ । ସମଧର୍ମୀ ଅଧ୍ୟାପିକାଙ୍କର ପ୍ରିୟ ଅପରାଜିତା ହେଲେ . ଏତେ ବଡ ଦୁଖକୁ ଛାତିରେ ଚାପିଧରି ସେ ଖାଂଟି ସୁନା ମଣିଷଟିଏ କିପରି ହୋଇପାରିଛି । ସାରା ଜୀବନ ଅପରାଜିତା ଏକୁଟିଆ ରହେ । ସ୍ୱାମୀଙ୍କୁ ତାଙ୍କ ପାଖକୁ ଆସିବାର କେବେ କେହି ଦେଖିନି । ସେ କଲିକତାରେ ରହନ୍ତି । ଟୁର୍ ରେ । ତେଣୁ ତାଙ୍କର ଯୁକ୍ତି ମୋର ତ କିଛି ଠିକ୍ ଠିକଣା ନାହିଁ । ତମେ ଛୁଟିରେ ଆସିଲେ ବି ଏଠାରେ ଏକୁଟିଆ ରହିବନି କିପରି । ଅଭିମାନରେ ଛୁଟିରେ ମଧ୍ୟ ଏକା ରହେ ଅପରାଜିତା । ରିସର୍ଚ୍ଚ କାମରେ ମନଦିଏ । ପିଲାଙ୍କ ପାଠପଢା ଦେଖେ ଆଉ ଘର ଦୁଆର ସଜାଡେ । ଛୁଟି ଖୋଲିଯାଏ । ପୁଣି ସେହି ଟଣା ଜୀବନ । ରୁଟିନବନ୍ଧା ଜୀବନରେ ସକାଳ ଛଅଟାରୁ ରାତିଯାଏ ଘର ଓ କଲେଜ୍ ରେ କାମ ଆଉ କାମ । ହେଲେ ସେ ଥକି ପଡେନି । ଘରେ ବାପା ମାଆଙ୍କର ଦୁଇପୁଅରେ ଏକମାତ୍ର ଅଲିଅଳି ଝିଅ । ଜୀବନରେ ଦୁଖ କଣ ଜାଣିନଥିଲା । ମାତ୍ର ତାର ବୈବାହିକ ଜୀବନ ଏମିତି କଣ ହେଲା ! ମନେ ପଡୁଥିଲା ଭାଗବତର ବାଣୀ କର୍ମ କଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ । କଣ କରିବ ସହିବାକୁ ତ ହେବ । ନିଜର ଚାକିରୀ ଜୀବନଓ ପୁଅଝିଅଙ୍କ ଭବିଷ୍ୟତ ପାଇଁ ସବୁକିଛି ମାନସିକ ଯନ୍ତ୍ରଣାକୁ ସହି ସେ ବାଟ ଚାଲୁଥିଲା । ନିଷ୍ଠାପର କାମ ପାଇଁ ସବୁରି ପ୍ରିୟଥିଲା ସେ । ନିଜ ବିଷୟରେ କେବେହେଲେ କିଛି କହେନି । ସେ ବର୍ଷ ଖରାଛୁଟି ସୁପ୍ରଭା ବାରିପଦା ଯାଇଥାଏ । ସେ ଦେଖିଲା ଦେ ବାବୁଙ୍କର ଝିଅର ବାହାଘର ହେଉଛି । ସ୍ତ୍ରୀଲୋକ ମାନେ ହୁଳହୁଳି ପକାଇ ଦିଅଁ ମଙ୍ଗୁଳାଇବା ପାଇଁ ମଙ୍ଗଳାଙ୍କ ମନ୍ଦିରକୁ ଯାଉଛନ୍ତି । ସୁପ୍ରଭାର ବହୁଦିନରୁ ସେମାନେ ପରିଚିତ । ଘରକୁ ପଶିଗଲା । ସୁପ୍ରଭା । ପଚାରିଲା ମାଉସୀ କଣ ଆଜି କି ! ଭାରି ଖୁସିରେ କହିଲେ ଦେ ବାବୁଙ୍କ ସ୍ତ୍ରୀ, ଆରେ ମା ତୁମେ ଆସିଛ କି ! ନାଇଁ ମ ଝିଅ ଅଂଜଳିର ଆଜି ବାହାଘର । ଭଲ ପ୍ରସ୍ତାବଟି । ଜୋଇଁ ଇଞ୍ଜିନିୟର । ଟିକେ ବୟସ୍କ । ଆଗରୁ ବାହା ଦେଇଥିଲେ । ସ୍ତ୍ରୀ ପିଲା ତାଙ୍କ ସାଙ୍ଗରେ ରହନ୍ତିନି । ସବୁବେଳେ ଟୁର୍‌ରେ । ଆମ ଅବସ୍ଥା ତ ଜାଣିଛ । ଆମେ କଣ ଏତେବଡ ଅଫିସର ଜୋଇଁ କରିପାରିବୁ ! ତାଙ୍କର ଗୋଟିଏ ସର୍ତ ତାଙ୍କର ଦ୍ୱିତୀୟ ବିବାହକଥା ବେଶୀ କେହି ଜାଣିବେନି । ଆମ ଅଂଜୁ ଗୋରା ଓ ସୁନ୍ଦର ବୋଲି ସେ ରାଜି ହୋଇଛନ୍ତି । ନହେଲେ ଆମେକଣ ତାଙ୍କ ପାଇଁ ଯୋଗ୍ୟ ! ଅଂଜୁର ଆମର ବଡ ଭାଗ୍ୟ । ସେ ସବୁବେଳେ ଜୋଇଁଙ୍କ ସହିତ ରହିବ କଲିକତାରେ । ହେଉ ବା ଟୁର୍‌ରେ ଯାଆନ୍ତୁ । ତାଙ୍କର ପ୍ରଥମ ସ୍ତ୍ରୀ ପିଲା କଟକରେ ରହନ୍ତି । ସେମାନେ ଆସନ୍ତିନି । ଜୋଇଁ ସୁବ୍ରତ ଆମ ଅଂଜୁକୁ ପାଇଁ ଭାରି ଖୁସି । ଆମର ଏ ସାଧାରଣ ସର୍ତ ରଖିବାରେ ଅସୁବିଧା କଣ । ଆମ ଝିଅତ ବେଶୀ ପାଠ ପଢିନି । ଭଲ ଖାଇ ପିନ୍ଧି ସ୍ୱାମୀ ସୁଖ ପାଇ ସୁଖରେ ରହିବ । ଝିଅ ଆମର ଭାଗ୍ୟବତୀ । ସୁପ୍ରଭା ପଚାରିଲା ତାଙ୍କର ପରା ଆଗ

ସ୍ତ୍ରୀ ଅଛନ୍ତି । ସେ ପୁଣି ବିବାହ କରିବେ କିପରି । ଦେ ବାବୁଙ୍କ ସ୍ତ୍ରୀ ଉତର ଦେଲେ ସେ ସ୍ତ୍ରୀ ତ ବଡଘର ଝିଅ । ଚାକିରୀ କରିଛି । ପିଲା ଦିଇଟା ହେଇସାରିଲେଣି । ସେ ଜୋଇଁଙ୍କ ସହ କିଛିବି ସମ୍ପର୍କ ରଖିଲାନି । ପୁଅପିଲା । ତେଣୁ ଏକାକୀ କେତେଦିନ ରହିବେ । ଆମ ଅଂଜୁ ସୁନ୍ଦରୀ, ଭଲ ରୋଷେଇ କରେ । ଜୋଇ ଆମର ତା ଭଲଗୁଣ ଶୁଣି ଦେଖି ନିଜେ ପସନ୍ଦ କରିଛନ୍ତି ପରା । ମୋ ଭାଇ କଲିକତାରେ ଆମ ଜୋଇଙ୍କ ସାଙ୍ଗରେ ରୋଷେଇ କରେ । ସେହି ଏ ଭଲ ପ୍ରସ୍ତାବ ଦେଇଥିଲା । ସୁପ୍ରଭାର ସନ୍ଦେହ ବଢିଗଲା । ସେ ଭାବିଲା କଟକ, କଲେଜ, ଗୋଟେ ପୁଅ, ଗୋଟେ ଝିଅ, ଆମ ଅପରାଜିତା ନୁହେଁ ତ ! ନିଜକୁ ବୁଝାଉଥିଲା ସୁପ୍ରଭା । ନାନା ସେ ଏ କଣ ଭାବୁଛି ! ଅପରାଜିତାର ଭଲ ବାପଘର, ଶାଶୁଘର, ସ୍ୱାମୀ, ପୁଅଝିଅ । ଏ ସବୁ ଭାବିବା ତାର ଠିକ୍ ନୁହେଁ ।

ଏହା ଭିତରେ ବିତିଗଲାଣି ଅନେକ ଦିନ । ସେଦିନ ଖରା ଛୁଟୀରେ ସୁପ୍ରଭା ଅପରାଜିତା ପାଖକୁ ଯାଇଥିଲା । ଗପସପ କରୁକରୁ ଅପରାଜିତା କହିଲା ବୁଝିଲ ସୁପ୍ରଭା ! ପିଲାଦିନେ ମୁଁ ଟିକେ କମ୍ ରଙ୍ଗ ବୋଲି ମାଆ ମୋର ସ୍କିନ୍ ଟ୍ରିଟ୍‌ମେଂଟ କରୁଥିଲା । କ୍ଷୀର ବାଦାମ ବାଟି ମୋ ଦେହରେ ଲଗାଏ । ସବୁଠୁ ଭଲ କ୍ରିମ୍ ପାଉଡର୍ ମୋ ପାଇଁ କିଣିଆଣେ । ହେଲେ ମୁଁ ଯେମିତି ସେମିତି । ଆଉ ମୋ ସ୍ୱାମୀଙ୍କର ବି ଭାରି ଗୋରା ରଙ୍ଗ ପ୍ରତି ଦୁର୍ବଳତା । ସବୁ ନିରୋଳା ମୁହୂର୍ତରେ ସେ କହନ୍ତି ତୁମେ ଖୁବ୍ ସୁନ୍ଦର । ଅଉ ଟିକେ ଗୋରା ହୋଇଥିଲେ ବହୁତ ସୁନ୍ଦରୀ ହେଇଥାଆନ୍ତ । ସୁପ୍ରଭାର ମନକୁ ପାପ ଛୁଇଁଲା । ସେ ଭାବିଲା ଅନୁମାନ ଭୁଲ୍ ନୁହେଁ ତ ! ତା ପରଠୁଁ ସୁପ୍ରଭା ଲାଗିପଡିଲା ସତ କଣ ଜାଣିବାକୁ । ଦିନେ କମନ୍ ରୁମ୍‌ରେ ବସିଥିଲା ବେଳେ ଡାକିନେଲା ଅପରାଜିତାକୁ ଲାଇବ୍ରେରୀ ଯିବା ବାହାନାରେ । ସେଠାରେ ବିଭିନ୍ନ କଥାବାର୍ତା ପରେ କଇଁକଇଁ ହୋଇ କାନ୍ଦିଥିଲା ଅପରାଜିତା । ସତେଅବା ବିରାଟ ଦୁର୍ଗ ବରଫ ଭଳି ତରଳିଯାଇ ନଦୀଟିଏ ରେ ପରିଣତ ହୋଇଯିବ । ସ୍ୱାଭିମାନୀ ବେଶ୍ ଦୃଢମନା ଅପରାଜିତାର ଟାଣପଣ ଭାଙ୍ଗି ଚୁର୍ମାର ହୋଇଗଲା ସତେ ଅବା । ଏକା ନିଶ୍ୱାସରେ ନିଜ ଜୀବନର କୋହ ଓ ଦୁଖଭରା କାହାଣୀ କହି ସେ ଆଖିଲୁହ ପୋଛିଲା । ସ୍ୱାମୀଙ୍କର ଗୋରା ରଙ୍ଗର ଦୁର୍ବଳତା ନିକଟରେ କେମିତି ତା ପ୍ରେମ, ବଂଶ ମର୍ଯ୍ୟାଦା, ଉଚ୍ଚଶିକ୍ଷା ଓ ସମ୍ମାନ ଜନକ ଅଧ୍ୟାପିକା ଚାକିରୀ ବାପା ମାଆ ଦେଇଥିବା ମୂଲ୍ୟବାନ ଉପହାର ପାସାଙ୍ଗରେ ପଡୁନଥିଲା । କେମିତି ନୂଆନୂଆ ବାହାଘର ବେଳେ ସେ ନକହି ଅଫିସ୍ କାମ ଅଛି ବୋଲି କହି ବାହାରି ଯାଆନ୍ତି ଯେ ପନ୍ଦର କୋଡିଏ ଦିନ ପରେ ଫେରନ୍ତି । ତା ପାଇଁ ବ୍ୟସ୍ତ ହୁଅନ୍ତିନି ଇତ୍ୟାଦି କହିଲା ପରେ ସେ ଲୁହ ପୋଛିଲା ।ପୁର୍ବ ଭଳି ହସହସ ମୁହଁରେ ଚାଲିଲା ବିଏ ଶ୍ରେଣୀ ପିଲାଙ୍କର କ୍ଲାସ ନେବାକୁ ।

ଆଜି ପୁଅ ପପ୍‌ଲୁ ଠାରୁ ଫୋନ ପାଇ ତାଙ୍କ ବକ୍ସିବଜାର ଘରେ ପହଂଚି ଦେଖିଲି ତାଙ୍କ ଘର ସାମ୍ନାରେ ପ୍ରବଳ ଗହଳି , ଛାତ୍ରଛାତ୍ରୀ ମାନଙ୍କର ଲୋକାପ୍ଲୁତ ନୟନ । ବହୁ କଲେଜର ଅଧ୍ୟାପିକା ଓ ଅଧ୍ୟାପକ ଓ ଅନେକ ତାଙ୍କୁ ଭଲ ପାଉଥବା ମଣିଷ ମାନଙ୍କର ସମାଗମ । ମୁଁ ଭାବପ୍ରବଣ ହୋଇ ପଡୁଥିଲି । ଅପରାଜିତା ମ୍ୟାଡାମ୍ ଅମର ରହେ ଧ୍ୱନିରେ ଗଗନ ପବନ କମ୍ପିଉଠିଲା । ଅସଂଖ୍ୟ ଛାତ୍ରଛାତ୍ରୀ ମାନଙ୍କର କୋହଭରା ସ୍ୱର । ସ୍ୱାମୀ ସୁବ୍ରତଙ୍କର ଉଦାସଭାବ ଲକ୍ଷକଲି । ଝିଅର କୋହଭରା କଂଠସ୍ୱର ଆଂଟି ମାମା ଆମକୁ ଛାଡି ଚାଲିଗଲା । ଶହଶହ ଛାତ୍ରଛାତ୍ରୀ, ବନ୍ଧୁବାନ୍ଧବ ଓ ସହକର୍ମୀଙ୍କ ମେଳରେଶେଷ ବିଦାୟ । ମନେ ହେଉଥିଲା ଏହା ଯେପରି ଅପରାଜିତାର ଜୀବନଯୁଦ୍ଧର ଜିତିବାର ସ୍ୱର । ଜୀବନସୁଅରେ ଭାସିଭାସି ନିଜର ଥଳକୂଳ ହରାଇନଥିଲା ସେ ବରଂ ସ୍ରୋତର ପ୍ରତିକୂଳରେ ବାଟଚାଲି ଆଗେଇଥିଲା ସେ । ଆଜି ସେ ପାର୍ଥିବ ଶରୀରରେ ନଥାଇ ବି ଅମର । ସେ ମହାନ ନାରୀ । ଛାତ୍ରଛାତ୍ରୀଙ୍କୁ ସ୍ନେହ, ପରିବାର ପ୍ରତି କର୍ତବ୍ୟ, ସମାଜ ମଙ୍ଗଳ କାର୍ଯ୍ୟ ସବୁକିଛି ପୂରା କରି ବିଶ୍ରାମ ନେଇଛି ସତେ ଅବା । ସୁପ୍ରଭା ନିଜକୁ ପ୍ରଶ୍ନ କରୁଥିଲା ଅପରାଜିତା ନୀତିନିୟମ ମାନି ସରଳ ଜୀବନ ଜୀଇଁ ଖାଲି ତ୍ୟାଗ କରି ଚାଲିଥିଲା । ଜୀବନରେ ସତରେ କଣ ସେ ସୁଖ ପାଇଥିଲା ! ଏ ଭଳି ଅଙ୍କାବଙ୍କା ରାସ୍ତାରେ କଂଟାରେ ଚାଲିଚାଲି ସେ ପାଇଲା କଣ ! ଆଉ ସବୁ ପାଇଁ ତାର ଦୋଷ କଣ ! ଭୁଲ୍ ରହିଲା କେଉଁଠି !

**କାନନ ବିହାର୍ , ଫେଜ ୨ ,**
**ପଟିଆ ଭୁବନେଶ୍ୱର୍ ।**
**ମୋ ୯୪୩୭୩୫୩୭୧୭,**

■■■



# ଦୋକାନ ଖୋଲା ଅଛି !

**ଛନ୍ଦା ମିଶ୍ର**



ରାସ୍ତା କଡ ରେ ଅନେକ ସମୟରେ ଦେଖେ, ତୀର ଚିହ୍ନ ଥାଇ ଲେଖା ହୋଇଛି ଦୋକାନ ଖୋଲା ଅଛି। ଭାବେ, ବୋଧହୁଏ କୌଣସି ଜରୁରୀ ଚିଜ ର ଦୋକାନ ଟିଏ ହୋଇ ଥିବ.. ।ତେବେ ସେ ବିଷୟ ରେ କେବେ ତର୍ଜମା କରି ନଥିଲି। ହେଲେ ଏଇ ନିକଟରେ ବନ୍ଧୁ ଜଣେ, "ଦୋକାନ ଖୋଲା ଅଛି" କହି ରହସ୍ୟ ପୂର୍ଣ୍ଣ ହସ ଟିଏ ହସି ଦେଲେ। କାରଣ ପଚାରି ସାରିଲା ପରେ ହେଲା ସନ୍ଦେହ ମୋଚନ। "ବୁଝିଲ, ବୁଝିବା ଲୋକ ବୁଝିବ ସିନା, ତମେ କାହୁଁ ବୁଝିବ ହୋ ଗଣ୍ଡ ମୂର୍ଖ.. ଦୋକାନ ଖୋଲା ଅଛି କହି ଏଇ ତୀର ଚିହ୍ନ ରେ ଲୋକେ ଯାଇ କୋଉଠି କୋଉଠି ପହଞ୍ଚିବେ ଜାଣିଛ.. କୋଉ ପୋଖରି ହୁଡ଼ା ରେ, କୋଉ ମଶାଣି କଡ଼ ରେ, କୋଉ ବିଲ ବୁଦା ଅପନ୍ତରା କୁ ବି ଲୋକେ ଚାଲି ଯିବେ, ଏଇ ନିଶା ପାଣି ଟିକେ ପାଇଁ.. ଗୁଡ଼ ଥୋଇ ଦେଲେ ପିମ୍ପୁଡ଼ି ଧାଡ଼ି ଲଗାଇବେ, ସେଥିପାଇଁ ବିଜ୍ଞାପନ ର କି ଆବଶ୍ୟକତା ଯେ.. ."। ତାଙ୍କ ମୁହଁ ରୁ କଥା ସରୁ ନ ସରୁଣୁ ସାଥୀ ରେ ଥିବା ଡ୍ରାଇଭର ଜଣକ କହି ଉଠିଲେ, ସେ ଦିନ କଣ ଆଉ ଅଛି ଆଜ୍ଞା.. ଏବେ ପରା ଗଳି କନ୍ଦିରେ ଯାହାକୁ ଯେତେ ମଦ ଦୋକାନ..

ମନେ ପଡୁଥିଲା ଏଇ କିଛିଦିନ ତଳେ କେନ୍ଦ୍ର ର ରାଷ୍ଟ୍ର ମନ୍ତ୍ରୀ କୌଶଳ କିଶୋର୍, ନିଜ ଅଭିଭାଷଣ ରେ ବେଶ୍ ଆବେଗ ପୂର୍ଣ୍ଣ କଣ୍ଠରେ, ଲୁହ ଛଳ ଛଳ ଆଖି ରେ କହିଛନ୍ତି, "ନିଜ ଝିଅ କୁ କୌଣସି ମଦୁଆ ସହ ବିବାହ ଦେଇ ତାର ଜୀବନ କୁ ନର୍କ କୁ ଠେଲି ଦିଅନ୍ତୁ ନାହିଁ। ନିଶା ସେବନ କରୁଥିବା ମୋ ପୁଅ ର ବିବାହ କରାଇବା ମୋର ଏକ ଭୁଲ ନିଷ୍ପତ୍ତି ଥିଲା, ଯେଉଁ କାରଣ ରୁ ମୋ ବୋହୂ ବିଧବା ହୋଇ ଗଲା, ଦୁଇ ବର୍ଷ ର ନାତି ଟି ମୋର ହେଲା ବାପ ଛେଉଣ୍ଡ। ତେଣୁ ସେ ରିକ୍ସା ବାଲା ହେଉ ବା ମୂଲିଆ ତାକୁ ପଛେ ଝିଅ ଦିଅନ୍ତୁ, କିନ୍ତୁ ନିଶା ଖୋର ଅଫିସର ଟିକୁ ଝିଅ ଦିଅନ୍ତୁ ନାହିଁ। ମୁଁ ଜଣେ ସାଂସଦ, ମୋ ପତ୍ନୀ ଜଣେ ବିଧାୟିକା, ତା ସତ୍ତ୍ୱେ ଆମେ ନିଜ ପୁଅ କୁ ବଞ୍ଚାଇ ପାରିଲୁ ନାହିଁ, ସାଧାରଣ ଲୋକେ କିପରି ନିଜ ପିଲାଙ୍କୁ ବଞ୍ଚାଇବେ? ମୋର ପାରୁ ପର୍ଯ୍ୟନ୍ତ ମୁଁ ନିଶା ନିବାରଣ ନିମନ୍ତେ ଲଢେଇ କରିବି।" ଯଦି ଖୋଦ୍ ସରକାର ଙ୍କର ମନ୍ତ୍ରୀ ଜଣେ ଏହିପରି ଭାବେ ନିଜ ଅସହାୟତା ପ୍ରକାଶ କରନ୍ତି ତେବେ ସାଧାରଣ ଲୋକ ଙ୍କ ଘର କିପରି ଉଛନ ହେଉଥିବ ତାହା ସହଜ ରେ ଅନୁମେୟ। ତେବେ ଠିକ୍ ତା ର ପରେ ପରେ ଦୁଇ ଜଣ ମଦ୍ୟପ, ମାତାଲ ହୋଇ ବିମାନ ଭିତରେ ମହିଳା ଙ୍କ ଉପରେ ପରିସ୍ରା କରିବା ଘଟଣା କାହା ଆଖି ରୁ ବାଦ୍ ପଡି ନଥିବ ନିଶ୍ଚୟ।

ତେବେ କେବଳ ମଦ ନୁହେଁ ବ୍ରାଉନ ସୁଗର ଠାରୁ ଚରସ ଓ ହେରୋଇନ ଆଦି ଏବେ ଗାଁ ଗହଳିରେ ନିଜର ଆସ୍ଥାନ ଜମାଇ ସାରିଲେଣି। ନିକଟରେ ସାଲେପୁର ଅଞ୍ଚଳରେ କଲେଜ ପୋଷାକ ରେ ଥିବା ଝିଅ ଟିଏ ହାତ ଗୋଡ଼ ବନ୍ଧା ହୋଇ, ଅଚେତ୍ ଅବସ୍ଥା ରେ ଆବର୍ଜନା କୁଣ୍ଡ ରୁ ମିଳିବା ଘଟଣା ସମସ୍ତ ଙ୍କୁ ଚକିତ କରିଛି। ଯୁବା ବୟସ ରେ ପାଦ ଦେଉଥିବା ଚଞ୍ଚଳ ମନା କିଶୋର କିଶୋରୀ ମାନଙ୍କୁ ଏହି ନିଶା ବେପାରୀ ମାନେ ନିଜର ସହଜ ଶିକାର ଭାବେ ଗ୍ରହଣ କରି ନେଇଛନ୍ତି। ଥରେ ଏ ନିଶା ଲାଗିଲେ ତେଣିକି ନିଶା ପାଇଁ ଅନ୍ୟ ର ବେକ କାଟିବାକୁ ଏ ପିଲାଏ ପଛ ଘୁଞ୍ଚା ଦେବେନି  ଜାଣି, ଏ ବେପାରୀ ରୂପୀ ରାକ୍ଷସ ମାନେ ଏହି ପିଲା ଙ୍କୁ ନିଜର କ୍ରୀଡ଼ନକ ସଜଉ ଛନ୍ତି।ହେଲେ ସେମାନେ ମଧ୍ଯ ଭୁଲିଯିବା ଉଚିତ ନୁହେଁ ଯେ ଅନ୍ୟ ର ଘର ଜାଳି ଠୁଳ କରିଥିବା ଧନ ତାଙ୍କର କୌଣସି କାମ ରେ ଲାଗିବ ନାହିଁ।

ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଯେ, ଆଗେ ଯେଉଁଠି ଲୋକେ ବିବାହ ଆଦି ରେ ମଦ ପିଇ ବାକୁ ଗୋଟିଏ ସଉକ ଭାବେ ଗ୍ରହଣ କରିଥିଲେ, ଏବେ ମୃତ କ୍ରିୟା ରେ ବି ମଦ ନ ହେଲେ ମଡା ଉଠେଇବୁ ନାହିଁ ବୋଲି କହିଲେଣି। ତା ଠାରୁ

ଆଚମ୍ବିତ କଲା ଭଳି କଥା ହେଉଛି ଯେ ଆଜି ଜାତି ଧର୍ମ ବର୍ଣ୍ଣ ଲିଙ୍ଗ ଓ ବୟସ ନିର୍ବିଶେଷରେ ନିଶା ସମସ୍ତ ଙ୍କୁ କରିଛି କବଳିତ।

ବର୍ତ୍ତମାନ ସମାଜ ର ଦର୍ପଣ ସଦୃଶ ସମ୍ବାଦ ପତ୍ର କୁ ଖୋଲି ଦେଲା ମାତ୍ରେ ଏହି ନିଶା ସେବନ କାରୀ ଙ୍କ ଦ୍ୱାରା ଘଟୁଥିବା ବିଭିନ୍ନ ଅଘଟଣ ଓ ଦୁର୍ଘଟଣା, ସାଧାରଣ ମନ ଓ ମସ୍ତିସ୍କ କୁ ବିଚଳିତ କରି ପକାଏ। ନିଶା ସେବନ ଯୋଗୁଁ କେତେ ଯେ ଘର ସଂସାର ଛାରଖାର ହୋଇଯାଇଛି ଓ ହୋଇ ଯାଉଚି ତାର ହିସାବ ନାହିଁ। ତା ସତ୍ତ୍ୱେ ବି ସରକାର, ମଦ କୁ ଯେପରି ପ୍ରୋତ୍ସାହନ ଦେଇ ଗଳିକନ୍ଦି ରେ ମଦ ଦୋକାନ ମାନ ଖୋଲି ଦେଉଛନ୍ତି ତାହା ସରକାର ଙ୍କର ଜନତା ଙ୍କ ପ୍ରତି ମନୋଭାବ କୁ ସ୍ୱଷ୍ଟ କରୁଛି। ସରକାର, ଦୋକାନ ଖୋଲି ମଦ ବିକି ଓ ମଦ ପିଇ ଥିବା ଲୋକ ଙ୍କ ଠାରୁ ଜୋରିମାନା ଆଦାୟ କରି ନିଜ ରାଜସ୍ୱ ବଢାଇବା ପାଇଁ ସମସ୍ତ ପ୍ରକାର ଯୋଜନା କରିଛନ୍ତି। ଜନସାଧାରଣ ସରକାର ଙ୍କର ଏ ଯୋଜନା ବିଷୟ ରେ ଅବଗତ ହୋଇ ମଧ୍ୟ, ନିଶା କବଳିତ ହୋଇ ଯେପରି ବିବଶ ସାଜିଛନ୍ତି ତା ଦେଖିଲେ କେବଳ ହତାଶା ର ଦୀର୍ଘଶ୍ୱାସ ହିଁ ବାହାରେ। ଏବେ ଘର ବୁଡି ପାଣି ଆଣ୍ଠୁଏ ହେଲାଣି । ତୁରନ୍ତ ଯଦି ସରକାର, ବୁଦ୍ଧିଜୀବୀ ଓ ଜନସାଧାରଣ ଙ୍କ ମିଳିତ ସହଯୋଗ ରେ ରାଜସ୍ୱ ଆଦାୟ ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ସହିତ ନିଶା ନିବାରଣ କୁ ଜୋର୍ ଦାର୍ ନ କରା ଯାଏ ତେବେ ଅଚିରେ ସମ୍ପୂର୍ଣ୍ଣ ଘର ଭାସି ଯାଇ ନିଶ୍ଚିହ୍ନ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ସେଦିନ ଆଉ ଦୂର ନୁହେଁ ଯେବେ, ସମୟ ଏପରି ଆସିବ ଯେ ଦୋକାନ ଖୋଲା ଥିବ, କିନ୍ତୁ କିଣିବାକୁ ଆଉ ଗ୍ରାହକ ନଥିବେ!!

■■■

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦



## ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦର୍
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ୍ YOUTUBE
## ମାଧମରେ ଏକ ସାକ୍ଷାତକାର୍ କାର୍ଯ୍ୟକ୍ରମ

ଆଳାପ

ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8I8b-SBPaJWnCLKg

# ପଦ୍ୟ ବିଭାଗ



# ପ୍ରଜ୍ଞା ପୁରୁଷ

ବସନ୍ତ ମାଝୀ





ମୃତ୍ୟୁ ନିକଟରେ ତମର ପରାଜିତ ଖବର
ବିଦାରି ଦେଲା ତୀକ୍ଷ୍ଣ ନଖ ଦାନ୍ତରେ ଏଇ ଛାତି
ତହିଁ ରୁ ଝରୁଛି ଅଦେଖା ଲହୁ ଧାରଧାର
ବିଷାଦରେ ଝାଉଁଳି ପଡିଛି ତମ ଅକ୍ଷୟ କୀର୍ତ୍ତି ।

ତମ ପ୍ରଜ୍ଞା ବନ ପାରିଜାତ ମହକ ତରଙ୍ଗେ
ସିକ୍ତ ହୁଏ ଏଇ ରୁକ୍ଷ ବିମୁଗ୍ଧ ପାଠକ ବେଳା
ତମେ ତ ଅଲିଭା ସଳିତା ଓଡ଼ିଆଙ୍କ ପ୍ରାଣ ଚେତନାରେ
ଖୋଜି ହେବ ତମର ସେ ପ୍ରିୟ ଆଭା ଆଉ ବେଳା
ମୈତ୍ରୀ ର ସଙ୍ଗମ ସ୍ଥଳ  ଏଇ ପ୍ରିୟ ମାଟିର ମିନାରେ।

ମୁଗ୍ଧ ତବ ବକ୍ତବ୍ୟ ର କଳା ଅକୃତ୍ରିମ ବନ୍ଧୁତାର ଫୁଲ
ପ୍ରୟୋଗ ର ନାନ୍ଦୀପାଠେ ତମେ ନାଲି ଅଗ୍ନି ଝୁଲ
ତନିମା ନିଃଶେଷ ହୁଏ ସିନା ପ୍ରଜ୍ଞା ଯେ ଜଳେ ଦାଉଦାଉ
ତମ ସ୍ମୃତିତମ କାର୍ଯ୍ୟ କିଏ ସିଏ ଲିଭାଇ ପାରିବ
ତମେ ତ ପ୍ରେରଣାର ଅଫୁରନ୍ତ ଉତ୍ସ
ଦୂରେ ଥାଇ ମୋ ପ୍ରଣାମ ନେବ ।।

■■■

ଏମ୍. ଆଇ. ଜି.(୧) ୧୯/୨,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୬୨୧୯୨୫

# ଫଗୁଣ

ଅନୁସୃତା ସିଂ ଦେଓ





ଗୋଧୂଳିର ସଞ୍ଜ ବେଳାରେ
କୋଇଲି ର କୁହୁ କୁହୁ ମଧୁର ସ୍ୱର
ନାନା ଜାତି ପକ୍ଷୀଙ୍କର ମେଳେ
ହଜିଯାଏ ପଥଭ୍ରାନ୍ତ ସୁନ୍ଦର ଭୁବନେ
ଶ୍ୱାନ ରଦ୍ଧରତ ନିରୋଳା ରଜନୀରେ
ଏକା ଏକା ଚନ୍ଦ୍ରକୁ ଚାହିଁଲେ
ଝରିପଡ଼େ ମୁକ୍ତା କେରା କେରା
ଭାରି ମନେ ପଡ଼େ ଫଗୁଣ
ଧରିଛି ସାତ ରଙ୍ଗର ଡୋରି
ମୃଦୁ ମଳୟ ପବନ ଧରି
ସଭିଏଁ ରଙ୍ଗରେ ରଙ୍ଗାଇତ ହେବା
ପର ଆପଣା ବିଚାର ନ କରି
ସପ୍ତରଙ୍ଗର ଖୁସିର ପାଖୁଡ଼ାରେ
ଜୀବନର ପ୍ରତିଟି ମୁହୂର୍ତ୍ତରେ
କାଟିବା ଆନନ୍ଦ ମନରେ
ସପ୍ତ ରଙ୍ଗରେ ହେବା ରଙ୍ଗାୟତ
ଆପଣା ପର ବିଚାର ନ କରି
ସଭିଙ୍କ ହୃଦୟରେ ଦେବା
ପ୍ରେମ ପ୍ରୀତି ଢ଼ାଳି

■■■

ଅଧକ୍ଷା, ଓ୍ୱିଶ୍ , ଭୁବନେଶ୍ୱର



# ବସନ୍ତର ଆଗମନ

ସ୍ୱର୍ଣ୍ଣଲତା ମହାପାତ୍ର



ଫଗୁଣ ସକାଳେ ବସନ୍ତ ଆସିଛି
କୋଇଲି ଗାଉଛି ଗୀତ
କଅଁଳ ଖରାରେ ଧରା ଚମକୁଛି
ସରି ସରି ଯାଏ ଶୀତ ।

ଫୁଲରେ ଫୁଲରେ ମହୁମାଛି ଝୁଲେ
ମଧୁ ଲୁଟିବାର ଆଶେ
ଶିରି ଶିରି ବହେ ମଧୁର ମଳୟ
କନକଚମ୍ପାର ବାସେ ।

ନବ ପଲ୍ଲବରେ କଳିର କାନନେ
ଭ୍ରମର ଗୁଞ୍ଜଇ ଛନ୍ଦେ
ଝରା ବଉଳର ବାସରେ କୋକିଳ
ଚ୍ୟୁତଡାଳେ ବସା ବାନ୍ଧେ ।

ଗୋଧୂଳି ଝରାଏ ଅଳସୀ ପାଖୁଡା
ଆକାଶରେ ଫୁଟେ ତାରା
ହୃଦୟରେ ଫୁଟେ ପ୍ରୀତିର କଳିକା
ବାସର ମହକ ଭରା ।

କବିର ପ୍ରାଣଟି ଝଙ୍କୁରିତ ହୁଏ
ସାଇତା ଶବ୍ଦକୁ ଯୋଖେ
କବିତା ମାଧମେ ପ୍ରକୃତି ସୌନ୍ଦର୍ଯ୍ୟ
ଲେଖନୀ ମୁନରେ ଆଙ୍କେ ।

ମାୟାବିନୀ ସ୍ମୃତି ଗାଏ ମଧୁଗୀତି
ମୋହିନିଏ ମନ-ପ୍ରାଣ
ଚମ୍ପକ ବନେ କମ୍ପନ ତୋଳେ
ବସନ୍ତର ଆଗମନ ।

■■■

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

# ବସନ୍ତର ବାସନ୍ତିକା

ମାନଗୋବିନ୍ଦ ବାରିକ



କାହା ଆଗମନ  ସ୍ୱାଗତ ଜଣାଇ
କୋଇଲି ଗାଉଛି ଗୀତ,
ପ୍ରକୃତି-ଅଗଣା  ସଜେଇ ହେଲାଣି
ମେଲାଣି ମାଗୁଛି ଶୀତ।

କେଉଁ ଅଭ୍ୟାଗତ  ଆବାହନେ ଶୁଭେ
ମଧୁକଣ୍ଠେ ସାହାନାଇ,
ସାଗରେ ତରଙ୍ଗ  ଆକାଶରେ ରଙ୍ଗ
କୁଆରେ ଉଛୁଳେ ନଈ।

ମଧୂ ମକ୍ଷୀକାଙ୍କ  ମଧୁ-ଗୁଞ୍ଜନରେ
ଗୁଞ୍ଜରିତ ହୁଏ ଧରା।
କୁଆଁରୀ ମନରେ  କାଉଁରୀ ପରଶ
ଉଆଁସେ ଜୋଛନା ଭରା।

ମନ-କୁଞ୍ଜବନ  ଗହନ-ତନ୍ତ୍ରୀରେ
ଆମ୍ର ବଉଳର ବାସ୍ନା,
ମଳୟ-ସମୀର  ମଧୁର ସ୍ପର୍ଶରେ
ପ୍ରେମ ପ୍ରତ୍ୟାଶାର ତୃଷ୍ଣା।

ଅନ୍ତର-ତନ୍ତ୍ରୀରୁ  ଅନ୍ତରୀକ୍ଷ ଛୁଏଁ
ଅନ୍ତରଙ୍ଗ ଅନୁରାଗ,
ବସନ୍ତ ପୁଲକେ  ଉଲ୍ଲସିତ ଧରା
ମଳୟରେ ଭରେ ରଙ୍ଗ।

ମଧୁ-ମଲ୍ଲିକାର  ମଧୁ-ମହକରେ
ପ୍ରାଣରେ ପ୍ରୀତିର ଗନ୍ଧ,
ମନ ଉପବନେ  ମୂର୍ଚ୍ଛନା ତୋଳଇ
ମୟୂର ନର୍ତ୍ତନ ଛନ୍ଦ।

ବସନ୍ତ ଋତୁର  ବାସନ୍ତିକ ଶୋଭା
ନବ ଉଷା ଅରୁଣୀମା,
ପ୍ରକୃତି-ରାଣୀର  ପଣନ୍ତ ଅଂଚଳେ
ରମଣୀୟ ମାଧୁରୀମା।

ଫୁଲ ସବାରୀରେ ବସନ୍ତ ଆସିବ
ହସିବ ଧରଣୀ ରାଣୀ,
ଶୁଭିବ କର୍ଣ୍ଣରେ  ଋତୁ ସମ୍ରାଟର
ପ୍ରେମ ପ୍ରଣୟର ବାଣୀ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ଫାର୍ମିଂଟନ୍  ପର୍ବତରେ ସକାଳ (୭)

ପ୍ରଫେସର ଅଶୋକ ମହାନ୍ତି



ସୂରୁଜର କଁଅଳ କିରଣ
ମାଟି ଛୁଇଁବା ଆଗରୁ
ଅଦୃଶ୍ୟ ଶିଳ୍ପୀ କେହିଜଣେ
ଆଙ୍କି ଦେଇଥାଏ ଥାକ ଥାକ ପାହାଡ଼ ପର୍ବତ
ବିସ୍ତୃତ ବେଲେଜିୟମ୍ ନୀଳ ରଙ୍ଗର
ଆଇନା ପରି ନୀଳ ହ୍ରଦ
ଫୁଲଝରି ପରି ଛିଟିକି ପଡୁଥିବା
ପ୍ରପାତର ଜଳକଣା
ମାଟିର ଏ ନୀଳ କାଗଜରେ ।
କୃଷ୍ଣଚୂଡ଼ା ପରି ପ୍ରତେ ହେଉଥିବା
ନାଲିରଙ୍ଗ ଫୁଲ ସବୁ
ଝୁଲୁଥାନ୍ତି ସିର୍ ସିର୍ ପବନ ଛୁଆଁରେ
ପାଗଳ ଭଅଁର ଫୁଲ ଦେଖି
ଗାଉଥାଏ ପ୍ରଣୟ ସଙ୍ଗୀତ
ଫୁଲଙ୍କୁ କ'ଣ କହିବ ବୋଲି
ଦୋ ଦୋ ପାଞ୍ଚ ହେଉଥାଏ
କହି ପାରୁ ନଥାଏ
ହରରଙ୍ଗୀ ପ୍ରଜାପତି ଉଡୁଥାନ୍ତି
ଘାସ ପଡ଼ିଆର ଏପଟୁ ସେପଟ ।
କ୍ୟାଲେଣ୍ଡର୍ ର ରଙ୍ଗୀନ୍ ଚିତ୍ର ପରି
ଦିଶୁଥାନ୍ତି କୋଠାଘର ସବୁ
ଘର ଆଗ ପଛରେ କଳା ପିଚୁରାସ୍ତା
ଖୁବ୍ ପାଖରେ ଦିଶୁଥାଏ
ନୀଳ ହ୍ରଦ ସବୁଜ ଅରଣ୍ୟ ।
ଏଠି ସକାଳ ସବୁଦିନେ
ନୂଆ ରୂପ ନେଇ ଅଭିସାରିକା ସାଜେ
ମୁରୁକି ହସେ, ଅଭିମାନ କରେ
ବ୍ୟସ୍ତ ବିବ୍ରତ ମଣିଷର ସମୟ କାହିଁ
ପକ୍ଷୀର ସକାଳ ଗୀତରେ ବିଭୋର ହେବ
ସୂରୁଜର ଆଲୁଅରେ ଭିଜିବ
ଏଠିତ ସବୁଦିନେ ଘୋଡ଼ାଦୌଡ଼
ମଦନିଶା, ଟଙ୍କା ଗୋଟା ତଥା
ହରେଇବାର ଦୁଃଖରେ
ବିତୁଥାଏ ଅବଶିଷ୍ଟ ଜୀବନ !!



■■■

ଜେଡ୍ ୱାନ୍ ଇଷ୍ଟେଟ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ- ୯୩୪୮୨୫୬୮୮୩

# ଓଡ଼ିଶା ଓ ହକି

ଶୁଭଶ୍ରୀ ସିଂ



ବିଶ୍ୱ ପ୍ରସିଦ୍ଧ ହକି ଜାତୀୟ ଖେଳ
ଅଠର ଶହ ଛୟାଶୀ  ମସିହାର
ଅଣତିରିଶ ରେ ଜନମ ତାହାର
ଦୁଃସାହାସ ରୋମାଞ୍ଚରେ ପରିପୂର୍ଣ୍ଣ
ଚାଲିଛି ବିଶ୍ୱକପ ହକି ଆୟୋଜନ
ଜାନୁଆରୀ ତେରରେ ହେବ ଆରମ୍ଭ
କ୍ରୀଡ଼ା ଜଗତେ ସର୍ବେ ଆନନ୍ଦିତ
ବିଶ୍ୱସ୍ତରୀୟ ଏହି ଟୁର୍ଣ୍ଣାମେଣ୍ଟ
ଉଲ୍ଲେଖନୀୟ ପ୍ରଚେଷ୍ଟା ସରକାରଙ୍କ
ଭୀଷ୍ମପିତାମହ ରୂପେ ମୁଖ୍ୟମନ୍ତ୍ରୀ
ଓଡ଼ିଶା ପାଇଁ କରିଲେ ପ୍ରଚେଷ୍ଟା
ସୁଯୋଗ ପ୍ରଦର୍ଶନ କଲେ ଐତିହ୍ୟର
ବିଶ୍ୱକପ କୁ ସ୍ମରଣୀୟ କରିବେ
ବିଶ୍ୱ ପ୍ରାନ୍ତରୁ ଖେଳାଳି ଆସିବେ
ତାଙ୍କ କିର୍ତ୍ତୀମାନ ପ୍ରଦର୍ଶନ ହେବ
ସ୍ନେହ ଶ୍ରଦ୍ଧାରେ ପରିବେଶ ଭରିବ
ଭଗୀରଥ ସାଜି ସିପାହୀ ଧ୍ୟାନଚାନ୍ଦ
ଭାରତ ବର୍ଷକୁ ଆଣିଲେ ହକିକୁ
ପରିଚୟ ଦେଲେ ଲୋକପ୍ରିୟ ଖେଳର
ଓଡ଼ିଶା ହକି ପ୍ରାଣକେନ୍ଦ୍ର ସାଜିଲା
ଦେଶ ଗୌରବର ମୁକୁଟ ପିନ୍ଧିଲା
ଓଡ଼ିଶାର ସୁନ୍ଦରଗଡ ହକିର
କେନ୍ଦ୍ରବିନ୍ଦୁ ରୂପେ ପରିଚୟ ପାଇଲା
ହକିର ଆଦୃତି, ନୈପୁଣ୍ୟ ବଢିଲା
ଜାତୀୟ ଖେଳ ଓଡ଼ିଶା ହକିର ପ୍ରତିଭା
ସାରା ବିଶ୍ୱରେ ପରିଚିତ କରାଇଲା ।



ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

■■■

# ନାରୀର ଜୀବନ

ରୀତା ମିଶ୍ର



ଶୈଶବରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ
ଜୀବନ କାଳରେ
ବନ୍ଧା ସଦା ନାରୀର ଜୀବନ
ଲୁହା ଶିକୁଳିରେ ।

ବଢ଼ିଥାଏ ପିତ୍ରାଳୟେ ଜନ୍ମ ହେଲାପରେ
ଅଲିଅଳ ସୁକୁମାରୀ କନ୍ୟା ର ରୂପରେ
ହେଲେ ପ୍ରତିକ୍ଷଣ ବାପାଙ୍କ ଆକଟ ରେ
ଆଉ କେତେବେଳେ ଭାଇର ତାଗିଦ୍ ରେ ।



ବିଭା ହେଲାପରେ ସ୍ଵାମୀ ପାଖେ ରହି
ଥାଏ ସଦା ସ୍ୱାମୀ ଙ୍କର ଆଜ୍ଞାବହ ହୋଇ
ତାଙ୍କ ଆଦେଶରେ ଆତଯାତ ହୁଏ
ନିଜସ୍ଵ ବୋଲି ତାହାର କିଛି ତ ନଁଥାଏ ।

ବାର୍ଦ୍ଧକ୍ୟ ତାର ଯେବେ ହୁଏ ଉପନୀତ
ବଦଳିଯାଏ ତାର ଜୀବନ ର ମାନଚିତ୍ର
ଭଲ ହେଉ ଅବା ମନ୍ଦ କହିବାକୁ ପଦେ
ପାଏନା ସାହସ ଡରିରହେ ପ୍ରତିପାଦେ ।

ଜୀବନ ତରଣୀ ତାର ହୋଇଯାଏ ସ୍ଥିର
ମୃତ୍ୟୁର ପଥକୁ ଦେଖୁଥାଏ ବାରମ୍ବାର
ମୃତ୍ୟୁର ପଥକୁ ଦେଖୁଥାଏ ବାରମ୍ବାର ।

■■■

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ :୮୨୮୦୧୭୦୧୭୯

# ଝିଅ

ଗୀତା ପଟ୍ଟନାୟକ





ଝିଅଟି ଅଟଇ ପ୍ରଜାପତି ସମ
ତା'ର ସଂଗେ ସରି ନୁହେଁ କେହି,
ହସ ହସ ମୁଖେ ଘୂରି ବୁଲୁଥାଏ
ଦାଣ୍ଡରୁ ଦୁଆର ହୋଇ ।

ମିଠା କଥା କହି ନିଏ ମନ ମୋହି
ସଭିଂକୁ କରେ ନିଜର,
ପର ଆପଣାର ଭାବ ତ ନ ଥାଏ
ସରଳ ହୃଦୟେ ତା'ର ।

ଖସିଗଲା ଗୋଡ ତଳକୁ ତଳକୁ
କେହି ତ ପାରେ ନି ରୋକି,
ବିନାଶ କାଳରେ ବୁଦ୍ଧି ହଜିଯାଏ
କିଛି ରହେ ନାହିଁ ବାକି ।

ଝିଅ ଶୂନ୍ୟ ଏଇ ସମାଜକୁ ଭାବ
ବୁଦ୍ଧି ତୁମ ହଜିଯିବ,
ସବୁ ସୁନ୍ଦରତା ହଜିଯାଇ ଖାଲି
ମଶାଣି ହିଁ ରହିଥିବ ।

ମାଙ୍କଡ ହାତରେ ଶାଳଗ୍ରାମ ଦେଲେ
ପାରେ ନି ତା ମୂଲ ବୁଝି,
ଝିଅ ଅକାତରେ ତ୍ୟାଗ କରୁଅଛି ବୋଲି
ମୂଲ୍ୟହୀନ ପାଲଟିଛି ।

ଆଜି ଯିଏ ଝିଅ କାଲି ସିଏ ବୋହୂ
କୁଳର ସେ ରକ୍ଷା କର୍ତ୍ତୀ,
ରାଣୀ ଲକ୍ଷ୍ମୀବାଈ, ରାଣୀ ଶୁକଦେଇ
ରଖି ଯାଇଛନ୍ତି କୀର୍ତ୍ତି ।

ଜନ୍ମଦାତା ପିତା ସହୋଦର ଭ୍ରାତା
ବଇରି ସାଜୁଛି ତା'ର,
ଦୁର୍ଗା,କାଳୀ ଆଉ ଦ୍ରୌପଦୀ ସୀତାଙ୍କ
କଥା ତ ଥରେ ବିଚାର ।

ଝିଅ ଅଭାବରେ ଏଇ ସମାଜଟି
ହୋଇଯିବ ଛାରଖାର,
ହେ ପୁରୁଷ ଜାତି ତୁଟିଯିବ ତୁମ
ସବୁ ଦମ୍ଭ ଅହଂକାର ।

ଝିଅକୁ ବଞ୍ଚାଅ ଝିଅକୁ ପଢାଅ
ରଖ ଯେ ତାହାର ମାନ,
ଆଦର ଯତନ ଝିଅକୁ କରିଲେ
ସମାଜେ ହୋଇବ ଧନ୍ୟ ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# ଫଗୁଣ ! ତୁ' ମୋତେ ଆଉ ଚାହାଁନା

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ଫଗୁଣ ! ତୁ' ମୋତେ
ଆଉ ଚାହାଁନା
ତୋର ସେ ଚାହାଣି
ମରମକୁ ହାଣି
ହୃଦୟେ ପ୍ରେମ ଝରାନା...
ଫଗୁଣ ! ତୁ' ମୋତେ ଆଉ ଚାହାଁନା ।।



ତୋର ସମୀରଣ ମଳୟ ବୋଲିଣ
ରାଗିଣୀ କଲା ମୋ ବେସୁରା
ତୋର ଚଇତାଳି ମରମ କୁ ଜାଳି
ଦେହେ ବେପଥୁରେ ଭରା
ତୋର ବସନ୍ତର ଅଥୟ ମନର
ଆଉ ସେ ଲୋଭ ଦେଖାନା...
ଫଗୁଣ ! ତୁ' ମୋତେ ଆଉ ଚାହାଁନା ।।

ଗୋଟି ଗୋଟି ହୋଇ ଷୋହଳ ଗଣଇ
ଫଗୁଣ ତୋର ସରିଲା
ସତର ଯେବେରେ ପୂରିଯିବ ଏବେ
ତୋର ଗୁଣ ପ୍ରକଟିଲା
ବେସୁରା ମୋ ହେଲା କୋକିଳ ଡାକିଲା
ଆଉ ମଧୁସୁର ଶୁଣାନା
ଫଗୁଣ ! ତୁ' ଆଉ ମୋତେ ଭୁଲାନା ।।

■■■

ବରମୁଣ୍ଡା ହା. ବୋ. କଲୋନୀ, ଭୁବନେଶ୍ୱର

# ସ୍ୱର୍ଗ

ଯଶୋବନ୍ତ ସେଠୀ





ମାତ୍ର ଗୋଟିଏ ଓଳି ରହି
ମୁଁ ଫେରିଆସିଲି ସ୍ୱର୍ଗରୁ ।

ସେଠି ରହିବା ବଡ ମୁସ୍କିଲ୍ ହୋ ସଭାଜନେ !
ରାଜନୀତି ଫାଜନୀତି କିଛି ଚଳେନା
ସେଠାକାର ପିଅନ୍
ହାତଗୁଞ୍ଜା ରଖିଲାନି ,
ରାସନକାର୍ଡ ହିତାଧିକାରୀଟିଏ ହେବାକୁ
ସତରେ ଗରିବ ନହେଲେ ନଚଳେ
ସେଠାକାର ବଗିଚାରେ ବିନା ସାର ବିଷରେ
ନଡ଼ିଆ, ଆମ୍ବ, ପିଜୁଳି ଫଳେ ।

କିନ୍ତୁ ମୁଁ ଫେରିଆସିବାର ମୁଖ୍ୟ କାରଣ
ସେଠି ଆମ ଅଙ୍କ ସାର୍ ଥିଲେ
ଯେଉଁ ଛାତ୍ରର ଗୁଣନ ହରଣ ମାନସାଙ୍କ
ଭୁଲ୍ ହେଉଥିଲା ବୁଢା ତାକୁ
ଗୋଲାପ ଫୁଲରେ ପିଟୁଥିଲେ ।

ମାଛିକୁ 'ମ' କହୁନଥିବା ତଥା
ବାପା ହେବା ପୂର୍ବରୁ ଈଶ୍ୱର ଫେରସ୍ତ ନେଇଥିବା
ପ୍ରଫୁଲ୍ଲାଇ ଥିଲେ ସେଠାକାର ଚେୟାରମ୍ୟାନ୍
ମର୍ତ୍ତ୍ୟରେ କିଛି ବାଡିପଡାଙ୍କ ଦ୍ୱାରା
ଅତ୍ୟାଚାରର ଶିକାର ହୋଇଥିବା
ଶୋଷିତା, ଲୁଣ୍ଠିତା,ନିଷ୍ପେଷିତା ତଥା
ଅଳ୍ପ ବୟସରେ ହତ୍ୟା ହୋଇଥିବା
ଲେଡିଜ୍ ମାନେ ଗଢିଥିଲେ
ଓମେନ୍ ଆସୋସିଏସନ୍ ଅଫ୍ ଦ ହେଭେନ୍ ।

ହକି ୱାର୍ଲ୍ଡକପର ଟିକେଟ୍
କିମ୍ବା ଭି ଆଇ ପି ପାସ୍ ଟିଏ ପାଇନଥିବା 'ମୁ'
କିପରି ସ୍ୱର୍ଗକୁ ପାସ୍ ପାଇଲି ଜାଣେନି
( ସେଇଥିପାଇଁ ବୋଧେ ଫେରାଇଦେଲେ )
କିନ୍ତୁ ଫେରିବା ବାଟରେ ପକେଟ୍ ଅଣ୍ଡାଳୁ ଅଣ୍ଡାଳୁ
ଚିର୍କୁଟିଟିଏ ପାଇଲି , ଯୋଉଥିରେ ଲେଖାଥିଲା
ସ୍ୱର୍ଗ କିମ୍ବା ନର୍କ ନୁହେଁ
"ଯେ ଯାହା କର୍ମଣିର ଫଳେ
ଭୋଗ ଭୁଞ୍ଜନ୍ତି ମହୀତଳେ"
ହରିବୋଲ.... ।

■■■

୩ ଆର୍/ ୨ , ମ୍ୟୁଜିୟମ୍ ଅଞ୍ଚଳ
ବି.ଜେ.ବି ନଗର, ଭୁବନେଶ୍ୱର

# ସରଗପରୀ

ବିଦ୍ୟାଧର ଗୁରୁ



ନାଇଁ ଗୋ ନାଇଁ କରନା ତୁମେ
ଅଭିମାନ ଗୋ ମୋହରି ପାଇଁ
ଯିବି ମୁଁ ନଶ୍ଟେ ତୁମରି ପାଶେ
ସୁହାଗ ଟିକେ ପାଇବା ପାଇଁ ।

ତୁମରି କଥା ମନରେ ଭାଳି
ବାହୁଛି ମୁହିଁ ଆଶାର ନଈ
ଆସୁ ଗୋ ଯେତେ ବାଧା ବନ୍ଧନ
ତୁଟାଇ ଯିବି ସବୁକୁ ଡେଇଁ ।



ଧନ୍ୟ ହୋଇବ ମୋହରି ପ୍ରାଣ
ପାଇବି ଯେବେ ଟିକିଏ ଛୁଆଁ
ଦୂରେଇ ଯିବ ମନର ଗ୍ଲାନି
ତୁଣ୍ଡରେ ଧରି ତୁମରି ନାଆଁ ।

ଦୂର ଆକାଶ ତାରାଟି ସତେ
ପାରିବି କି ଗୋ ତୁମକୁ ଛୁଇଁ
ଡାକିବ ଯଦି ମମତା ଦେଇ
ଲଙ୍ଘି ଯିବି ମୁଁ ପାହାଡ଼ ଭୂଇଁ ।

ଜାଣେ ଗୋ ଜାଣେ ସରଗପରୀ
ପାରିନି କେହି ତୁମକୁ ଛୁଇଁ
ଦୂରରେ ଥାଇ ଝଟକୁ ଥାଅ
ଆତୁର ପ୍ରାଣୁ ସରାଗ ପାଇ ।

■■■

ୟୁନିଟ୍ -୯ , ଭୁବନେଶ୍ୱର

# କିଛି ଭାବନା... ଅଯୌକ୍ତିକ

ପ୍ରଫେସର ବୀଣାପାଣି ତ୍ରିପାଠୀ



କିଏ ଜଣେ ଲିଭେଇ ଦିଅନ୍ତାନି
ସବୁ ସରୁ ସରୁ ଗାର ମାନଚିତ୍ର ଦେହରୁ
ବିବାକ ପୃଥିବୀ
ଭାଗେ ମାଟି  ତିନିଭାଗ ପାଣି

କୌଣସି ଏକ ଅଦ୍ଭୁତ ଯାଦୁଗରୀ ରେ
ଚେତନା ଓ ସ୍ମରଣ ରୁ
ବିସ୍ମରି ଯାଅନ୍ତାନି
ହରେକ ଧର୍ମ , ଧର୍ମ ର ବିଶ୍ୱାସ
ଏବଂ ଧର୍ମାନ୍ଧତା



ଏମିତି ହୁଅନ୍ତାନି
ସଗର୍ବ ରେ କହୁଥାନ୍ତେ ମଣିଷ କୁଳ
ଏ ବିଶ୍ୱ ମୋ ଜନ୍ମଭୂମି
ମୋ ଧର୍ମ ମାନବ ର ଧର୍ମ
ମୋ ବର୍ଣ୍ଣ ଶୀରା ଓ ଧମନୀ ର ଲାଲ ରକ୍ତ
ମୋ ଜାତି  ମାଟି ପାଣି ପବନ ଓ ଶୂନ୍ୟ
ଭଲ ପାଏ ମୁଁ ମଣିଷ ର ଭାଷା
ଯାହା କୁହେ ଆମ ଆବେଗ ଓ ପ୍ରେମ
ଜ୍ଞାନ ଓ ଗାରିମା
ପ୍ରକାଶେ ଚେତନା ର ଉଷା

ମଣିଷ ର ଭାଷା
ମାନବ ର ଧର୍ମ
ଏ  ଧରିତ୍ରୀ  ଆମ ମା' ମାତୃଭୂମି
ଏ ଭାଷା ଆମ ଗର୍ବର
ଏମିତି କହି କହି
ଜିଇଁ ଜାନ୍ତେ   ଏଇ ଆୟୁ କାଳ
ଜନ୍ମ ଜନ୍ମାନ୍ତର

ଏ ଭାବନା କି  ଅବାସ୍ତବ ଅଯୌକ୍ତିକ
ବେଳ ଅବେଳ ରେ କୁହେ ବୋଲି
ତୁମେ କଣ ମୋତେ ବାୟାଣୀ ଡାକ??

■■■

ମଧୁବନ, ଢେଙ୍କାନାଳ

# ମଧୁମୟୀ ସନ୍ଧ୍ୟା

ବାସନ୍ତୀ ବାରିକ



ଅସ୍ତ ଅରୁଣର ଗୋଧୂଳି ଲଗ୍ନରେ
ଅଳସୀ ସଞ୍ଜର ବର୍ଣ୍ଣ ବୈଭବ,
ନହୁଲି ସନ୍ଧ୍ୟାର ମୋହିନୀ-ରୂପରେ
ପ୍ରକୃତି ଶୋଭାର ଚାରୁ ସୌରଭ।

ଉଆଁସୀ ଜହ୍ନର କାଉଁରୀ ପରଶେ
କୁଆଁରୀ ପ୍ରାଣରେ ପ୍ରୀତି କାମନା,
କୁହୁକ-ପଖଲା ମହକ ସ୍ୱପ୍ନରେ
ଶିହରି ଉଠଇ ନୀଳ ନୟନା ।

ଅୟି ପ୍ରକୃତିର ଆଶା-ଅସ୍ତରାଗେ
ତନ୍ମୟ ତନ୍ତ୍ରୀରେ ତୃପ୍ତି ମହ୍ଲାର,
ପ୍ରାଚୀ ନଭଶଶୀ ଉଛୁଳା ରାଗରେ
ଚନ୍ଦ୍ରମା ସୁଷମା କି ମନୋହର।



ତାରକା ମାଳାର ରୂପ-ରୋଷଣିର
ଜହ୍ନ-ଜୋଛନାର ଝରା ଶେଫାଳି,
ବଧୁଲି ସଞ୍ଜର ଧରଣୀ କୁଞ୍ଜରେ
ଗ୍ରାମବଧୂ ଜାଳେ ସଞ୍ଜ ଦୀପାଳି।

ସନ୍ଧ୍ୟା ଅରୁଣୀମା ଲୋହିତ ରଙ୍ଗରେ
ସସାଗରା ଧରା ଉଠଇ ହସି,
ମଧୁ ଚନ୍ଦ୍ରିକାର ଜୋଛନା ଲହରୀ
ଚାରୁ ସୁଧାଧାରା ଯାଏ ବରଷି।

ଅମୃତ ଅଞ୍ଜନା ସନ୍ଧ୍ୟା ଦିଗାଙ୍ଗନା
ଧରଣୀ ଅଙ୍ଗନେ ରଙ୍ଗଦୀପାଳି,
ଆକାଶ-ଅଗଣା ରୂପ ସୌଷ୍ଠବରେ
ମଧୁମୟୀ ସନ୍ଧ୍ୟା ରଙ୍ଗବର୍ଣ୍ଣାଳୀ।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ରଚିବି ମୁଁ ଇତିହାସ

ବିପିନ୍ ମହାନ୍ତି





ମୋ ଉପରେ ଲଦା କଳଙ୍କର ଗଦା
ଯେତେ ନିନ୍ଦା ଅପବାଦ,
ଭଲ ମୁଁ ପାଇଛି କରିନି ତ କିଛି
ବଡ଼ ଏକ ଅପରାଧ ।

ଭଲ ପାଇବାଟା ଅପରାଧ ଯଦି
ଅପରାଧୀଟିଏ ହେବି,
କଳଙ୍କିତ ଏକ ନାୟକ ସାଜି ମୁଁ
ସବୁ ନିନ୍ଦା ସହିଯିବି,
ଆସୁ ପ୍ରେମ ପଥେ ଝଡ଼ ଝଞ୍ଜା ଯେତେ
କରିବି ମୁଁ ପ୍ରତିରୋଧ ।

ମଲେ ବା ମରିବି କେବେ ନ ଡରିବି
ବରିବି ମୁଁ କାରାବାସ,
ପ୍ରେମକୁ ଆୟୁଧ କରି ଅପରଧ
ରଚିବି ମୁଁ ଇତିହାସ,
ପ୍ରେମ ନାଆଁ ଶୁଣି କେହି କେବେ ପୁଣି
କରିବେନି ପ୍ରତିବାଦ ।

■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୭୧୧୪୪୯୯୧

# ଅସ୍ଥିରତା

ସରୋଜ କୁମାର ଶତପଥୀ



ଅସ୍ଥିର ଜୀବନ ଏ' ଯେ
ଅସ୍ଥିର ଏ ମନ ।
ସାହାରା ମୁଁ ପାଇନି କେଉଁଠି ?
ସମୟ ଚକରେ ଗଡ଼ିଚାଲେ
ଶତାବ୍ଦୀର ସଂଖ୍ୟା
ଜାଣେନା କାହାକୁ ମୁଁ ଯେ
କରିଛି ଅପେକ୍ଷା ।
ଆଖି ମୋର ଦେଖେ ଚାରିଆଡ଼େ
ଭୀରୁତାର ବିକଳାଙ୍ଗ ରୂପ
ଅଶାନ୍ତ ଚଳଚଞ୍ଚଳ
ହିଂସା ଓ ବିଦ୍ୱେଷ ମଧ୍ୟେ
ହୃଦୟ ମୋ କରୁଛି ବିଳାପ ।
ମିଥ୍ୟା ଖ୍ୟାତି ପାଉଅଛି ପୂଜା
ସତ୍ୟବାନ ଶୋଇଛି ଶ୍ମଶାନେ
ସବୁ କଥା ଚାଲିବନି ଆଉ
ସ୍ୱାର୍ଥପର ଗୋଷ୍ଠୀଙ୍କର ମେଳେ
ଜନତାଙ୍କ ଶେଷ ଅଶ୍ରୁ ବିନ୍ଦୁ
ଭୂକମ୍ପନ ହୋଇବ ହେ ଦିନେ ।



■■■

ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର୍ -୭୫୧୦୦୨
ମୋ : ୯୯୩୭୧୨୮୫୪୭

# ସମୟ ତ ଲାଗିବ !

ମୋହନ ମଜୀଠିଆ



ନିଜେ ତ ବୁଝିପାରିନି
ତା ବିଷୟରେ କିଛି
କେମିତି ଲେଖିବି ମୁଁ
ସମୟ ତ ଲାଗିବ ନା !
ରୂପ ତା'ର ପରା
ବର୍ଣ୍ଣନାତୀତ ସତେ
କେମିତି ବଖାଣିବି ମୁଁ
ସମୟ ତ ଲାଗିବ ନା !
କେବେ ତ ପ୍ରେମ କରିନି
ନୂଆ ନୂଆ ପ୍ରେମିକ ମୁଁ
ସମୟ ତ ଲାଗିବ ନା !
ଚିଠି ତାକୁ ଲେଖିବି ବୋଲି
ଭାବିଲିଣି କେତେଥର
ଶବ୍ଦ ଖୋଜି ପାଉନି ମୁଁ
ସମୟ ତ ଲାଗିବ ନା !
ବିଶାଳ ଏଇ ଆକାଶ
ଉଡ଼ିବାକୁ ବହୁତ ଇଚ୍ଛା
ଏବେ ହିଁ ଡେଣା ମେଲିଛି ମୁଁ
ସମୟ ତ ଲାଗିବ ନା !
ନିଦ ତ ହେଉନି ରାତିରେ
ଦିନରେ ତା ଦେଖା ନାହିଁ
ସ୍ଥିର ରହିବି କେମିତି ମୁଁ
ସମୟ ତ ଲାଗିବ ନା !
ଅବୁଝା ଏ ମନ
ଦିନରେ ଦେଖେ ସପନ
ତାକୁ ବୁଝାଇ ପାରୁନି ମୁଁ
ସମୟ ତ ଲାଗିବ ନା !
ଏଇ ଅମଡ଼ା ବାଟରେ
କେବେ ବି ଚାଲିନି
ନୂଆ କରି ପାଦ ଥାପିଛି ମୁଁ
ସମୟ ତ ଲାଗିବ ନା !



■■■

କଟକ
ମୋ : ୯୯୩୭୧ ୭୩୦୨୦

# ସ୍ୱାର୍ଥ ପାଇଁ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ସ୍ୱାର୍ଥ ପାଇଁ ଏଠି ଲଢେଇ ଲାଗିଛି
କ୍ଷମତା, ଐଶ୍ୱର୍ଯ୍ୟ,
ପ୍ରତିପତ୍ତି ଆଉ ପ୍ରତିଷ୍ଠାର
ନିଜ ପରିଚୟ, ନିଜ ପରିବାର
ସୁଖ ଶାନ୍ତି ଆଉ ଆନନ୍ଦର ।।

ପର ଆପଣାର ଭେଦଭାବ ଏଠି
ସଂକୀର୍ଣ୍ଣତା ମନ
ସୀମିତ ଭିତରେ ପରସ୍ପର
ପ୍ରକୃତିର ପାଣି ପବନ ଆଲୋକ
କିଏ ଭିଡୁଅଛି କାହାପାଇଁ ନିଜ
କାହା ପାଇଁ ପର
ସ୍ନେହ, ପ୍ରୀତି ଆଉ ମମତାର ।।

କାହା ଇତିହାସ କିଏ ଲେଖୁଅଛି
ଝରୁଛି କଲମ ଧାର
ରୋମ୍, ଗ୍ରୀକ୍ ଅବା ଫରାସୀ ଶାସନ
ଗଣତନ୍ତ୍ର ଆଉ ରାଜତନ୍ତ୍ର ପୁଣି
ସ୍ୱାର୍ଥର ନୁହେଁ କି କାରାଗାର ।।

■■■



ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୨୫୮୮୨୨୫୫୨

# ନାୟକ

ଯୋଗେଶ ମିଶ୍ର





ମାୟା ମରୀଚିକାର ରଙ୍ଗ ମଞ୍ଚରେ
ଜୀବନ ନାଟକର ତୁମେ ତ ନାୟକ
ଏ ମନ ମରି ମରି ଗଲାବେଳେ
ଏ ଦେହ ଜଳି ଜଳି ଗଲାବେଳେ
ତୁମରି କାଉଁରି ପରଶେ
ଏ ପୋଡ଼ା ମନଟି
କଅଁଳି ଆସେ ସବୁଜ ଛନ୍ ଛନ୍ ହୋଇ
ନବ ଏକ କିଷଳୟ ରୂପ ଧରି
ବ୍ୟାପିଯାଏ ମାଟିରୁ ଆକାଶ
ଆବୋରି ବସେ ତୁମରି ତିଆରି
ସମଗ୍ର ଶରୀରର ମାନଚିତ୍ରକୁ
କହୁଥାଏ
ହେ ଜୀବନ ନାଟକର ନାୟକ
ଠିଆ ହୁଅ ଲବେ
ଦେଖିବି ତୁମକୁ ଅନୁଭବି ବି ତୁମକୁ ।।

■■■

ଟିଟିଲାଗଡ଼, ବଲାଙ୍ଗିର
ପିନ୍-୭୬୭୦୩୩
ମୋ- ୮୯୧୭୩୯୬୩୪୮

# ଦୁଇ

ବିରଞ୍ଚି ମିଶ୍ର






ଯାଉଥିଲି ଦିନେ, ପରିବା ହାଟକୁ, ବାଟରେ ମାଡିଲା ଦୁଇ ।
ହାଟ ନିକଟରେ, ଶୌଚାଳୟ ଦେଖି, ତରତରେ ଗଲି ଧାଇଁ ।।

ଟେବୁଲୁ ଉପରେ, ପାଞ୍ଚଟଙ୍କା ରଖି, ଦେଖାଇଲି ଦୁଇ ଯିବି ।
କହିଲି ଭାଇନା, ଜୋର୍ ରେ ଲାଗୁଛି, କୋଉ ନମ୍ବରକୁ ଯିବି ।।

ମୋତେ ଅନାଇଲା, ଧୀରେ ପଚାରିଲା, କୋଉ ବର୍ଗ ଅଟ ଭାଇ ।
ଗୋଟେ ମାତ୍ର ଏବେ ଖୋଲାଅଛି, ତାହା ସଂରକ୍ଷିତ ବର୍ଗ ପାଇଁ ।।

କହିଲି ଯମାରୁ, ସମ୍ଭାଳି ହେଉନି, ବର୍ଗ ଫର୍ଗ ସେଠି ଥାଉ ।
ଆଉ ଡେରି ହେଲେ, ଏଠି କରିଦେବି, ଯାହାହେଲେ ପଛେ ହଉ ।।

ମୋ ଅବସ୍ଥା ଦେଖି, ଚଉକିରୁ ଉଠି, କହିଲା କୋଡିଏ ଦିଅ ।
ଶୀଘ୍ର କାମ ସାରି, ନ କହି କାହାକୁ, ଧୀରେ ଧୀରେ ଚାଲିଯାଅ ।।

■■■

ଶ୍ରୀକ୍ଷେତ୍ର, ପୁରୀ

# ତଥାପି ଆଶା

ଯଜ୍ଞଦତ୍ତ ସାମନ୍ତରାୟ



କିଏ ଜାଣିଥିଲା
ଜୀବନରେ
ଏମିତି ବି ଦିନ ଆସିବ
ବଂଚିବା ମୁସ୍କିଲ ହେବ
ମନ ଆଶା ମେଂଟିବନି
ଦୁନିଆର ସବୁ ଦ୍ୱାର
ରୁଦ୍ଧ ହୋଇଯିବ ।

କିଏ  ଜାଣିଥିଲା
ଆମେ ସବୁ
ସଭ୍ୟ ମଣିଷ
ତତଲା ଲୁହା କଡେଇର
ଜୀଅନ୍ତା  ମାଛ,
ତେଲ, ଲୁଣ,
ପାଣି ବିନା
ବଂଚିବା କଥାଟା ମିଛ ।



ତଥାପି ଆଶା ଅଛି
ବଂଚିବାରେ
ଜୀବନର ସ୍ୱାଦ
ଚାଖିବାରେ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ମଦର୍ ଟେରେସା

ରେଣୁବାଳା ଦଳାଇ



ହେ ମହନୀୟା ନାରୀ
ନଥିଲାତ ମୋହ ତୁମ
ଜନ୍ମ ମାଟି କି ମାତୃଭାଷାରେ
ମୋହ ଥିଲା ଖାଲି ତୁମ କର୍ତ୍ତବ୍ୟ ରେ
ଅସହାୟ ରଗ୍ଣଙ୍କ ସେବାରେ।



କେତେ ମହନୀୟତା ସତେ
ତୁମ ଦରଦୀ ହୃଦରେ
ଜାତି ଧର୍ମ ନଥିଲାତ ତୁମ
ତୁମ ବାଛ ବିଚାରରେ
ସୁନ୍ଦର ମନଟିଏ ଥିଲା ଖାଲି
ତୁମ ଉପହାରରେ।

ସମ୍ବୋଧିଲେ ଭାରତୀୟ
ମାଆ ବୋଲି ଭଲପାଇବାରେ
ସେବା ଥିଲା ତୁମ ଜୀବନର ଦୀକ୍ଷା
ତୁମେ ଆଜି ନଥିଲେବି
ଦେଇଛ ଜଗତକୁ ଶିକ୍ଷା।।

ତୁମେ ଏକ ମାତ୍ର ନାରୀ
ପାଇଥିଲ ସେବା ପାଇଁ
ନୋବେଲ୍ ପୁରସ୍କାର
କେତେ ଦରଦୀ ହୃଦରେ
କରୁଥିଲ ପୂଜ, ରକ୍ତ, ଘାଆ ସଫା
ଅସହାୟ ମାନଙ୍କର ହୋଇଥିଲ ସାହା।

ମଦର ଟେରେସା ବୋଲି
ରହିଗଲା ଯୁଗ ଯୁଗ ଧରି
ତୁମରି ନାଆଁ...
ସତରେ ତୁମ ମନ, ତୁମ କର୍ମ
ତୁମ ଭଲପାଇବା, ତୁମ ସେବା
ସବୁ ଥିଲା ଈଶ୍ୱରଙ୍କ ଦାନ।।

■■■

ଶିଶୁ ଭବନ ଛକ, ଭୁବନେଶ୍ୱର

# ଶୀତ ର ସନେଟ୍

**ଶ୍ରୀ କୁଞ୍ଜବିହାରୀ ସାହୁ**





ଦୁର୍ଗମ ଗିରି ପାହାଡ଼ ଛାତିରେ ଶୀତ ଘିରିଘିରି ବୁଲେ
ଶୁଭ୍ରବସନା କୁହୁଡ଼ି ମଜାରେ  ବୃକ୍ଷଲତାରେ ଝୁଲେ ।
ଶାଳ, ପିଆଶାଳ, ତାଳ- ତମାଳେ ଶୀତର ମହୁଆ ଗୀତ
ଜଙ୍ଗଲି ମଣିଷ ସାଥିରେ ବସଇ ପଉଷିଆ- ମାଘ ମିତ ।

ଧୂଳି ଧୂସର ପାହାଡ଼ି ପଥରେ ଶୀତ ଥୋଇଦିଏ ପାଦ
ପର୍ଣ୍ଣ କୁଟୀରେ ସ୍ନିଗ୍ଧ ହାସରେ ବଜାଏ ସେ ଶଙ୍ଖନାଦ
ଧାଙ୍ଗଡ଼ା ଧାଙ୍ଗଡ଼ି କୃଷ୍ଣ ଦେହରେ ଚଗଲାମି କରୁଥାଏ
ଅବୁଝା ସତେକି ଜାଙ୍ଗୁଲୁ ଶୀତଟି ଲୁଚକାଳି ଖେଳୁଥାଏ ।

ଝର ଝର ଝର ନିର୍ଝରିଣୀର ଦେହକୁ ଜାବୁଡ଼ି ଧରେ
ଥର ଥର ଥର ଥରିଲା ଓଠରେ କଅଁଳ ଚୁଚୁମା ଭରେ
ସୋରିଷ ଫୁଲିଆ ଶୀତୁଆ ସକାଳେ ଧାଙ୍ଗଡ଼ି ପଖାଳେ ଦେହ
ଧାଙ୍ଗଡ଼ା ଦେଖଇ ଲୋଭିଲା ଆଖିରେ ପାଇବା ପାଇଁକି ସ୍ନେହ ।

ଦୁଷ୍ଟ ଶୀତର ଦୁଷ୍ଟାମୀ ଯେ ଆପେ ଆପେ ଧରାପଡ଼େ
ଜାଙ୍ଗୁଲୁ ଜାଙ୍ଗୁଲୁ ଶୀତୁଆ କାକର ଦେହସାରା ସତେ ପଡ଼େ ।

■■■

ଏଲ୍ . ଆଇ. ଜି.-୧୫, ନୟାପଲ୍ଲୀ ବ୍ରିଟ୍ କଲୋନୀ
ଭୁବନେଶ୍ୱର

# ଜୀବନ ଡଙ୍ଗା

ଅଧ୍ୟାପକ ଅଜୟ ପଟ୍ଟନାୟକ



ଜୀବନ ତ ଏକ ହୁଳି ଡଙ୍ଗା
ପାଦେ ପାଦେ ଲହଡିର ଭୟ ।
କେତେବେଳେ ଆହୁଲା ଭାସିଯିବ,
କାତଖସିଯିବ,
ହାତ ଥକିଯିବ, ପାଣି ପଶିଯିବ,
ଆଉ ଲହଡି ଡଙ୍ଗାକୁ ଓଲଟାଇ ଦେବ
ତୋଫାନକୁ କି ଅବା ବିଶ୍ୱାସ
ଝିଅ ଘର କରିବ, ପୁଅ ଦୂରରେ ରହିବ ,
ପତ୍ନୀ ଫେରିଯିବ ।
ବୋତଲରୁ ମଦିରା ସରିଯିବ,
ଗିଲାସ ଭାଙ୍ଗିଯିବ,
ପ୍ରିୟାର ପୋଟଳ ଆଖି ଧୂସର ହୋଇଯିବ,
ଜୀବନ ଯାତ୍ରାରେ ସମସ୍ତେ ଚାଲିଯିବେ
ଯେ' ଝା ବାଟରେ, ହାତ ହଲେଇ,
ବାଟ କଢେଇ ସ୍ୱାର୍ଥ ସିଦ୍ଧି ପରେ
ସମୟ ଚକ୍ରର ଆବର୍ତ୍ତନରେ ।
ଜୀବନ ତ ଚୋରାବାଲିମୟ
କେତେବେଳେ ଭିଡିନେବ, ଟାଣିନେବ
ନଦୀ ଶଯ୍ୟାର ଗଭୀରତମ କୋଳକୁ
ଦେବାକୁ ଅମାପ ଆନନ୍ଦ
କାହାକୁ ଏଠି କରିବା ବିଶ୍ୱାସ
ଯେଉଁଠି ସାଙ୍ଗ ଦେବାକୁ
ମନାକରେ ନିଶ୍ୱାସ
ଏକମାତ୍ର ପରମାତ୍ମା ହିଁ ସାହା
ଉଦ୍ଧାରିବାକୁ ଏ ଭବମାୟା ।।



■■■

ନୈମିଷାରଣ୍ୟ," ଜି.ଏ. ୧୧୬, ନିଳାଦ୍ରିବିହାର
ମୋ - ୯୪୩୭୧୨୮୧୭୯

# ମାଟି

ଡ. ପ୍ରବୀଣା ପରିଡ଼ା





କୋମଳ ଆଶ୍ଲେଷରେ
ଯିଏ ଭରିଦିଏ ମନ
ଯାର କୋଳେ ବାଳୁତ
ଯୌବନରୁ ପ୍ରୌଢ ଉପସ୍ଥିତ
ମାଟିରେ ଜନ୍ମ
ମାଟିରେ ଲୀନ
ପବିତ୍ରତାର ମନ୍ତ୍ର ଗାଏ
ପଞ୍ଚ ମହାଭୂତ
ଅଭିମାନୀ ମାଟି
ଖୋଜୁଥାଏ କାଣିଚାଏ ସୁଖ,
ଏଇତ ପ୍ରକୃତିର ପରାଭବ
ବାଣ୍ଟିଚାଲେ ପଲକ ବିସ୍ତାରୀ
କଅଁଳ ଉଚ୍ଛ୍ୱାସ ଭରା
ଅସୁମାରି,
ଜୀବନ ଧାରାର ସୂତ୍ର ।

■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୭

# ଅଛବ

**କ୍ଷଣପ୍ରଭା ମହାନ୍ତି**





ବିଶ୍ୱାସର ଅଗଣାରେ
ଭାବର ପାରିଜାତ ଦେଇ
ସଜେଇ ଦେଲି,
ତୁମ ଆସିବା ବାଟକୁ।
ଅନୁରାଗ ର ରଙ୍ଗଦେଇ ପକେଇଲି ଝୋଟି
ମୋ ଘର ର ମାଟି କାନ୍ଥ,
ମୋ ଗୋବର ଲିପା ଅଗଣା,
ଠାକୁର ଘରର ମାଣ, ଗୌଣି ରେ ।

ନୀଉଛୁଁ ଣା ଜୀବନ ଯନ୍ତ୍ରଣାକୁ,
କିଛି କ୍ଷଣ ଭୁଲି ଗାଉଥିଲି ତୁମ,
ଆବାହାନି ମନ୍ତ୍ର।
ତଥାପି ମୋ ପାଇଁ ଥିଲା ଉଲୁଗୁଣ ।

ଅହଙ୍କାର, ପ୍ରତୁର୍ଜ୍ୟ ରେ ଥିବା
ମଣିଷ ତ ସବୁ କରିପାରେ,
ହେଲେ ମହାନତାରେ ମହ ମହ ହେଉଥିବା
ମହାପ୍ରଭୁ କେବେ ଦେଖନ୍ତି କି ଆଡ ଆଖିରେ ?

ଖୋଜିଲି ମୋ ଦୋଷ, ମୋ ଭାଗ୍ୟର
ଥରେ କୁହ ତୁମ ମାହେନ୍ଦ୍ର ମୁହୂର୍ତ୍ତ କୁ
କରିଛିକି କେବେ ଅପବିତ୍ର ।
ମୋ ବିନା ତ ପରିଶୋଧ ହୁଏ ନାହିଁ
ତୁମ ଅଶୌଚ କାଳ ।

ତୁମ ଷାଠିଏ ପଉଟି ବି ମୋ ଶ୍ରମର ଫଳ,
ମୋ ହାତ ଚକଟା ମାଟିର କଳସ,
ଦୀପ ରେ ନିର୍ଘଣ୍ଟ ହୁଏ
ତୁମ ଆରତୀ ର ବେଳ।

ଅଭିମାନରେ ସିନା ଗଢ଼ି ଦେଲି ବାଲି
ରଥ, ମତର ଆଖ୍ୟା ଦେଇ,
ମୋ ଭାବନା କୁ କରି ଦେଲ ଖଣ୍ଡ ବିଖଣ୍ଡିତ,
ହେଲେ ଆଜିବି ଗାଉଛି ଏ ଜାତି
ମୋ ପୋଥି ପୁରାଣ ର ଗୀତ ।

ତୁମକୁ ମୁଠାଏ ପ୍ରସନ୍ନତା ମାଗିବା ବେଳେ,
ଛିଡ଼ା ହୁଅନ୍ତି ମୋ ପରି ଅଛବମାନେ କା'କୁସ୍ତ ମୁଦ୍ରାରେ।
କାହିଁ କେଉଁ ଅନାଦି କାଳରୁ ମୋ ଭାଗ୍ୟ ନିରୁପିତ,
ତଥାପି ମୋ ଭାବନା ଯୋଜନ ବିସ୍ତୃତ।

■■■

**ମୋ. ନଂ. – ୯୪୩୮୩୮୩୧୭୧**

# ତୁମ ହସ

ବୀରେଶ୍ୱର ମହାନ୍ତି



ନିଦାଘ ଗ୍ରୀଷ୍ମର ଫୁଟନ୍ତା ତାତିରେ
ଧରଣୀ ଯେବେ ଅସ୍ତବ୍ୟସ୍ତ ହୁଏ
ବିକଳ ଚାହାଣୀ ଦରମଲା ପତ୍ରଙ୍କର
ଆଞ୍ଜୁଳାଏ ନୀର ପାଇଁ ପ୍ରାଣଟା ଅଧିର
ଅଜଣା ପାହାଡ଼ରୁ କଅଁଳ ପବନ ଦମକାଏ
କେଉଁ ଛଟକରେ ଆସି ଦେହେ ନେସି ହୋଇ ଯାଏ
ମନେ  ପଡିଯାଅ ତୁମେ
ମନେ  ପଡ଼େ ତୁମ ଲାଜ ମିଶା ହସ |

ଆକାଶେ କଳାହାଣ୍ଡିଆ ମେଘର ଗର୍ଜନ
ଚପଳାର ଯେତେ ଧମକ ଚମକ
ବରଷା ପବନରେ ଭିଜିଭିଜି ତରୁଣୀଟେ
ବେଧଡ଼କ  ହୋଇ ଆଗକୁ  ମାଡ଼ିମାଡ଼ି ଯାଏ
ଟିପିଟିପି ବରଷାର ଛିଟା
ତନୁ ମନ କରିଦିଏ ଓଦା
ମନେ  ପଡିଯାଅ ତୁମେ
ମନେ ପଡ଼େ ତୁମ ବେଧଡ଼କ ହସ |



ଶୀତ ଦିନର ନରମ ସକାଳେ
ଖରାକୁ ପିଠି  କରି ଫୁଙ୍ଗୁଳା ଦେହରେ
ନାନଜାତି ରଙ୍ଗ ବେରଙ୍ଗର ଫୁଲ
ଆମ ଗାଁ ବାଡ଼ି ବଗିଚାରେ
ଅଳସରେ ଯେବେ ଆଖି ମୁଦି ହୋଇଯାଏ
ଘୁମନ୍ତ ନୟନେ ମାଳେ ସ୍ୱପ୍ନ ଖୁନ୍ଦିଯାଏ
ମନେ ପଡିଯାଅ ତୁମେ
ମନେ ପଡ଼େ ତୁମ ଅଳସ ଆଖିର ମିଠାମିଠା  ହସ |

ଲୁଚିଛପି ବସି  ପତ୍ର ଗହଳରେ
କୋକିଳଟେ ଯେବେ କୁହୁତାନ ଭରେ
ମୁଲାୟମ ନରମ ସବୁଜ ପତ୍ରଗୁଡ଼ାକ
ସୁଲୁସୁଲିଆ ସମୀରେ ହୁଅନ୍ତି ମସଗୁଲ୍
ପୁଷ୍ପରାଜି ଇନ୍ଦ୍ରଧନୁ ରଙ୍ଗରେ ବିଭୋର
ବସନ୍ତର ରଙ୍ଗୀନ ଛିଟାରେ ମନ ମୋ ଆତୁର
ମନେ ପଡିଯାଅ ତୁମେ
ମନେ ପଡ଼ିଯାଏ ତୁମ ରଙ୍ଗଭରା ହସ |

■■■

ସି – ୧୦୫, ଶୁଭମ୍ ରଯାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୭୧୫୬୭୧

# ବ୍ୟାସକବି ଫକୀର ମୋହନ ସେନାପତି

ଗୀତାଞ୍ଜଳି ସ୍ୱାଇଁ



ସଂକ୍ରାନ୍ତି ପୁରୁଷ ଆହେ ଯୋଗଜନ୍ମା
ସାହିତ୍ୟାକାଷ ନକ୍ଷତ୍ର,
ବିଶ୍ୱ ଦରବାରେ ଟେକ ରଖିଦେଲ
ବୁଡୁଥିବା ସାହିତ୍ୟର।
ବାଲେଶ୍ୱର ଜିଲ୍ଲା ମଲ୍ଲିକାଶ ପୁରେ
ମକର ସଂକ୍ରାନ୍ତି ଦିନ,
ଅଠରଶ ତେୟାଳିଶି ଜାନୁୟାରୀ
ତେର ତାରିଖେ ଜନମ।
ପିତା ଲକ୍ଷମଣ ମାତା ସେ ତୁଳସୀ
ଖଣ୍ଡାୟତ ପରିବାରେ,
ପିତା ମାତା ହାରି ପିଲାବେଳୁ ତୁମେ
ବଢିଲ କୋଚିଲା କୋଳେ।
ଜେଜେମା କରନ୍ତି ପ୍ରାଣ ଭିକ୍ଷା ପୁଣି
ସବୁ ଦେବତାଙ୍କ ପାଶେ,
ପିର ବାବା ଦେଖି ଯାଚିଦେଲେ ତାଙ୍କୁ
ଫକିର ହୋଇଲ ବେଶେ।
ଅନେକ ଦୁରୁହ ବିପଦ କବଳୁ
ରକ୍ଷା ପାଇଛନ୍ତି ଭବେ
ଯାହା ହାତେ ଲେଖା ଓଡିଆ ସାହିତ୍ୟ
ଆଗକୁ ବାଟେଇ ନେବେ।
ଓଡିଆ ଭାଷା କୁ ବଳି ପକାଇଲେ
ପଡୋଶୀ ବଙ୍ଗାଳି ଭାଇ,
ଦୀର୍ଘ କଷ୍ଟ ସହି ମାତୃଭାଷା ସେବି
ହୀନ ଚକ୍ରାନ୍ତକୁ ସାରି।
ସମସ୍ତ ସାମର୍ଥ୍ୟ ଖଟାଇ ସାରି ସେ
ଟେକ ରଖି ମାତୃଭାଷା,
ପୁସ୍ତକ ମୁଦ୍ରଣ ନ କରି ପାରି ସେ
ହେଲେ କେତେ ଲୋକ ହସା।
ଓଡିଆ ଭାଷା କୁ ପ୍ରଚଳନ କଲେ
କୋର୍ଟ କଚେରୀ ଠାରେ,
ବଙ୍ଗାଳୀ ସମାଜ ଶତ୍ରୁ ପାଲଟିଲେ
ସମ୍ବାଦ ବାହିକା ସ୍ୱରେ।
ମାମୁଁ ପୁଅ ଭାଇ ପଠାଇ କରିଲେ
ତାଲିମ ଛାପାଖାନାର,
ବସାଇଲେ ଏକ ତାଲିମ ସାରି ସେ
ଛାପାଖାନା ମୁଦ୍ରଣର।
ସମାଜେ ସଂସ୍କାର ଆଣି ରଚିଥିଲେ
ରେବତୀ,ଡାକମୁନିସି,
ନାରୀ ସଜାଡଇ ପରିବାର ବୋଲି
ରଚି ପେଟେଣ୍ଟ ମେଡିସିନ୍।
ମାମୁଁ,ଲଛମା,ପ୍ରାୟଶ୍ଚିତ ମଧେ
ରହି ସମ ସାମୟିକ,
ସଂସ୍କାର ସହିତ ସାମ୍ପ୍ରତିକି ଖେଳ
ବହନ କରେ ପୁସ୍ତକ।
ଭାଷା ଆନ୍ଦୋଳନ କରି ଚାଲିଥିଲ
ମାତୃଭାଷା ରକ୍ଷାକରି,
ବିମ୍ ସହିତ ମାତୃଭାଷା ପାଇଁ
ଆଲୋଚନା କଲ ଜାରି।
ହେ ବିଜ୍ଞ ପୁରୁଷ ତୁମ ଜନ୍ମ ଦିନେ
ପ୍ରଣମୀ ତୁମ ପୟର,
ବିଭୁ ପାଦତଳେ କରଇ ମିନତି
ଜନ୍ମ ନିଅ ବାରମ୍ବାର।

■■■

କାନନ ବିହାର, ଫେଜ୍-୨ ,
ପଟିଆ, ଭୁବନେଶ୍ୱର - ୨୪

# ଚାରୋଟି ଚୌପଦୀ

ନିହାରିକା ରାୟ ବରାଳ



## ବିଶ୍ୱାସ

ତମେ ଥରେ  ଚାଲିଗଲେ
ଫେରାଇ ଆଣିବା
ଲାଗେ ସତେଯେମିତି
ନିଆଁ ରେ ନିଆଁ ରେ ପଶି
ସତୀତ୍ୱ କୁ ସମାଜ  କୁ ଦେବା ।

## ତମେ

ତମ କଥା  ଭାବିଲେ ହିଁ
ତମେ ଆସି ଯାଅ
ମୋ ସ୍ମୃତିର ରଥରେ ବସି
ସାରଥୀ ଯାହାର ସମୟ
ଓ ଘୋଡା ଯାହାର ମୋ ଅତିକ୍ରାନ୍ତ ବୟସ ।



## ଶୀତରାତି

ଶୀତରାତିରେ ତମେ
ଏମିତି ସ୍ୱପ୍ନ ହେଇ ଆସନି
ଛାତି ତଳେ  ଜ୍ୱଳନର  ଫୁଟନ୍ତା ଫୁଆରା
ତମ ଦୀର୍ଘଶ୍ୱାସ ରେ ନିଭେଇ ଦିଅନି ।

## ଜୀବନ

ଜୀବନ  କେତେ
ଦୁର୍ବିସହ ଏ ମହୀରେ
ସଂଚିତ  ଯେତେ ଆଶା ଓ ସ୍ୱପ୍ନ
ବିଫଳତା  ନିଏ ଧୋଇରେ
ନିତି ସକାଳୁ  ନୂଆ ସୁରୁଜ
ମୁରୁଜ ବୁଣଇ  ସହିରେ
ମୋ ସଫେଦ ମନେ
ତମ ସ୍ମୃତିରେଖା
ନେସିହୋଇ ଯାଏ
ସୁନା ସକାଳଟି ହୋଇରେ ।

■■■

ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

# କବି

ନୀଳମଣି ଚାନ୍ଦ





ଛାପା ଅକ୍ଷରରେ
ଲେଖା ପ୍ରକାଶ ପାଇବା ଦିନ
ସେ ନିଜକୁ ଭାବୁଥିଲେ
ଜଣେ କବି,
କବିତା ପାଠୋତ୍ସବରେ
ତାଙ୍କ କବିତା ପାଠ ପରେ
ଢେର୍ ତାଳିର ବର୍ଷା ଓ
ଗୌରଚନ୍ଦ୍ରିକାଟିଏ ଥିଲା କବି।

ରାଜାପୂଜା ପାଏ
ଆପଣା ରାଇଜରେ
ଆଉ କବିର ଯଶ ଘୂରେ
ଦେଶ ବିଦେଶ
ପ୍ରଶଂସା ସାଉଁଟେ
ଏ କଥା ଭାବିବା ବେଳେ
ଗର୍ବରେ ଉଚ୍ଚା
ହୋଇଯାଉଥିଲା
ତା'ର ମଥା,
କିଏ ଜଣେ କହୁଥିଲେ
କବି, ଦ୍ୱିତୀୟ ବ୍ରହ୍ମା
ସର୍ଜନା ମନସ୍କ
ପ୍ରଣାମ କରୁଛି କବି।

■■■

୨୭, ମହ୍ଵ ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# ଶୁଇ ତ ଦେ !

ନୀରଜ ଦାଶ ଶର୍ମା



କଥାନି ସରି ସରି ଆଏଲା ବେଲ୍‌କେ
ଝୁମ୍‌ରା
କାଏଁଯେ ତାର୍ (ଭାର୍‌ହ୍‌ନା)- ଓଢ଼୍‌ଣାକେ ଢ଼ାପି
ପାହା ଚିପି ଚିପି ଆଏସି
ଏଡ଼େ ହର୍‌ବରେଁ ?
କଥାନି ସରି ତ ଦେ
ହୁଁକାର୍‌କେ ହଦ୍‌ରି ତ ଦେ !
କେ'ଜାନେ କାଏଁଯେ ରାଏତ୍ ଆଏଲେଁ
ମଲିଫୁଲ୍  ଫୁଟ୍‌ସି
ଆର୍
ମନ୍ଦାର୍ ଫୁଲ୍ ଟାକିଥିସି ସୂରୁଜ୍‌କେ
ତାର୍ ପାଖ୍‌ଡ଼ା ମେଲାବାର୍ ଲାଗିଁ
କଥାନି ଭିନ୍ ଭିନ୍
ସମିଆର୍ ଧାରେଁ
କେନ୍ ଫୁଲେଁ କେନ୍ତା ମାଲ୍ ଗାଁଥି ହେସି
ଫୁଲ୍ ଆର୍ ମାଲ୍ ର କଥା ବି ଭିନ୍
କିଏ ଶୁଇଛେ
କିଏ ଚେତିଛେ
ଚେତ୍‌ଲା ଲୁକର୍ କଥାନି ବାକି ଅଛେ
ଶୁଇଲା ଲୋକ୍ କେ
ଶୁଇ ତ ଦେ !



■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭୫୮୯୯୬

# ନୀଳ ନିରିଜନ

**ଶ୍ରୀମତୀ ବସନ୍ତ ମିଶ୍ର**



ନୀଳ ନିରିଜନ ବଂଶୀ ସ୍ବନ ତୁମେ
ମୁଁ ରାଇ ବିରହିଣୀ
ତୁମେ  ପୀରତିର ଫଲଗୁ ତଟିନୀ
ମୁଁ ପ୍ରେମ ପୂଜାରିଣୀ ॥



ତୁମେ ଜହ୍ନ ରାତି ମରୁ ମରୀଚିକା
ମୁଁ ଏକ ତୃଷାର୍ତ୍ତ ଶଶା
ଅଛି ଅପେକ୍ଷାରେ ଯୁଗ ଯୁଗ ଧରି
ବୁଝାଇବାକୁ ମୋ ଆଶା
ଆସିବ କେବେ ସେ ଶୁଭ ଲଗନ ମୋ
ଦିନ ଯାଏ ଗଣି ଗଣି।
ନୀଳ ନିରିଜନ ବଂଶୀ ସ୍ବନ ତୁମେ
ମୁଁ ରାଇ ବିରହିଣୀ ॥

ନ ବାଜୁ ଶଙ୍ଖ କି ସାହାନାଇ ଆମ
ପ୍ରୀତି ସଦା ଅମଳିନ
ଥିଲେ ଯେତେ ଦୂରେ ବୁଝି ପାରିଛନ୍ତି
ଦୁହେଁ ଦୁହିଁଙ୍କର ମନ
ତେବେ ବି କାହିଁକି ସମାଜର ଆଖି
ହୁଏ ଏତେ ଅସହଣି।
ନୀଳ ନିରିଜନ ବଂଶୀ ସ୍ବନ ତୁମେ
ମୁଁ ରାଇ ବିରହିଣୀ ॥

■■■

ସମ୍ପାଦିକା, ଆମ ବ୍ୟଙ୍ଗ ପସରା
ମଣିସାହି, ମାଧବ ନଗର,
ଭଦ୍ରକ - ୭୫୬୧୮୧
ମୋ - ୯୪୩୯୫୫୪୯୬୪

# ଯୁଦ୍ଧ

ପ୍ରଜ୍ଞା ମହାନ୍ତି





ଅବିରତ ଅନ୍ତର ଯୁଦ୍ଧେ
ବିଜୟର ଶଂଖନାଦ ଶୁଣିବା ଆଶାରେ,
ମନ ମୋ ଦେଲା ସମ୍ମତ
ଚେତନାକୁ ହେବାକୁ ବିସ୍ତୃତ ।
ଚେତନାର ଅଗ୍ରଗତି ବେଳେ
ଉଭା ହେଲା ପର୍ବତସମ
ବିଦ୍ରୋହୀ ଅବିଶ୍ୱାସ,
ସାଥେ ଧରି ଅଶୁଭ ସଂକେତ
ହାରୁଥିବା ବିଶ୍ୱାସକୁ ଦେଖି,
ହେଲି ମର୍ମାହତ ।
ମୋ ହୃଦୟସ୍ଥ ଆସ୍ପୃହାର କ୍ଷୀଣ ଶିଖା
ଉଚ୍ଚତର ଆଲୋକପାଇଁ,
ସତେ ଆଉ ହେବକି ସମ୍ମତ !
ଅତିକ୍ରମୀ ପାରିବି କି
କ୍ଷୁଦ୍ରାତିକ୍ଷୁଦ୍ର ଠାରୁ ବୃହତ ତୃଟିମାନ
ଅନ୍ଧକାରେ ଦିଶିବ'କି
ବିରୋଧୀ ଉପାଦାନ ମାନ !
ଅନ୍ତର ହେଲା ବିଷାଦେ ଅବସନ୍ନ
ସତେକି ପାରିବି ଲଭି
ଈଶ୍ୱରଙ୍କ ପୁର୍ଣ୍ଣ ଦିବ୍ୟଜ୍ଞାନ !
ଅବିଶ୍ୱାସ ଭରା ଅର୍ଣ୍ଣବରେ,
ହେବା ପୁର୍ବରୁ ପତିତ
କିଏ ମୋର ଧରିନେଲା ହାତ
ଶୁଣାଗଲା ହୃଦୟରେ ଏକସ୍ୱର
ସଂଙ୍କଳ୍ପ କୁ ଦୃଢକର
ଆସ୍ପୃହା ରଖ ସ୍ୱଟିକ ସମାନ
ସରଳତା ଯଷ୍ଟି ଧରି
ଚେତନାର ପର୍ବତକୁ କର ଆରୋହଣ।
କେବଳ ରହିଲେ ସଚେତନ
ବିରୋଧତା ଖସିଯିବ ବାସିଫୁଲ ସମ,
ଲଭି ତୁ ପାରିବୁ ନିଶ୍ଚେ
ତୋ ପ୍ରଭୂଙ୍କ ଦିବ୍ୟ ଦରଶନ।
ଦିବ୍ୟବାଣୀ ଶୁଣି ଅନାହତ
ଶତଦଳ ପଦ୍ମକୋରକରେ
ସତେ ହେଲା କୋରକିତ ।

ସମ୍ବଲପୁର
ମୋ : ୯୪୩୭୩ ୬୨୪୭୩

■■■

# ସଖୀ

ମମତା ବାଳା ହୋତା



ମୁଁ ହସ
ହେଲେ ମୋତେ କାହିଁକି ହସିବା ମନା ?
ସେହି ଦରୋଟି ଅଧରରେ,
ଯେଉଁଠି ଶୈଶବଟା
ଘାଣ୍ଟି ହୁଏ ଅଳିଆ ଓ ଆବର୍ଜନା ଭିତରେ।
ମୋତେ କାହିଁକି ହସିବା ମନା ?
ସେହି ତ୍ରସିତ ପରାଣେ ,
ଯେଉଁଠି ବାର୍ଦ୍ଧକ୍ୟ ଟା ଉପହସିତ
ଅଲୋଡା ଜରାଶ୍ରମର ପ୍ରାଙ୍ଗଣେ।
ମୋତେ କାହିଁକି ହସିବା ମନା ?
ସେହି ତୃଷିତ ଆଖିରେ,
ଯେଉଁଠି ମାତୃତ୍ବ ଟା ବିଳପିତ
ଝାଡିବାକୁ ଧୂଳି ତା'ର ପଣତ କାନିରେ।
ମୋତେ କାହିଁକି ହସିବା ମନା ?
ସେହି କଅଁଳ ଓଠରେ,
ଯେଉଁଠି କୁମାରୀତ୍ବ ମଥାପିଟେ
ଯନ୍ତ୍ରଣା ଓ ବେଦନାର ମଞ୍ଜୁଷା ଭିତରେ।
ମୋତେ କାହିଁକି ହସିବା ମନା ?
ସେହି ଦରଦୀ ପ୍ରାଣରେ,
ଯେଉଁଠି ବିରହୀଟି ଛଟପଟ
ବ୍ୟାକୁଳିତ,ସନ୍ତପିତ ବିରହ ବ୍ୟଥାରେ।

■■■



ତପସ୍ୟା, ସମଲ ବ୍ୟାରେଜ, ଅନୁଗୁଳ
ମୋ - ୯୮୬୧୧ ୧୮୨୧୨

# ମୁଁ ନାରୀ

**କବିତା ନାୟକ**



ମୁଁ ନାରୀ
ଅବଳା ଦୁର୍ବଳା ବୋଲି
ଭାବ ନାହି ମନେ
ମହିଷାସୁର ବଧିଛି
ଏଇ ନାରୀ ଦିନେ ।
ମୋ ଚକ୍ଷୁ ଅନଳେ ସ୍ୱର୍ଣ୍ଣ
ଲଙ୍କା ଧ୍ୱଂସ ହେଲା
ଦୁଃଶାସନ ରକ୍ତେ ବେଣୀ
ବନ୍ଧନ ହୋଇଲା ।
ବଞ୍ଚିବି ବଞ୍ଚିବି ମୁହିଁ
ମୋ ଭାବନା ମାରି ମୁଁ ନ ଦେବି
ମୋ ପାଦକୁ ଶକ୍ତ କରି
ସଂଗ୍ରାମର ପଥେ ଚାଲି
ମୋର ମୂଲ୍ୟ ଅମୁଲ୍ୟ ଯେ
ପ୍ରମାଣ କରିବି ।
ଗଢ଼ିବୁ ଆମେରେ ଦିନେ
ଦୃଢ଼ ସଂଗଠନ
ଆମ ପାଇଁ ଆମେ ହେବୁ
ଯୁଦ୍ଧର ଆହ୍ୱାନ
ଏହାହିଁ ହୋଇବ ନାରୀ
ସଶକ୍ତିକରଣ,
ନାରୀ ସଶକ୍ତିକରଣ ।



■■■

ଏମ୍. ଆଇ. ଜି. - ୨, ୭୨/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୭
ମୋ : ୭୭୩୫୯୧୭୧୧୧



# ତଥାପି ପାହୁ ନ ଥିବା ରାତି

**ମନୋରମା ସାହୁ**



ରାତି ଧୀରେ ଧୀରେ ଆଖି ପାଲଟି ଯାଉଛି
ହଳେ ସ୍ଥିର ଆଖି
ଅନ୍ଧାରର ଆଲୁଅର
ସକାଳର ସଞ୍ଜର
ମାଟିର ଆକାଶର।
ପକ୍ଷୀର ଡେଣାରେ ଉଡୁଛି ସମୟ
ଲୋଭନୀୟ ଦିଶୁଛି ଦୁଃଖ,
ଚିହ୍ନରା ଗ୍ରାହକର ଆଶ୍ଳେଷରେ
ବଢୁଛି ରାତିର ଭୋକ।
ନଈ ଏବେ ଏବେ
ସବାର୍ ହୋଇଛି ନାଆରେ
ଝଡକୁ କାଟି ବଡ ହେଉଛି ସୂର୍ଯ୍ୟ
ଜାଲ ପକାଇ ବସିଛି ଜଞ୍ଜାଳ,
ଜୀବନକୁ ଦୁଇ ଫାଳ କରି କାଟିବାକୁ
ପନିକି ତିଆର ।
ଗର୍ଭ ବେଦନା ବଢୁଛି
ଆଲୁଅ ମୁକୁଳିବାକୁ ବ୍ୟାକୁଳ ହେଉଛି,
ହାଟରୁ ଗହଳି ଭାଙ୍ଗୁଛି
ବୋଝର ଓଜନ ବଢୁଛି
ଘର ପାଖେଇ ଆସିଲା ବେଳକୁ
ରାସ୍ତା ଲମ୍ବି ଯାଉଛି।
ଆଖି ତଥାପି ସ୍ଥିର ଅଛି
ଡୋଳାର କଳା ବାଟଟା ଖୋଲା ଅଛି
ଅନ୍ଧାର ପଶୁଛି
ଆଲୁଅ ପଶୁଛି
ଆଲୁଅ ଅନ୍ଧାର ପାଲଟୁଛି
ଅନ୍ଧାରର ଆୟୁଷ ବଢୁଛି,
ପାହିନଥିବା ରାତିଟା
ଆଖିରେ ହଲଚଲ ହେଉଛି।
ରାତି କେବେ ପାହି ଥିଲା କି ?
ପାହିଥିଲେ ପାହିଥିବ
କିନ୍ତୁ ବିଛଣା ଛାଡି ଉଠି ନଥିବ
କାରଣ କୁଆଁତାରା ତ ଏଯାଏ ଶୋଇଛି
ଆଖିରେ ଅଞ୍ଜନ ଲଗାଇ,
ଉପତ୍ୟକାରେ ଦିଶୁଛି
ତା'ର ବଢନ୍ତା ପୂରିଲା ଛାଇ।
ଖଣ୍ଡିଆଭୂତ ପରି ଉଡୁଛି ନିଃଶ୍ୱାସ
ଅନ୍ଧାରର ଉତ୍ତରୀୟ ପିନ୍ଧି
ରାତିଟା ଝାଳେଇ ଯାଉଛି,
ଚାରୋଟି ଆଖିର ଅଭିସାର
ଏବେବି ବାକି ଅଛି
ରାତି ପାହିବାକୁ ଅପେକ୍ଷା କରିଛି।

■■■

ସରକାରୀ ଉ.ପ୍ରା. ବିଦ୍ୟାଳୟ,
ପାରିଓରଡ଼, ଖୋର୍ଦ୍ଧା
ମୋ - ୭୭୩୫୦୭୫୦୬୫

# ଓଲଟ ଚଉତିଶା 'କ୍ଷ' ରୁ 'କ'

ପ୍ରସନ୍ନ କୁମାର ଦାସ



କ୍ଷିତି ମଣ୍ଡନା ହେମ ଗୋରୀରେ ,ସୁକୁମାରୀ
ଷୋଡଶୀ ନବ ନବୀନା
ଶଶାଙ୍କମୁଖୀ ସୁନ୍ଦରୀ ॥୦॥

ଲାବଣ୍ୟମୟୀ ରୂପସୀ  ଯାତନା ନଦିଅ ରୁଷି
ମାର ତୀର ହୃଦ ଭେଦକାରୀ
ବିରହେ ଫକାସି ଉଡେ
ପୀରତି ପିୟୁଷ ଲୋଡେ
ନିରାଶ ନକର ମନହାରିରେ ॥୧॥



ଧରାଧର ଉରଜାରେ   ଦାସେ ରସି ମରଜିରେ
ଥକାଅ ତୁ ନିଶି ବାସେ ଧରି
ଅଣହେଲା କଲେ ଡାକେ
ଡେଇଁ ଝାସିବି ଅନଳେ
ଠାରି କୁହ ନେତ୍ରେ ସୁବିଚାରି ରେ ॥୨॥

ଟେକ ତୋ କଞ୍ଜବଦନ ଝଟତିରେ ଜୀବଧନ
ପ୍ରାଣଘାତୀ ତୋ ଛଳନା ଛୁରୀ
ଚତୁରୀ ଚାରୁହାସିନୀ
ଉଛୁର ନକର ଧନୀ
ଘେନ ମୋ ବିନତି ଚାହାଁ ଫେରିରେ ॥୩॥

ଗଛିତ ଗୁମାନ ଛାଡ  ଗଳେ ବାହୁପାଶ ଭିଡ
ରତିରେ ସରଗ ସୁଖ ଭରି
ଖଟିବି ଚରଣେ ତୋର
ବୋଲାଇ ବାଳୀ କିଙ୍କର
କହେ ପ୍ରସନ୍ନ କାଳିଙ୍କି ସୁମରି ରେ ॥୪॥

■■■

ଭୁବନେଶ୍ୱର

# ବନ୍ଧୁ

ଶ୍ରୀମତୀ ଶୁଭ୍ରା ନନ୍ଦ



ଜୀବନର ଏହି ଦୀର୍ଘ ପଥଟିକୁ
ଏକା ଏକା ଚାଲିବାକୁ
ଆବଶ୍ୟକ ହୁଏ ଅନ୍ତରଙ୍ଗ ବନ୍ଧୁ
ଦୁଃଖ ସୁଖ ବାଣ୍ଟିବାକୁ ,
ଆନନ୍ଦ, ବିଷାଦ, ଜୟ,ପରାଜୟ
ଜୀବନର ରଙ୍ଗମଞ୍ଚ
ଧୈର୍ଯ୍ୟ ଓ ସାହାସ ଦେବା ପାଇଁ ପରା
ବନ୍ଧୁ ଟିଏ ଆବଶ୍ୟକ,
ଅମା ଅନ୍ଧାର ର ଜୀବନ ରାସ୍ତାରେ
ବନ୍ଧୁ ଯେ କ୍ଷୀଣ ଆଲୋକ
ସେ ଆଲୋକ ସାଥେ ସମୟ କାଟିଲେ
ଦୁଃଖ ହୁଏ ପ୍ରସମିତ ,
ମନର କଥାକୁ ଜୀବନ ଜ୍ୱାଳାକୁ
ବନ୍ଧୁକୁ କଲେ ପ୍ରକାଶ
ମିଳିଥାଏ ଶାନ୍ତି କଥା ପ୍ରଦାନରେ
ବଦଳେ ତାହାର ପଥ,
ବନ୍ଧୁ ଭଳି ବନ୍ଧୁ ବନ୍ଧୁ ମହାନ୍ତି ଙ୍କ
ବନ୍ଧୁ ଥିଲେ ଜଗନ୍ନାଥ
ଭକ୍ତି ବିଶ୍ୱାସ ର ଯଶ ରଖିଗଲେ
ସାକ୍ଷୀ ଆଜି ଇତିହାସ ।।



■■■

ପ୍ଲଟ ନଂ – ୧୯୪,
କପିଳପ୍ରସାଦ,ଭୁବନେଶ୍ୱର

ଇ ପତ୍ରିକା
୧ ଫେବୃୟାରୀ ୨୦୨୩

# ରାଗର ରାଗିଣୀ

ସ୍ମିତା ରଥ



କୁହୁ କୁହୁ କୁହୁ, କୋଇଲି ଗାଆ ରେ
ରାଗର ରାଗିଣୀ, ତୋଳି ତୁ ଦେଏ ରେ
ମଳୟ ପବନ, ମୃଦୁ ମୃଦୁ ସାଥେ
କୁହୁକ ଭରା ସେ, ସୁରର ତାନରେ
କୁହୁ କୁହୁ କୁହୁ ,କୋଇଲି ଗାଆ ରେ ।।

ବସନ୍ତ ସକାଳ ମନଲୋଭା ଲାଗେ
ଶୀତ ଓ ଖରାର ନୂଆ ଉଷ୍ମତା ରେ
ପଳାଶ ଫୁଲ ର ରଙ୍ଗ ଟି ଟହଟେ
ମଧୂମାଳତିର ସୁରଭି ସଙ୍ଗ ରେ
କୁହୁ କୁହୁ କୁହୁ, କୋଇଲି ଗାଆ ରେ ।।

ବଉଳ ବାସ୍ନା ର ମହକ ଆସେରେ
ମଦହୋସ ହୋଇ, ଆମ୍ବ ଗଛରେ
ପତ୍ର ର ଉହାଡୁ, ମଧୁର ସ୍ବରରେ
ସୁରରେ ଛନ୍ଦରେ,ମଳୟ ପବନେ
କୁହୁ କୁହୁ କୁହୁ ,କୋଇଲି ଗାଆରେ ।।

ରଙ୍ଗ ରୂପ ଭରା, ପ୍ରକୃତି ଚାଦର
ପୀରତି ଭାବନା, ମନରେ ଜଗାଏ
ମିଳନ ଗୀତିକା ତାଳ ରେ ଲୟ ରେ
ନାଚି ନାଚି କେତେ ସ୍ୱପ୍ନ ସେ ବୁଣେ
ହସ ହସ ଭରା ପ୍ରେମିକାର ମୁହଁ
ପ୍ରେମିକ ଆଖିରେ ନାଚି ନାଚି ଯାଏ
କୋଇଲି ସୁରର ,କୁହୁକ ତାନରେ
ପ୍ରେମ କବିତା ର ସୃଷ୍ଟି ହିଁ ହୁଏ ।।

■■■

ନୂଆଦିଲ୍ଲୀ

# ମନ୍ଦ ମଳୟ

ପ୍ରବାସିନୀ ମିଶ୍ର





ଶୀତଳ ଶୀତର ସଞ୍ଜୁଆ ସବାରୀ ବାହୁଡ଼ି ଗଲାଣି ସାଥୀ
ମନ୍ଦ ମଳୟ ମାଧୁର୍ଯ୍ୟ ମହକେ ମତୁଆଲା ମଧୁମତୀ ।
ଫଗୁଣ କହୁଛି ତୁମେ ଆସୁଅଛ ମଧୁକର ଗୁଣୁ ଗୁଣୁ
ଶତ ମୟୁଖ ଶତ ଧାରା ଜ୍ୟୋଛନା ବୁଣେ ଶତ ସ୍ମୃତି ରେଣୁ ।

ନୀଳାଭ ନିରୁତା ଅନୁଭବ ସିକ୍ତା ଦିଏ ମଧୁର ଯାତନା
ଆଖିର ଝରକା ଅଶ୍ରୁସିକ୍ତ ହୁଏ ମହକେ ମନର ବାସ୍ନା
ପାକଳ ବୟସେ ଚପଳ ଛନ୍ଦ ମାନସର ମାନସାଙ୍କ
ନିଃସଙ୍ଗ ସହର କୋମଳ କମଳ ମୃଦୁ ମଦିରାର ଝୁଙ୍କ ।

ଭଲ ପାଇବାର ପବିତ୍ର ପାପ ଦେହ ବାସ୍ନା ଠାରୁ ଦୁରେ
ମନ ବାସନାକି ସହଜେ ସମ୍ଭାଳେ ଇପ୍ସିତ ମନ ଝୁରେ
ସ୍ମୃତି ଅଛି ମୋର ସହଚରୀ ହୋଇ ପ୍ରତି ପ୍ରୀତି ପୁଲକରେ
ରଙ୍ଗ ବରଷେ ଶତ ପ୍ରତିଶତ ହୃଦୟର ପାଖୁଡ଼ାରେ ।

ମିଳନରୁ ମିଠା ପାଇବାର ନିଶା ମିଠା ଅନୁଭବ ପଣେ
ତୁମ ମଧୁବୋଲା ମନ୍ଦ ମଳୟ ଚର୍ଚ୍ଚିତ ଫୁଆର ଆଣେ ।

■■■

ସମ୍ପାଦିକା, ଦିବ୍ୟ ଦର୍ଶନ
ପୁରୀ - ୩
ମୋ : ୯୯୩୮୪୯୭୪୧୬

# ଜୀବନପଥେ

ଡ. ମନୋରଞ୍ଜନ ବିଷୋୟୀ



ଜୀବନର ରେଳ ପରେ ବସି
କେଉଁ ଏକ ଅଜଣା ଦେଶକୁ
ଆଗେଇ ଚାଲିଛି ।
ଦୁଇକଡ଼େ ସବୁଜ ଜଙ୍ଗଲ
ନାଲି ନେଳି ଅନେକ ସୌନ୍ଦର୍ଯ୍ୟ
ଦେଖିବାକୁ ଗାଡ଼ିଟା ରହୁନି
ସବୁ କିଛି ଝାପସା ଦିଶୁଛି ।
ଷ୍ଟେସନର ମଇଳା ଗନ୍ଧରେ
ଚା, ପାନ, ବିଡ଼ି ଓ ସିଗାରେଟ୍
ମଦୁଆ ମାତାଲଙ୍କ ଅଶ୍ଳୀଳ ଚାହାଣୀ
ସିଗାରେଟ୍ ଧୂଆଁ ଆଉ
ବଜାରୀ ଟୋକାଙ୍କ ଶୁଷୁରୀ
ଯୌବନକୁ ଖୋଜିବାକୁ ଯାଇ
ଅନେକ ଛକରେ ସେହି
କୋଳାହଳ ସ୍ୱରେ
ଜୀବନଟା ଘାଇଲା ହୋଇଛି
ନାଲି, ନେଳି, ସବୁଜ ସପନ
ଧକ୍କା ଖାଇ ଲୁହ ଝରାଇଛି ।

■■■



ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭



# ସବୁ ତ ବାକି ଅଛି

ପୁଷ୍ପାଞ୍ଜଳି ପଣ୍ଡା



ଦିନେ ତମେ ଆସିବ
ତମ ଆସିବାଟା ଯେ ନିଶ୍ଚିତ ଜାଣିଛି।
ଅନ୍ୟ ମାନଙ୍କୁ ବେଳ ଅବେଳରେ
ସାଙ୍ଗରେ ନେଇ ଯିବାର ଦେଖି
ବୋଧ ଦେଇଦିଏ ମନକୁ
ମୋ ପାଇଁ ତମ ଆସିବା ବେଳ
ଏବେ ହେଇନି
କିଏ ଜାଣେ କ'ଣ ହେବ ଆଗକୁ
ହେଲେ ଆଜି...
ହଠାତ୍ ତୁମ ଆସିବା ସଙ୍କେତ !
କେମିତି ସାଙ୍ଗରେ ଯିବାକୁ ମନ ହେବ
କେମିତି କାହାକୁ ବୁଝାଇହବ !
ମୁଁ କଣ କିଛି କାମ ସାରିଛି ?
କିଛି ପ୍ରତିଦାନ ର ପ୍ରତିଶ୍ରୁତି
କିଛି ପାଇବାର ପ୍ରତ୍ୟାଶା ,
ସବୁ ତ ବାକି ଅଛି ।

ଏବେ ଏବେ ସୁଆଦିଆ ଲାଗୁଥିବା ଜୀବନ
ପାଣିଚିଆ ଲାଗିବ
ପାଣି ଫୋଟକା ଜୀବନ
ଫୁଟି ଯିବାର ଭୟ ଗୋଡାଇବ।
ତୁମକୁ କ'ଣ କିଛି ମାଗିହୁଏ
ନା ସମୟ କୁ କ'ଣ ଠକିହୁଏ।
ହେଲେ ତୁମେ ହଠାତ୍ ଆସି
ମତେ ସାଙ୍ଗରେ ନେବାର
ମନ୍ତ୍ର ସିଦ୍ଧ ଯୋଜନା କରୁଛ।
କେମିତି ଯିବି ଯେ?
ଯାଣିଛ!
ଅନେକ ଥର ଝୁଣ୍ଟିଛି,ପଡ଼ିଛି,ଉଠିଛି
ଜୀବନ କୁ ଜୀଇବାର ମୋହରେ
ଜୀବନକୁ ମନଭରି ଭଲପାଇବା ରେ
ଦୌଡ଼ୁଛି ଯେ ଦୌଡ଼ୁଛି
ଏ ଗତି ବାଧାହୀନ ହେବ
ସବୁତ ବାକି ଅଛି ।।

ତୁମ ଆସିବା ସଙ୍କେତ ରେ
ଲୁହର ଝରଣା ବହିବ
କେତେ ଆଖି କୋଣରୁ
ତୁମେ ଆସିଲେ
ଆଉ ଟିକେ ଦେଖିବାକୁ ଦିଅନ୍ତନି?
ମନଭରି ଦେଖନ୍ତି
କଅଁଳ ସୁରୁଜ କୁ
ଡ଼ହ ଡହ ନିଆଁ ପୁଅନ୍ତି,
ଥଣ୍ଡା ପାଣିରେ ଗାଧୋଇପଡନ୍ତି
ରୋଷେଇ ଘରୁ ଛୁଙ୍କର ବାସ୍ନାରେ
ଖାଇଦିଅନ୍ତି
ଶୋଇପଡନ୍ତି ମାଟି ଉପରେ
ଦୁବ ଘାସର ଶେଜରେ।।

ହେଇତ ସେପଟୁ ଶୁଭୁଚି ମତେ
ଉଠ ଉଠ ଉଠ
ବାସି ମଡ଼ା ହେବନି
ରାମ ନାମ ସତ୍ୟ
ହରି ନାମ ସତ୍ୟ

■■■

କେନ୍ଦ୍ରାପଡ଼ା

# ସ୍ମୃତି

କରିସ୍ମା ତ୍ରିପାଠୀ





ଅତୀତ ର କିଛି ସ୍ମୃତି ମନେ ମୋ ପଡୁଛି,
ସାଧା କାଗଜ ରେ ଆଜି ତାକୁ ମୁଁ ଲେଖୁଛି
କିଛି ସ୍ମୃତି ହଜି ଯାଇଅଛି,
ଆଉ କିଛି
ମୋ ରଙ୍ଗ ତୁଳୀ ରେ ସଜେଇ ହେଇଛି ।
ସମୟ ଚଦରରେ ଢାଙ୍କି ହୋଇ
କିଛି ସ୍ମୃତି ମଳିନ ପଡ଼ିଛି,
ଆଉ କିଛି ନୂଆ ରଙ୍ଗେ ରଙ୍ଗେଇ ହଉଛି।

ଅତୀତ ର ସେ ଅଭୁଲା ସ୍ମୃତି,
ସେଇ ସ୍ମୃତି ସ୍ପନ୍ଦନରେ ଆଜି
ହୃଦୟ ମୋ ଅଥୟ ହେଉଛି
ସହର ର  ଏ ଝିଲମିଲ ପରିବେଶ
ମୋତେ ଆଜି ବିଷାକ୍ତ ଲାଗୁଛି ।

ମାଆ ର ସେ ମିଠା ମିଠା ଡାକ,
ବାପାଙ୍କର ତାଗିଦ ଓ ରାଗ,
ସାନ ଭଉଣୀ ର ଅଭିମାନ,
ସାଥି ପିଲାଙ୍କ ସହ ମୋର ଗଣ୍ଡଗୋଳ
ତୋଟା ରେ ସେ ଆମ୍ବ ଖିଆ,
ଅନ୍ୟ ବାଡି ରୁ ପିଜୁଳି ତୋଳା,
ବିଲରେ ସନ୍ଧ୍ୟା ଯାଏ କ୍ରିକେଟ୍ ଖେଳ,
ପୋଖରୀ ତୁଠରେ ଗାଧୁଆ ବେଳ

ଭାରି ମନେ ପଡୁଛି ସେ' କଥା,
ଜେଜେ ମାଆଙ୍କ ଭୂତ ପିଶାଚ କାହାଣୀ
ଜେଜେଙ୍କ ଗାଡ଼ି ପଛରେ ବସି ବଜାର ବୁଲା,
ଏକାନ୍ତରେ ବସି ଭାବେ
ମୁଁ ଆଜି ମୋ ପିଲାବେଳ କଥା
କଉଠି ହଜି ଗଲା ସେ ମିଠା ସମୟ ମୋର,
ମୋ ପିଲା ଦିନ,ମୋ ବାଲି ଖେଳ
ମୋ  କଣ୍ଢେଇର ବଧୂ ବେଶ,
ମିଛି ମିଛିକା ତା ବାହାଘର
କେତେ ସୁନ୍ଦର ସେ ଅତୀତ ର ସ୍ମୃତି ମୋର,
ଯେତେ ପୁରୁଣା ହେଲେ ବି
ସକାଳ ର ସୁରୁଜ ଉଦୟ ହେଲାପରି
ଉଭା ହୁଏ ମୋ ମନ ରେ ମାନସ ପଟରେ
ଚିର ଜୀବନ୍ତ ସେ ସ୍ମୃତି ମୋର,
ସାଥୀ ହୋଇ ରହିବ ସେ
ଜୀବନ ର ଶେଷ ନିଃଶ୍ୱାସ ଥିବା ଯାଏ ।

■■■

ଭୁବନେଶ୍ୱର
ମୋ :୭୦୦୮୨୭୨୧୩୫

# ଡାକ

ଧ୍ରୁବଚରଣ ଘିବେଲା

ତୁମ ପ୍ରୀତି ବୋଳା ଡାକରେ ଶରଧା
ବଳୁଅଛି ପ୍ରତିକ୍ଷଣ
କେମିତି କହିବି କୋ' ଢଙ୍ଗେ କହିବି
ତୁମେ ମୋ' ପୁନେଇଁ ଜହ୍ନ ।



ମନ ଆକାଶରେ ଉଇଁଛ ଏମିତି
ଜହ୍ନ ହେଉନାହିଁ ଅସ୍ତ
ସେ ଜହ୍ନକୁ କେବେ ବାଦଲ ଢାଙ୍କିଲେ
ମନେ ଜାଗେ କେତେ ବ୍ୟସ୍ତ ।

ତୁମ ଡାକ ବାସ ଆପଣାର ଭାବ
ବାସନାରେ କେତେ ଭରା
ଅନୁଭବେ ତାକୁ ମନ ଅଙ୍ଗନରେ
ଅହରହ ଦିନ ସାରା ।

ସବୁ ଡାକଠାରୁ ତୁମ 'ତୁମେ' ଡାକ
ଲାଗେ କାଇଁ ମିଠା ଏତେ
ଆଉ କାହା ଡାକେ ନ ଥାଏ ସେ ମିଠା
ତୁମ ଡାକରେ ଯା' ଯେତେ ।

ଆପଣଠୁ 'ତୁମେ' ଆପଣାର ଡାକ
ଆଣିଥାଏ ସିନା ଖୁସି
ତୁମେ ଡାକିଦେଲେ ଆପଣାପଣିଆ
'ତୁମେ' ରେ ସବୁଠୁ ବେଶି ।

■■■

ବଉଦରାଜ, ବୌଦ୍ଧ,
ମୋ : ୯୪୩୭୪୭୮୪୬୬


SAI ONENESS ART SCHOOL
Affiliated by :
LALIT KALA ACADEMY, Govt of Odisha
Admission Open
We Provide :
ART
MODERN DANCE
ZUMBA / AEROBICS
ODISSI
MUSIC
TABLA
H.O. MIG-1-6/4, Back Side of Market Building, BDA Colony, Chandrasekharpur, Bhubaneswar, B.O. - 1 : Mancheswar, B.O. - 2 : Damana, B.O. 3 : Sundarapada HI-Tech
Mob.: 9348172852 // 8763277337 // 7327097773

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ ପତ୍ରିକା

ଅଷ୍ଟମ ସଂଖ୍ୟା ୧ ଫେବୃୟାରୀ ୨୦୨୩

NEWTRA CREATIONS

Horizon of Creativity


Publisher :

Newtra Creations,Bhubaneswar


ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ


ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Mob : 9438621925 / 9937128547

Website: www.newtracreations.com / www.cspursahityasansad.com Email : cspursahityasansad@gmail.com